

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୭ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 07 May 2026

Vol.No. 36 ■ No.119 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ପଞ୍ଜାବର ୨ଟି ସ୍ଥାନରେ ବିସ୍ଫୋରଣ: ହାଇ ଆଲର୍ଟରେ ସୁରକ୍ଷା ଏଜେନ୍ସି



ନୂଆଦିଲ୍ଲୀ,୦୬/୫ : ମଙ୍ଗଳବାର ବିଳମ୍ବିତ ରାତିରେ ପଞ୍ଜାବରେ ତିନି ଘଣ୍ଟା ମଧ୍ୟରେ ଦୁଇଟି ବଡ଼ ବିସ୍ଫୋରଣ ଘଟିଛି। ଅମୃତସର ଏବଂ ଜଳନ୍ଧରରେ ଘଟିଥିବା ବିସ୍ଫୋରଣ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ଅମୃତସରର ଖାସା ଆର୍ମି କ୍ୟାଣ୍ଟନମେଣ୍ଟ ଅଞ୍ଚଳର ବାହାରେ ବିଳମ୍ବିତ ରାତିରେ ଏକ ବିସ୍ଫୋରଣ ଘଟିଥିଲା। ସେହିଭଳି ଜଳନ୍ଧରରେ ବିଏସ୍ଏଫ୍ ମୁଖ୍ୟାଳୟ ବାହାରେ ଏକ ସ୍କୁଟରରେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ଜଳନ୍ଧରରେ ଘଟିଥିବା ବିସ୍ଫୋରଣର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପଞ୍ଜାବରେ ଅଶାନ୍ତି ସୃଷ୍ଟି କରିବା ପାଇଁ ଷଡ଼ଯନ୍ତ୍ର ରଚାଯାଇଥିବା ସନ୍ଦେହ କରାଯାଉଛି। ପଞ୍ଜାବ ପୁଲିସ ନିଶ୍ଚିତ କରିଛି ଯେ, ବାହାରୁ କେହି ଜଣେ ଆର୍ମି କ୍ୟାଣ୍ଟନମେଣ୍ଟ ଭିତରକୁ କିଛି ବିସ୍ଫୋରକ ଫିଙ୍ଗି ଦେଇଥିଲେ, ଯାହା ଫଳରେ ବିସ୍ଫୋରଣ ଘଟିଥିଲା।ପ୍ରାରମ୍ଭିକ ସୂଚନା ଅନୁଯାୟୀ, ବାଇକ୍‌ରେ ମୁଖାପିନ୍ଧା ଲୋକମାନେ ଭିତରେ ବିସ୍ଫୋରକ ଫିଙ୍ଗି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଫରେନସିକ୍ ଦଳଗୁଡ଼ିକ ଏକ ଟିନ୍ ପରି କିଛି ପାଇଥିଲେ, ଯାହା ସୂଚାଇ ଦେଉଛି ଯେ ବାହାରୁ କେହି ଜଣେ ଭିତରେ ବିସ୍ଫୋରକ ଫିଙ୍ଗି ଦେଇଥିଲେ, ଯାହା ଫଳରେ ଏହି ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଯୋଗୁଁ ସେନା କ୍ଷେତ୍ରକୁ ଘେରି ରଖିବା ପାଇଁ ସୀମା କାନ୍ଥରେ ନିର୍ମିତ ଟିନ୍ ସେଡ୍ ଭୁଶୁଡ଼ି ପଡ଼ିଥିଲା। ଗେଟ୍ ୬ ଏବଂ ୭ ମଧ୍ୟରେ ଥିବା କାନ୍ଥ ମଧ୍ୟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ବିସ୍ଫୋରଣ ଶୁଣି ସେନା ଏବଂ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଆକ୍ରମଣଟି ଗ୍ରେନେଡ୍ ସାହାଯ୍ୟରେ କରାଯାଇଥିବା ସନ୍ଦେହ କରାଯାଉଛି। ଆଖପାଖ ଅଞ୍ଚଳରେ ତଲାସି ଅଭିଯାନ ଆରମ୍ଭ କରାଯାଇଛି। ଭାରତୀୟ ସେନାର ବୋମା ନିଷ୍କ୍ରିୟକାରୀ ଦଳ ଏବଂ ବିଶେଷଜ୍ଞଙ୍କ ସହିତ ପଞ୍ଜାବ ପୁଲିସର ଫୋରେନସିକ୍ ଦଳ ମଧ୍ୟ ଅଞ୍ଚଳ ଯାଞ୍ଚ କରୁଛନ୍ତି। ବିସ୍ଫୋରଣରେ କେହି ଆହତ ହୋଇ ନାହାଁନ୍ତି। ରିପୋର୍ଟ ଅନୁସାରେ, ଜଳନ୍ଧରରେ ବିସ୍ଫୋରଣ ସନ୍ଧ୍ୟା ୭ ରୁ ସନ୍ଧ୍ୟା ସାଢ଼େ ୭ ମଧ୍ୟରେ ହୋଇଥିଲା, ଯେତେବେଳେ ଅମୃତସରରେ ବିସ୍ଫୋରଣ ବିଳମ୍ବିତ ରାତିରେ ଘଟିଥିଲା। ସୂତ୍ର ଅନୁଯାୟୀ, ଏପର୍ଯ୍ୟନ୍ତ ତଦନ୍ତରୁ ଜଳନ୍ଧର ଏବଂ ଅମୃତସର ବିସ୍ଫୋରଣରେ ଆଇଇଡି ବ୍ୟବହାର ହୋଇଥିବା ସୂଚିତ ହୋଇଛି।

◆◆ପୃଷ୍ଠା ୭

## ରାଜ୍ୟରେ ଉପରମୁହାଁ ଅପରାଧ

### ୪୮ ଘଣ୍ଟାରେ ୫ହତ୍ୟା ତେଜୁଛି ଅସନ୍ତୋଷ




ଭୁବନେଶ୍ୱର, ୦୬/୫ (ନି.ପ୍ର): ଉତ୍ତରପ୍ରଦେଶ, ବିହାର ଭଳି ଓଡ଼ିଶାରେ ଉପରମୁହାଁ ଅପରାଧ । ବଢ଼ିଚାଲିଛି ହତ୍ୟାକାଣ୍ଡ। ସାମାନ୍ୟ କଥାରୁ ମୁଣ୍ଡ ଗଡୁଛି। ପୁଲିସକୁ ଖାତିର ନାହିଁ କି ଡର ନାହିଁ। ଥାନା ଭିତରେ ପଶି ଆକ୍ରମଣ କରିବାକୁ ପଛାଉନାହାନ୍ତି ଦୁର୍ବୃତ୍ତ। ଗଞ୍ଜାମ ଓ ବାଲେଶ୍ୱର ଆଜି ଦେବଗଡ ଓ ଝାରସୁଗୁଡାରୁ ଆଜି ଆସିଛି ହତ୍ୟାକାଣ୍ଡ ଖବର। ଗଞ୍ଜାମ ଆସିକା, ବାଲେଶ୍ୱର ସିମୁଳିଆ, ବଲାଙ୍ଗୀର କଣ୍ଟାବାଞ୍ଜି ପରେ ଆଜି ଦେବଗଡ଼ ଓ ଝାରସୁଗୁଡ଼ାରେ ରକ୍ତର ହୋଲି ଖେଳିଛନ୍ତି ଦୁର୍ବୃତ୍ତ। ସାମାନ୍ୟ ଯୁକ୍ତିତର୍କରୁ ଦେବଗଡ଼ରେ ଫିଲ୍ମ ଷ୍ଟାଇଲରେ ଘଟିଛି ହତ୍ୟାକାଣ୍ଡ। ତିଳେଇବଣି ଫାଣ୍ଡି ଅନ୍ତର୍ଗତ ଚଟିବରଘାଟରେ ରିଆମାଳ ଅଂଚଳର କାର୍ତ୍ତିକ ଓରାମ ଛିଡ଼ା ହୋଇଥିବାବେଳେ ହାଇୱା ଚଢ଼ାଇ ମାରି ଦେଇଛି ସୁଶୀଲ କିଷାନ। ଖବର ପାଇ ଅଭିଯୁକ୍ତ ସୁଶୀଲଙ୍କୁ ଜମନକିରା ପୁଲିସ ସହାୟତାରେ ଗିରଫ କରି ପଚରା ଉଚୁରା ଆରମ୍ଭ କରିଛି ଝାରସୁଗୁଡା ପୁଲିସ। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅନ୍ତର୍ଗତ ସୁଲଦିଆ ଲାଲୁମୁଣ୍ଡାରେ ଗାଁ ରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ। ନିଜ ଘର ବାରଣ୍ଡାରେ ଶୋଇଥିବାବେଳେ ପ୍ରଦୀପ ଭୋଇ ନାମକ ଯୁବକଙ୍କୁ ଗଳାକାଟି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ଲଖନପୁର ପୁଲିସ, ସାଇଣ୍ଟିଫିକ୍ ଟିମ୍ ଡଗ୍ ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଶନିବାର ଦିନ କଣାସରେ ଜଣେ ଯୁବକଙ୍କୁ ହାଣିବା ପରେ ବୁଲେଟ୍ ଚଢ଼ାଇ ମାରିବାକୁ ଉଦ୍ୟମ କରିଥିଲେ ଦୁର୍ବୃତ୍ତ। କିଛି ଦିନ ତଳେ ଢେଙ୍କାନାଳରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ପରେ ମଧ୍ୟ ହାଣି ପକାଇଥିଲେ ନୃଶଂସ। ଗତକାଲି ବୌଦ୍ଧରେ ପୁଲିସକୁ ଥାନାରେ ପଶି ଆକ୍ରମଣ କରିଥିଲେ କିଛି ଅସାମାଜିକ। କିନ୍ତୁ ଏପର୍ଯ୍ୟନ୍ତ ଉଭୟ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି ପୁଲିସ। ଏହାକୁ ନେଇ ଅସନ୍ତୋଷ ବଢୁଥିବାବେଳେ ପ୍ରଶ୍ନ ଉଠାଇଛନ୍ତି ପୁଲିସ୍ ଡିଜି।

## ଭୁବନେଶ୍ୱରରେ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ: ୩ ଜଣଙ୍କର ମୃତ୍ୟୁ



ଭୁବନେଶ୍ୱର, ୦୬/୫ (ନି.ପ୍ର): ଭୋର ରାତି ସମୟରେ ଆପାର୍ଟମେଣ୍ଟରେ ଲାଗିଲା ନିଆଁ ଆଉ ଜଳିଗଲେ ୩ ଜଣ । ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବାସନ୍ତୀ ଭିଲ୍ଲା ଆପାର୍ଟମେଣ୍ଟରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି । ମିଳିଥିବା ସୂଚନା ମୁତାବକ ଭୋର ୩.୩୦ ସମୟରେ ଲାଗିଥିଲା ଆପାର୍ଟମେଣ୍ଟରେ ନିଆଁ ଲାଗିଯାଇଥିଲା । ଆଉ ଏହି ଅଗ୍ନିକାଣ୍ଡରେ ଘଟଣାସ୍ଥଳରେ ଜଣେ ସୁରକ୍ଷାକର୍ମୀ ଓ ମହିଳା କେୟାର ଟେକରଙ୍କର ମୃତ୍ୟୁ ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ଜଣେ ନାବାଳିକାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଜୀବନ ଚାଲିଯାଇଛି ।

## ଶିଳ୍ପ ସମୃଦ୍ଧ ହେବ ଓଡ଼ିଶା, ପୁଞ୍ଜିନିବେଶର ହେବ ପେଣ୍ଟସ୍ଥଳୀ




ଭୁବନେଶ୍ୱର, ୦୫/୫ (ନି.ପ୍ର): ଗୁଜୁରାଟରେ ତିନି ଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'କୁ ସମ୍ବୋଧନ ସହ ଶିଳ୍ପପତିଙ୍କ ସହ ୱାନଟୁ ୱାନ ଆଲୋଚନା କରିଛନ୍ତି। ଓଡ଼ିଶାକୁ ବହୁବିଧ ଶିଳ୍ପ ପାଇଁ ଥିବା ସୁବିଧା ଓ ସରକାରୀ ସହାୟତା ସୁବିଧା କଥା କହି ପୁଞ୍ଜି ନିବେଶ ପାଇଁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଭାରତ ସଂକଳ୍ପକୁ ଆଉ ପାଦେ ଆଗେଇ ନେବାକୁ ଅଣ୍ଟା ଭିଡ଼ିଛି ଓଡ଼ିଶା। ପ୍ରାକୃତିକ ସଂପଦରେ ଭରପୁର ଓଡ଼ିଶାରେ ରହିଛି ଶିଳ୍ପଜଗତ ପାଇଁ ବ୍ୟାପକ ସୁଯୋଗ। ଅହମ୍ମଦାବାଦରେ ଉଚ୍ଚସ୍ତରୀୟ ନିବେଶକ ସମ୍ମିଳନୀକୁ ସମ୍ବୋଧିତ କରି ଏଭଳି ଢଙ୍ଗରେ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବାକୁ ଉଦ୍ୟମ କରିଛନ୍ତି ମୁଖ୍ୟମନ୍ତ୍ରୀ। କହିଛନ୍ତି, "ଭାରତର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ। ଆମେ ଶିଳ୍ପଜଗତକୁ ଓଡ଼ିଶାରେ ନିବେଶ କରିବାକୁ ଆମନ୍ତ୍ରିତ କରୁଛୁ ଏବଂ ମିଳିତ ଅଭିବୃଦ୍ଧି ମାଧ୍ୟମରେ ଦେଶର ସମୃଦ୍ଧିରେ ଯୋଗଦାନ ରଖିବାକୁ ଅନୁରୋଧ କରୁଛୁ।" ଏହାପରେ ୨୬ଜଣ ଶିଳ୍ପପତିଙ୍କ ସହ 'ୱାନ୍-ଟୁ-ୱାନ୍' ବୈଠକ କରିଛନ୍ତି ମୁଖ୍ୟମନ୍ତ୍ରୀ। ନିବେଶ ସୁଯୋଗ ଓ ନୀତିଗତ ସହାୟତା ବିଷୟରେ ଆଲୋଚନା କରିଛନ୍ତି । ଓଡ଼ିଶାର ସୁଦୀର୍ଘ ଉପକୂଳ ଓ ବନ୍ଦର ସୁବିଧା ବିଶ୍ୱ ବଜାର ସହ ସିଧାସଳଖ ଯୋଡ଼ି ହେବ। ସୁଦୃଢ଼ ଭିତ୍ତିଭୂମି, ବନ୍ଦରଭିତ୍ତିକ ଯୋଗାଯୋଗ ଏକୀକୃତ ଶିଳ୍ପ ପରିସଂସ୍ଥା ପାଇଁ ଉପଯୋଗୀ କରୁଛି । ଯେଉଁଠି ନିବେଶକମାନେ ପୁଞ୍ଜିନିବେଶ ସହ ଶିଳ୍ପର ସଂପ୍ରସାରଣ, ନୂଆ ଉଦ୍ଭାବନ, ଦୀର୍ଘମିଆଦି ଭାବେ କଞ୍ଚାମାଲ ଯୋଗାଣଠୁ ଆରମ୍ଭ କରି ଉତ୍ପାଦନ, ପରିବହନ ଓ ବଜାରକରଣ ସୁଲଭ ସୁବିଧା ପାଇପାରିବେ। ତେଣୁ ଖଣି ଓ ଖାଦାନରୁ ବାହାରି ରାଜ୍ୟ ସରକାର, ପେଟ୍ରୋକେମିକାଲସ, ସେମିକଣ୍ଡକ୍ଟର, ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ ଭଳି କ୍ଷେତ୍ରକୁ ସମପରିମାଣରେ ଗୁରୁତ୍ୱ ଦେଉଛନ୍ତି । ଅହମ୍ମଦାବାଦରେ ଉଚ୍ଚସ୍ତରୀୟ ନିବେଶକ ସମ୍ମିଳନୀ ଭବିଷ୍ୟତର ଓଡ଼ିଶା ପାଇଁ ଏକ ଆର୍ଥିକ ବ୍ୟବସ୍ଥାର ରୂପରେଖ ପ୍ରସ୍ତୁତ କରିଛି । ପାରମ୍ପରିକ ଶିଳ୍ପ ସହ ଆଇଟି, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଭଳି ଆଧୁନିକ କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ ଆସିବା ଆଶା କରାଯାଉଛି ।

## ସବ୍‌ସିଡି ଟଙ୍କା ପାଇଁ ଲାଞ୍ଚ: ପିଏମ୍‌ଏଫ୍‌ଏମ୍‌ଇ ଜିଲ୍ଲା ସମ୍ବଳକର୍ମୀ ଗିରଫ

ଭୁବନେଶ୍ୱର, ୦୬/୫ (ନି.ପ୍ର): ବରଗଡ଼ ଜିଲ୍ଲା ଶିଳ୍ପକେନ୍ଦ୍ର (ଡିଆଇସି)ରେ ପ୍ରଧାନମନ୍ତ୍ରୀ ଫରମଲାଇଜେସେନ୍ ଅଫ୍ ମାଇକ୍ରୋ ଫୁଡ୍ ପ୍ରୋସେସିଂ ଇଣ୍ଟରପ୍ରାଇସେସ୍ (ପିଏମ୍ଏଫ୍ଏମ୍ଇ)ର ଜିଲ୍ଲା ସମ୍ବଳକର୍ମୀ ରାକ୍ଷୀ ମେହେର, ଜଣେ ହିତାଧିକାରୀଙ୍କୁ ରିହାତି (ସବ୍‌ସିଡି) ଟଙ୍କା ପ୍ରଦାନ କରିବାକୁ ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଓଡ଼ିଶା ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ଦ୍ୱାରା ରଙ୍ଗେହାତ ଧରାପଡ଼ିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ହିତାଧିକାରୀ (ଅଭିଯୋଗକାରୀ) ପିଏମ୍ଏଫ୍ଏମ୍ଇ ଯୋଜନାରେ ଏକ ବେକେରି ୟୁନିଟ୍ (ରୁଟି କାରଖାନା) କରିବାକୁ ଋଣ ଆବେଦନ କରିଥିଲେ। ଏହି ଋଣ ଚଳିତ ବର୍ଷ ମାର୍ଚ୍ଚ ୧୫ରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ତେବେ ବକୟା ଥିବା ସବ୍‌ସିଡି ଟଙ୍କା ୩ଲକ୍ଷ ୨ହଜାର ୪ଶହ ଟଙ୍କା ପ୍ରଦାନ କରିବାକୁ ଆବେଦନ କରିଥିଲେ। ତେବେ ସମ୍ପୃକ୍ତ ଅଧିକାରୀ ମେହେର ତାଙ୍କୁ ଏହି ଟଙ୍କା ପ୍ରଦାନ କରିବାକୁ ୩୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଟଙ୍କା ତାଙ୍କର ଜମା ଖାତାକୁ ପଠାଇବାକୁ କହି ମୋବାଇଲ୍‌ରେ ଏସ୍ଏମ୍ଏସ୍ ଜରିଆରେ ଜମାଖାତା ନମ୍ବର ପଠାଇଥିଲେ। ଏନେଇ ହିତାଧିକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଜମାଟଙ୍କା ପଠାଇବା ପରେ ଭିଜିଲାନ୍ସ ବିଭାଗ ସମ୍ପୃକ୍ତ ଅଧିକାରୀଙ୍କ ମୋବାଇଲ୍ ଫୋନ୍, ଜମାଖାତା ଆଦି ଜବତ କରିଛି। ଏନେଇ ଭିଜିଲାନ୍ ?ସ ବିଭାଗ ଦୁର୍ନୀତି ନିବାରଣ ଆଇନ, ୨୦୧୮ର ଧାରା ୭ ଅନୁସାରେ ଗତକାଲି (୫ ମଇ ୨୦୨୬)ରେ ଏକ ମାମଲା ରୁଜୁ କରିଛି। ଏଭଳି ଦୁର୍ନୀତିରୁ ଆୟବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ଆଶଙ୍କାରେ ବାସଭବନ ସମେତ ୩ଟି ସ୍ଥାନରେ ଚଢ଼ାଉ କରାଯାଉଛି।

## ଖୁବ୍ ଶୀଘ୍ର ଜାରିହେବ ଜମିର ବନ୍ଦୋବସ୍ତ ସମ୍ପର୍କିତ ଏସଓପି



ଭୁବନେଶ୍ୱର, ୦୬/୫ (ନି.ପ୍ର): ଗତବର୍ଷ ବକେୟା ଥିବା ପ୍ରାୟ ୩୮ ହଜାର ଏକର ବେବନ୍ଦୋବସ୍ତ ଜମିରୁ ପ୍ରାୟ ୭ ହଜାର ଏକର ଜମିର ବନ୍ଦୋବସ୍ତ ମାମଲା ଫଇସଲା କରାଯାଇ ରୟତି ସତ୍ୱରେ ରେକର୍ଡ଼ଭୁକ୍ତ କରାଯାଇଛି । ଏହି ପରିପ୍ରେକ୍ଷୀରେ କଟକ, ପୁରୀ, ଭଦ୍ରକ, ବଲାଙ୍ଗୀର ଏବଂ ଜଗତସିଂହପୁର ଆଦି ଜିଲ୍ଲାମାନଙ୍କରେ ଅଧିକ ବକେୟା ଥିବା ମାମଲାଗୁଡ଼ିକର ବନ୍ଦୋବସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ଯୋଗ୍ୟ ବ୍ୟକ୍ତିମାନଙ୍କ ସପକ୍ଷରେ ଜମିପଟ୍ଟା ଜାରି କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି, ଯେଉଁଠି ସମ୍ପୃକ୍ତ ବ୍ୟକ୍ତିବିଶେଷ ବେବନ୍ଦୋବସ୍ତ ଜମି ନିମନ୍ତେ ସଲାମି ଦେଉ ନାହାଁନ୍ତି ; ସେ କ୍ଷେତ୍ରରେ କାରଣ ◆◆ପୃଷ୍ଠା ୭

## ହାରିବାର ଦୁଇ ଦିନ ପରେ ବି ଗାଦି ଛାଡୁନାହାନ୍ତି ମମତା: ୯ରେ ଶପଥ ଉତ୍ସବ ପାଇଁ ବ୍ରିଗେଡ୍ ଗ୍ରାଉଣ୍ଡରେ ବିଜେପିର ପ୍ରସ୍ତୁତି



ନୂଆଦିଲ୍ଲୀ,୦୬/୫ : ବେଙ୍ଗଲରେ ନିର୍ବାଚନ ପରବର୍ତ୍ତୀ ହିଂସା। ଜଳିଛି ତୃଣମୂଳ କଂଗ୍ରେସର ପାର୍ଟି ଅଫିସ୍। ଆସନସୋଲ ହେଉ କି ଜଗତବଲ୍ଲଭପୁର, ଜାମୁରିଆ ହେଉ କି ଜିଆଗଞ୍ଜ। ୧୫ ବର୍ଷର ରାଗ ଓ ରୋଷର ନିଆଁରେ ଜଳିଛି ତୃଣମୂଳ କଂଗ୍ରେସର କାର୍ଯ୍ୟାଳୟ। ପଶ୍ଚିମବଙ୍ଗର ଏକାଧିକ ଅଞ୍ଚଳରେ ତୃଣମୂଳ କଂଗ୍ରେସ ଅଫିସରେ ବଡ଼ ଧରଣର ଭଙ୍ଗାରୁଜା ଘଟଣା ସାମ୍ନାକୁ ଆସିଛି। ଉତ୍ୟକ୍ତ ବିଜେପି କର୍ମୀ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏମିତିକି ବାଦ୍ ପଡ଼ିନି ପୂର୍ବତନ ମନ୍ତ୍ରୀ ଅରୁପ ବିଶ୍ୱାସଙ୍କ ଟଲିଗଞ୍ଜ ବାସଭବନ। ଏଠି ବି ପ୍ରବଳ ହଙ୍ଗାମା, ବ୍ୟାପକ ଭଙ୍ଗାରୁଜା। ଆଉ ଯେ, କୋଲକାତା ସହରର ନ୍ୟୁମାର୍କେଟ। ଦୀର୍ଘ ବର୍ଷ ଧରି ଏଠି ଟିଏମସି ପୃଷ୍ଠପୋଷକତାରେ ଜବରଦଖଲ ଥିଲା। ଯାହାକୁ ବୁଲଡୋଜର ଲଗାଇ ହଟାଯାଇଛି। ଗାଦି ଲୋଭରେ ମାୟା ମମତା ଏବେ ବି ନିଜ ଜିଦ୍‌ରେ ଅଟଳ। ନିର୍ବାଚନ ହାରିବା ଦୁଇ ଦିନ ହେଲାଣି, ସାରା ଦେଶ ଜାଣିଲାଣି। ତଥାପି ସତେ ଯେମିତି ମୁଖ୍ୟମନ୍ତ୍ରୀ ଚୌକିକୁ ଛାଡ଼ି ପାରୁନାହାନ୍ତି। ନା ଇସ୍ତଫା ଦେଉଛନ୍ତି ନା ଦେବା ନାଁ ଧରୁଛନ୍ତି। ମମତା ଇସ୍ତଫା ନ ଦେଲେ କଣ ନୂଆ ସରକାର ଗଠନ ହୋଇ ପାରିବନି ? ରାଜ୍ୟରେ ଦେଖାଦେବ କି ସାମ୍ବିଧାନିକ ସଙ୍କଟ ? ବିଶେଷଜ୍ଞଙ୍କ କହିବା ଅନୁସାରେ, କୌଣସି ସଙ୍କଟ ଦେଖାଦେବ ନାହିଁ। ଏ କ୍ଷେତ୍ରରେ ରାଜ୍ୟପାଳ ନିଜର କ୍ଷମତା ପ୍ରୟୋଗ କରି ମମତାଙ୍କୁ ବରଖାସ୍ତ କରିପାରିବେ। ଏପଟେ ବିଦାୟୀ ମୁଖ୍ୟମନ୍ତ୍ରୀଙ୍କ ଘର ଆଖପାଖରୁ ହଟିଗଲାଣି ସୁରକ୍ଷା। କୋଲକାତା ସ୍ଥିତ କାଳିଘାଟ ହରିଶ ଚାଟାର୍ଜୀ ଲେନ୍ ରେ ମମତାଙ୍କ ସୁରକ୍ଷା ଦୁର୍ଗ ଆଉ ଆଗ ଭଳି ନାହିଁ। କେବଳ ଜ ପ୍ଲସ୍ ସୁରକ୍ଷାକୁ ଛାଡ଼ି ବାକି ରାଜ୍ୟ ପୋଲିସକୁ ସେଠୁ କାଢ଼ି ଦିଆ ସରିଛି। ସାଂସଦ ତଥା ପୁତୁରା ଅଭିଷେକ ବାନାର୍ଜୀଙ୍କ ଘର ଶାନ୍ତିନିକେତନ ବି ଏବେ ଶୂନଶାନ, ନାହିଁ କୌଣସି ପୋଲିସ୍‌ର ସୁରକ୍ଷା। ଦୁଇ ଦିନ ଧରି ସ୍ତବ୍ଧ ପାଲଟିଥିବା ମମତାଙ୍କ ବାସଭବନରେ ଆଜି କିଛିଟା ହଲଚଲ ନଜରକୁ ଆସିଛି। ପଶ୍ଚିମବଙ୍ଗ ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ୯ ତାରିଖରେ ସ୍ୱର୍ଣ୍ଣିମ ଅକ୍ଷରରେ ବିଜେପି ଲେଖିବ ନିଜ ପ୍ରଥମ ମୁଖ୍ୟମନ୍ତ୍ରୀଙ୍କ ନାଁ। ସେଥିପାଇଁ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ପ୍ରସ୍ତୁତି ଆରମ୍ଭ ହେଲାଣି।

◆◆ପୃଷ୍ଠା ୭

## ଅପରେସନ 'ଏପିକ୍ ଫ୍ୟୁରି' ଶେଷ: ରୁବିଓ




ନୂଆଦିଲ୍ଲୀ,୦୬/୫ : ଇରାନ ବିରୋଧରେ ଆମେରିକା ଏହାର ଆକ୍ରମଣାତ୍ମକ ଅଭିଯାନ ଶେଷ କରିଛି। ଆମେରିକା ଫେବ୍ରୁଆରି ୨୮ରେ ଇରାନ ବିରୋଧରେ ଆରମ୍ଭ କରିଥିବା 'ଅପରେସନ ଫ୍ୟୁରି'କୁ ଶେଷ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଂଗ୍ରେସ (ଆମେରିକା ସଂସଦ)କୁ ଏହି ଅପରେସନ ଓ ଯୁଦ୍ଧର ସମ୍ପୃକ୍ତ ପର୍ଯ୍ୟାୟ ଶେଷ ହୋଇଥିବା କହିଛନ୍ତି ବୋଲି ମଙ୍ଗଳବାର ୱାସିଂଟନର ବିଦେଶ ସଚିବ ମାର୍କ ରୁବିଓ ହ୍ୱାଇଟ ହାଉସ୍‌ଠାରେ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆମେରିକା ବର୍ତ୍ତମାନ 'ଅପରେସନ ଫ୍ରିଡମ୍' ଆରମ୍ଭ କରିଛି। ରାଷ୍ଟ୍ରପତି ଟ୍ରମ୍ପ ଅପରେସନ ଫ୍ରିଡମ୍ ମାଧ୍ୟମରେ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ସ୍ୱାଭାବିକ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଟ୍ରମ୍ପ 'ଟ୍ରୁଥ୍ ସୋସିଆଲ'ରେ ଏକ ପୋଷ୍ଟ କରି କହିଛନ୍ତି ଯେ, ପ୍ରୋଜେକ୍ଟ ଫ୍ରିଡମ୍ ସ୍ୱଳ୍ପ ସମୟ ପାଇଁ ସ୍ଥଗିତ ରଖାଯାଇଛି। ଇରାନ ସହିତ ଚୁକ୍ତି ସ୍ୱାକ୍ଷର ହୋଇପାରୁଛି କି ନାହିଁ ସେଥିପାଇଁ ଏହାକୁ ବନ୍ଦ ରଖାଯାଇଛି। ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି କାୟମ୍ ଥିଲେ ମଧ୍ୟ ଗତ ୨୪ ଘଣ୍ଟା ମଧ୍ୟରେ ହର୍ମୁଜ ପ୍ରଣାଳୀରେ ଉଭୟ ପକ୍ଷ ମଧ୍ୟରେ ଗୁଳିଗୋଳା ବର୍ଷଣ ହୋଇଛି। ଅନ୍ୟ ପକ୍ଷରେ ଇରାନ ସଂସଦର ବାଚସ୍ପତି ମହମ୍ମଦ ବଘେର ଗାଲିବାଫ୍ ମଙ୍ଗଳବାର କହିଛନ୍ତି ଯେ, ଆମେରିକାର ଉଭୟ ଅପରେସନ

# ଭଦ୍ରକ ୨୦୨୬ ଶିକ୍ଷକ ବଦଳି ପୋର୍ଟାଲ୍ ବିଳମ୍ବ: ମାଧ୍ୟମିକ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି

ଭଦ୍ରକ , ୦୬/୦୫ (ନି.ପ୍ର): ମାଧ୍ୟମିକ ଶିକ୍ଷକ ବଦଳି ପୋର୍ଟାଲ୍ ସମୟମତେ ଖୋଲୁନଥିବାରୁ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଗଭୀର ଚିନ୍ତା ଓ ଅସନ୍ତୋଷ ପ୍ରକାଶ କରୁଛନ୍ତି। ନିୟମ ଅନୁଯାୟୀ ପ୍ରତିବର୍ଷ ଫେବୃଆରୀ ମାସରେ ଅନଲାଇନ୍ ବଦଳି ପୋର୍ଟାଲ୍ ଖୋଲିବା ଏବଂ ଜୁନ୍ ମାସ ମଧ୍ୟରେ ସମସ୍ତ ପ୍ରକ୍ରିୟା ସମାପ୍ତ କରିବା ନିର୍ଦ୍ଦେଶ ଥିଲେ ମଧ୍ୟ, ବ୍ୟବହାରିକ ଭାବରେ ଏହା ପାଳନ ହେଉନଥିବାର ଅଭିଯୋଗ ଏନ. ପି. ଏସ ଶିକ୍ଷକ ସଂଘର ସଭାପତି ଶ୍ରୀଯୁକ୍ତ ପ୍ରଧାନ କରିଛନ୍ତି ୨୦୨୬-୨୭ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ମଧ୍ୟ ୨୦୨୫ ବର୍ଷର ମାଧ୍ୟମିକ ଶିକ୍ଷକ ବଦଳି ପ୍ରକ୍ରିୟା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ଏହାର ପ୍ରଭାବ ସରକାରୀ ହାଇସ୍କୁଲ ଶିକ୍ଷକମାନଙ୍କ ଉପରେ ପଡୁଛି। ଏହି ସ୍ଥିତିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକମାନଙ୍କ ବଦଳି ପ୍ରକ୍ରିୟା ପାଇଁ ଏପ୍ରିଲ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ, ସରକାରୀ ହାଇସ୍କୁଲ ଶିକ୍ଷକମାନଙ୍କ ପୋର୍ଟାଲ୍ କେବେ ଖୋଲିବ, ସେଥିପାଇଁ ଅସ୍ପଷ୍ଟତା ରହିଛି।ଶିକ୍ଷକମାନଙ୍କ କହିବା ଅନୁଯାୟୀ, ପ୍ରତିବର୍ଷ ସମୟସୀମା ନିର୍ଦ୍ଦିଷ୍ଟ ଥିଲେ ମଧ୍ୟ ବଦଳି ପ୍ରକ୍ରିୟା ବିଳମ୍ବ ହେଉଛି। ଫେବୃଆରୀରେ ପୋର୍ଟାଲ୍ ଖୋଲିବା ଓ ଜୁନ୍ ମଧ୍ୟରେ ସମାପ୍ତି ଲକ୍ଷ୍ୟ ଥିଲେ ମଧ୍ୟ ଏହା ପ୍ରାୟୋଗିକ ଭାବେ କାର୍ଯ୍ୟକାରୀ ହେଉନଥିବାରୁ ଶିକ୍ଷକମାନେ ଦୀର୍ଘ ସମୟ ଧରି ଅନିଶ୍ଚିତତାରେ ରହୁଛନ୍ତି।ଏହି ବିଳମ୍ବର ପ୍ରଭାବ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ଦୈନନ୍ଦିନ ଜୀବନରେ ଗଭୀର ଭାବେ ପଡୁଛି। ଅନେକ ଶିକ୍ଷକ ନିଜ ଘରୁ ୫୦୦ ରୁ ୬୦୦ କି.ମି. ଦୂରରେ କାର୍ଯ୍ୟରତ ଥିବାରୁ ବୃଦ୍ଧ ଓ ରୋଗୀ ପିତାମାତାଙ୍କୁ ଛାଡ଼ି ରହିବାକୁ ବାଧ୍ୟ ହେଉଛନ୍ତି। ଏହାରୁ ସେମାନେ ଗଭୀର ମାନସିକ ଚାପ ଓ ପରିବାରିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ, ଗୁରୁତର ଅସୁସ୍ଥ ଥିବା କିଛି ଶିକ୍ଷକ ଆବେଦନ ପ୍ରକ୍ରିୟା କରିପାରୁନଥିବାରୁ ଚିକିତ୍ସା ଓ ସ୍ଥାନାନ୍ତରଣ ସୁବିଧା ନପାଇ ଅସୁବିଧା ଭୋଗୁଛନ୍ତି। ଏହି ଅବସ୍ଥାରେ କିଛି ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମୃତ୍ୟୁ ଘଟିଥିବା ଖବର ମଧ୍ୟ ଆସିଛି, ଯାହା ଶିକ୍ଷକ ସମୁଦାୟ ପାଇଁ ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ ବିଷୟ।ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ତୁରନ୍ତ ଅନଲାଇନ୍ ବଦଳି ପୋର୍ଟାଲ୍ ଖୋଲିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସ୍ୱଚ୍ଛତା ରକ୍ଷା ପାଇଁ ଅନଲାଇନ୍ ପ୍ରଣାଳୀରେ ବଦଳି ପ୍ରକ୍ରିୟା ଚାଲିଥିଲେ ମଧ୍ୟ, ସମୟମତେ ପୋର୍ଟାଲ୍ ଖୋଲିବା ଅତ୍ୟାବଶ୍ୟକ ବୋଲି ଜୋର ଦେଇ କହିଛନ୍ତି।

# ଚନ୍ଦନଭାଟି କଲ୍ୟାଣମଣ୍ଡପ ଉପରମହଲା ଉଦ୍ଘାଟନ କଲେ ନରସିଂହ: ଚନ୍ଦନଭାଟିର ବିକାଶ ପାଇଁ କାମ ଜାରି ରହିବ: ନରସିଂହ

ବଲାଙ୍ଗିର, ୦୬/୦୫ (ନି.ପ୍ର):ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ପଂଚାୟତର ଚନ୍ଦନଭାଟି ଗ୍ରାମ ଏ ଅଂଚଳରେ ଅନେକ ଗୁରୁତ୍ୱ ବହନ କରେ । ଚନ୍ଦନଭାଟିର ଶିକ୍ଷା, ସଂସ୍କୃତି ଓ ଉନ୍ନତ କୃଷି କ୍ଷେତ୍ର ବଲାଙ୍ଗିରର ବିକାଶ ଦିଗରେ ଅନେକ ପ୍ରଭାବ ପକାଇଥାଏ । ୨୦୧୪ ରୁ ୨୦୨୪ ମଧ୍ୟରେ ଏହି ଅଂଚଳବାସୀଙ୍କ ଅନୁରୋଧ କ୍ରମେ ଚନ୍ଦନଭାଟି ପାଇଁ ରୋଡ, ରାସ୍ତା, ପିଇବା ପାଣି, ସାମାଜିକ କାର୍ଯ୍ୟକ୍ରମ ପାଇଁ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଂଟର, ଧାର୍ମିକ ଅନୁଷ୍ଠାନ ପାଇଁ ସୁଦୃଶ୍ୟ ମନ୍ଦିର ଏପରି ଅନେକ ବିକାଶମୂଳକ କାମ କରାଯାଇଛି । ଯଦିଓ ମୁଁ ଏବେ କୌଣସି ପଦ ପଦବୀରେ ନାହିଁ ତଥାପି ମଧ୍ୟ ଚନ୍ଦନଭାଟି ଲୋକଙ୍କ କାମ କେବେ ଅଟକିବ ନାହିଁ । ଅଂଚଳର ବିକାଶ ପାଇଁ କାମ ସବୁବେଳେ ଜାରି ରହିବ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ତାଙ୍କ ବିଧାୟକ ଥିବା ବେଳେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ନିର୍ମିତ ହୋଇଥିବା କଲ୍ୟାଣ ମଣ୍ଡପର ଉପରମହଲା ଉଦ୍ଘାଟନ ଅବସରରେ ଉପସ୍ଥିତ ଲୋକଙ୍କ ଉଦ୍ଦେଶ୍ୟରେ କହିଛନ୍ତି । ଉଦ୍ଘାଟନ ପରବର୍ତୀ ସଭାରେ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ, ଏକତାର ରାସ୍ତା ସବୁବେଳେ ବିକାଶ ଦିଗକୁ ମୁହାଁଇଥାଏ । ଆପଣମାନଙ୍କ ଭିତରେ ଥିବା ଏକତା ହିଁ ଏ ଅଂଚଳର ବିକାଶ ପାଇଁ ମତେ ପ୍ରେରଣା ଯୋଗାଇଥିଲା । ତେଣୁ ଆପଣମାନେ ନିଜ ଭିତରେ ଭାଇଚାରା ରଖନ୍ତୁ, ଏକତାବଦ୍ଧ ହୋଇ ପ୍ରତ୍ୟେକେ ପ୍ରତ୍ୟେକଙ୍କ ଅଭାବ ଅସୁବିଧାରେ ସାମିଲ ହୁଅନ୍ତୁ ଆପଣ ଆପଣଙ୍କ ଏବଂ ଏହି ଅଂଚଳର ବିକାଶକୁ କେହି ଅଟକେଇ ପାରିବେ ନାହିଁ । ଏଠାରେ ସୂଚନାଯୋଗ୍ୟ ଯେ, ଚନ୍ଦନଭାଟିର ସୁକତେଲ ନଦୀ ତଟରେ ଶ୍ରୀ ମିଶ୍ରଙ୍କର ବିଧାୟକ ଭାବେ ପ୍ରଥମ ପାଳିରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ଏକ ସୁଦୃଶ୍ୟ କଲ୍ୟାଣ ମଣ୍ଡପ ଶ୍ରୀ ମିଶ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଯୋଗୁଁ ଲୋକେ ପୁଣି ତା'ର ଉପର ମହଲା ପାଇଁ ଦାବି ଜଣାଇବାରୁ ଶ୍ରୀ ମିଶ୍ର ପୁଣି ଉପରମହଲା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିରୁ ୩୫ ଲକ୍ଷ ଟଙ୍କାର ଅନୁଦାନ ବନ୍ଦୋବସ୍ତ କରିଥିଲେ ଯାହାକି ଆଜି ଶହ ଶହ ମହିଳା ପୁରୁଷଙ୍କ ଉପସ୍ଥିତିରେ ଉଦ୍ଘାଟନ ହୋଇଯାଇଛି । ଏହା ସହିତ ତଲି ମେହେରପଡା ଠାରେ ଶ୍ରୀ ମିଶ୍ର ବିଧାୟକ ଥିବାବେଳେ ବିଧାୟକ ପାଣ୍ଠିରୁ ଅନୁଦାନ ଦିଆଯାଇ ନିର୍ମାଣ କରାଯାଇଥିବା ଏକ କମ୍ୟୁନିଟି ସେଂଟରକୁ ମଧ୍ୟ ଶ୍ରୀ ମିଶ୍ର ଲୋକାର୍ପିତ କରିଥିଲେ ।

ଏହି ଅବସରରେ ଶ୍ରୀ ମିଶ୍ରଙ୍କ ବ୍ୟତିତ ବର୍ଷିୟାନ ନାଗରିକ କପିଳେଶ୍ୱର ପାଣିଗ୍ରାହୀ, ଗଣେଷ ମେହେର, ଲିଙ୍ଗରାଜ ମେହେର, ଶିବ ପ୍ରସାଦ ମେହେର, କଂଗ୍ରେସ ନେତା ରାମ ମିଶ୍ର ପ୍ରମୁଖ ମଂଚାସିନ ଥିଲେ ।

## ଝାରସୁଗୁଡ଼ାରେ ୭ ଦିନିଆ ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପିତ

ଝାରସୁଗୁଡ଼ା , ୦୬/୦୫ (ନି.ପ୍ର): ମିଶନ ଶକ୍ତି ବିଭାଗ, ଓଡିଶା ସରକାରଙ୍କ ପକ୍ଷରୁ ଗତ ୨୮ ଏପ୍ରିଲରୁ ଆରମ୍ଭ ହୋଇଥିବା ୭ ଦିନିଆ ସୁଭଦ୍ରା ଶକ୍ତି ମେଳା ଆଜି ବିଟିଏମ ପଡିଆ, ଝାରସୁଗୁଡ଼ାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ସାମଲ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାଂସଦଙ୍କ ପ୍ରତିନିଧି ଲଳିତ ମଗର ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।
ଅନ୍ୟାନ୍ୟ ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଜିଲ୍ଲା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ ଓ କିର୍ମିରା ବ୍ଲକ୍ ଉପାଧକ୍ଷା ସାବିତ୍ରୀ ମାଝୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ।
ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର "ସୁଭଦ୍ରା ମାଆ"ମାନଙ୍କୁ ସମ୍ବର୍ଦ୍ଧନା ଓ ଚେକ ବଣ୍ଟନ କରାଯାଇଥିଲା। ସ୍ୱୟଂ ସହାୟକ ମହିଳାମାନଙ୍କ ଦ୍ୱାରା ରୂପଚର୍ଯ୍ୟା ପ୍ରଦର୍ଶନୀ ଆକର୍ଷଣ କେନ୍ଦ୍ର ଥିଲା। ଶେଷ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରେନ୍ ଝେନ୍ ଦଳର ସମ୍ବଲପୁରୀ ନୃତ୍ୟ, ମହିମା ମିଶ୍ରଙ୍କ ରଙ୍ଗାରଙ୍ଗ ପ୍ରସ୍ତୁତି ଓ ଆଦିବାସୀ ଭାଇ ବ୍ୟାଣ୍ଡଙ୍କ ନାଗପୁରୀ ଅର୍କେଷ୍ଟ୍ରା ଦର୍ଶକମାନଙ୍କୁ ମନୋରଞ୍ଜନ କରିଥିଲା।
ସମଗ୍ର ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସକ୍ରିୟ ଅଂଶଗ୍ରହଣ ଦେଖାଯାଇଥିବା ସହ ମହିଳା ସଶକ୍ତିକରଣର ସନ୍ଦେଶ ପ୍ରଚାରିତ ହୋଇଛି।

# ସେଲ୍ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅପ୍ରେଲ ୨୦୨୬ରେ ଶ୍ରେଷ୍ଠ ଉତ୍ପାଦନ ରେକର୍ଡ ହାସଲ



ରାଉରକେଲା, ୦୬/୦୫ (ନି.ପ୍ର): ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଅଧିନସ୍ଥ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଉତ୍କର୍ଷ କାର୍ଯ୍ୟ କ୍ଷମତା ସହିତ ନିଜର ନିରନ୍ତର କ୍ଷମତା ଉପଯୋଗକୁ ଗୁରୁତ୍ୱ ଦେଇ ଗତ ଅପ୍ରେଲ ମାସରେ ଏହାର ଶ୍ରେଷ୍ଠ ଉତ୍ପାଦନ ରେକର୍ଡ ହାସଲ କରିଛି। ଉଲ୍ଲେଖନୀୟ ଯେ, ଅପ୍ରିଲ ମାସିକ ପ୍ରଦର୍ଶନରେ, ସିଣ୍ଟର ପ୍ଲାଣ୍ଟ-୩ ବିଭାଗ ୩,୧୩,୨୩୪ ଟନ୍ ସିଣ୍ଟର ଉତ୍ପାଦନ ହାସଲ କରିଛି, ଯାହା ଅପ୍ରେଲ ମାସରେ ଶ୍ରେଷ୍ଠ ସମୁଦାୟ ସିଣ୍ଟର ୬,୧୧,୨୫୯ ଟନ୍ ଉତ୍ପାଦନ କରିବାରେ ପ୍ରମୁଖ ଯୋଗଦାନ ଦେଇଛି । ଅନୁରୂପ ପ୍ରଦର୍ଶନକୁ ପ୍ରତିଫଳିତ କରି - ବ୍ଲାଷ୍ଟ ଫର୍ଣ୍ଣେସ୍ ୫ (ବିଏଫ୫) ମଧ୍ୟ ଅପ୍ରେଲ ଉତ୍ପାଦନ ୨,୭୩,୧୮୬ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ରେକର୍ଡ ହାସଲ କରି ଥିଲା। ଅପ୍ରେଲ ମାସରେ ଷ୍ଟିଲ୍ ମେଲ୍ଟିଂ ସପ -୨ (ଏସଏମଏସ-୨) ବିଭାଗ ମଧ୍ୟ ୩,୧୮,୯୨୫ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କରି ଉତ୍କର୍ଷ ହାସଲ କରି ଥିବା ବେଳେ ଉଭୟ ଷ୍ଟିଲ୍ ମେଲ୍ଟିଂ ସପ ରୁ ମୋଟ ଅଶୋଧିତ ଇସ୍ପାତ ୩ ,୪୩,୩୬୫ ଟନ୍ ଥିଲା। ଫିନିସିଂ ମିଲ୍ ଗୁଡ଼ିକରେ ନ୍ୟୁ ପ୍ଲେଟ୍ ମିଲ୍ ୮୮,୨୦୩ ଟନ୍ ପ୍ଲେଟ୍ ରୋଲ୍ କରି ଥିବା ବେଳେ ହଟ୍ ଷ୍ଟ୍ରିପ୍ ମିଲ୍ -୨ (ଏଚଏସଏମ-୨) ବିଭାଗ ରୁ ଏଚଆର କଏଲ୍ (ମୋଟ) ୨,୩୦,୮୩୧ ଟନ୍ ରୋଲିଂ ହୋଇଥିଲା, ଉଭୟ ବିଭାଗ ର ଏହା ଅପ୍ରେଲ ମାସର ଶ୍ରେଷ୍ଠ ପ୍ରଦର୍ଶନ । ସେହିପରି, ଏଚଏସଏମ-୨ ବିଭାଗ ର ସିଟ୍ ସିଅରିଂ ଲାଇନ୍ (ଏସଏସଏଲ)ରୁ ଏଚଆର ପ୍ଲେଟ୍ ଉତ୍ପାଦନ ୨୬,୬୮୬ ଟନ୍ ହୋଇଥିଲା। ଅପ୍ରେଲ ମାସରେ ମୋଟ ବିକ୍ରୟଯୋଗ୍ୟ ଇସ୍ପାତ ୩,୬୧,୮୦୧ ଟନ୍ ଅତିକ୍ରମ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହି ପ୍ରଦର୍ଶନ, ଆରଏସପିର ଦକ୍ଷ କର୍ମଚାରୀ ଏବଂ ରଣନୈତିକ କାର୍ଯ୍ୟ ପଦକ୍ଷେପ ଦ୍ୱାରା ଉତ୍ପାଦକତା ଏବଂ ଦକ୍ଷତା ଦିଗରେ ନିରନ୍ତର ପ୍ରୟାସକୁ ଦର୍ଶାଉଅଛି । ଏଥିସହିତ, ଆରଏସପି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହାର ବାର୍ଷିକ ଉତ୍ପାଦନ ଯୋଜନା ଅନୁରୂପ ମାସିକ ଉତ୍ପାଦନ ଲକ୍ଷ୍ୟ ହାସଲ । ଏଥିରେ କୋକ୍ ଓଭନ୍ ବ୍ୟାଟେରୀ-୬ ରେ ପ୍ରତିଦିନ ୩୬୩ ଟି ଓଭନ୍ ପୁସିଂ, ସିଣ୍ଟରିଂ ପ୍ଲାଣ୍ଟ-୧ ରୁ ୧,୨୭,୨୩୫ ଟନ୍ ର ସିଣ୍ଟର ଉତ୍ପାଦନ, ସିଣ୍ଟରିଂ ପ୍ଲାଣ୍ଟ-୨ରୁ ୧,୭୦,୭୯୦ ଟନ୍ ୟର ସିଣ୍ଟର ଉତ୍ପାଦନ, ଏଚଏସଏମ -୨ ବିଭାଗ ରୁ ୧,୮୯,୨୦୫ ଟନ୍ ବିକ୍ରିଯୋଗ୍ୟ ଏଚଆର କଏଲ ଏବଂ ୫,୦୧୯ ଟନ୍ ର ଇ ଆର ଡବ୍ଲ୍ୟୁ ପାଇପ୍ ଉତ୍ପାଦନ ଅନ୍ତର୍ଭୁକ୍ତ ଅଛି । ଏହି ଉଲ୍ଲେଖନୀୟ ସଫଳତା ସୂଚକ ଅପ୍ରେଲ ପ୍ରଦର୍ଶନ ସମଗ୍ର ସେଲର ଉତ୍ପାଦନ ଲକ୍ଷ୍ୟ ସହିତ ଆରଏସପିର କାର୍ଯ୍ୟ ଦକ୍ଷତା, ନବସୃଜନ ଏବଂ ସମନ୍ୱୟ ପ୍ରତି ପ୍ରତିବଦ୍ଧତାକୁ ଦୋହରାଇଛି ।

# ମଣ୍ଡନଠାରୁ ପୁନ୍ଦାଳ କେନାଲର ଲାଇନିଂ କାମ ଆରମ୍ଭରୁ ନହେବାର ରହସ୍ୟ

ସାଲେପୁର, ୦୬/୦୫ (ନି.ପ୍ର): ଚାଷୀମାନଙ୍କର ସୁବିଧା ପାଇଁ ଲୁଣା-ଚିତ୍ରୋତ୍ପଳା ଦୀପାଂଚଳରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଇ ପଟ୍ଟନାୟକଙ୍କ ଉଦ୍ୟମ ଫଳରେ ଦୁଇଟି କେନାଲ ଖୋଲାଯାଇଥିବା କେନ୍ଦ୍ରାପଡା କେନାଲରୁ ଲୁଣାନଦୀରେ ସାଇଫନ୍ କରାଯାଇ ମଣ୍ଡନଠାରୁ ପୁନ୍ଦାଳ ପର୍ଯ୍ୟନ୍ତ ଏବଂ ମଣ୍ଡନଠାରୁ କରାଣ୍ଡିଆ ପର୍ଯ୍ୟନ୍ତ ଦୁଇଟି କେନାଲ ଓ ଏହାର ଶାଖା କେନାଲମାନ ଖୋଲାଯାଇ ଚାଷୀମାନଙ୍କୁ ଦ୍ୱୀପାଂଚଳରେ ଥିବା ଚାଷୀମାନଙ୍କୁ କେନାଲ ପାଣି ଯୋଗାଇ ଦିଆଯିବା ଦ୍ୱାରା ଚାଷୀମାନଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଥିଲା । ସମୟକ୍ରମେ କଂଗ୍ରେସ ସରକାର ପରେ ପରେ ବିଜେଡି ସରକାର ଆସିଲା ପରେ ସରକାରଙ୍କର ରାଜନୈତିକ ଇଚ୍ଛାଶକ୍ତିର ଅଭାବ କି ସ୍ଥାନୀୟ ଲୋକମାନଙ୍କର ଖାମଖିଆଲି ମନଭାବ ପାଇଁ କେନାଲ ଗୁଡିକର ରକ୍ଷଣା ବେକ୍ଷଣ ଅଭାବରୁ କେନାଲ ଗୁଡିକ ପୋତି ହୋଇଯିବା ଦ୍ୱାରା ମଣ୍ଡନଠାରୁ ପୁନ୍ଦାଳ ଯାଇଥିବା କେନାଲର ଶେଷ ମୁଣ୍ଡକୁ ସୂଚାରୁ ରୂପେ ପାଣି ଯାଇ ପାରେ ନାହିଁ । ଫଳରେ ଚାଷୀମାନେ ନିଜର ଜୀବିକା ହରାଇବା ସଦୃଶ ହୋଇପଡିଲା । ଏହି କେନାଲଟି ତିନୋଟି ନିର୍ବାଚନ ମଣ୍ଡଳୀ ଯଥା କଟକ ସଦର, ମାହାଙ୍ଗା ଓ ପାଟକୁରା ନିର୍ବାଚନ ମଣ୍ଡଳୀ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିବାରୁ ମୁହାଣ ଉପରେ କାହାରି ନଜର ପଡୁନଥିବା ଦେଖାଦେଇଥିବାରୁ ଶତାଧିକ ଚାଷୀ ଦସ୍ତଖତ ସମ୍ବଳିତ ଦରଖାସ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଏହି କେନାଲକୁ ଲାଇନିଂ କରିବା ପାଇଁ ଅନୁମୋଦନ କରିଥିଲେ ମଧ୍ୟ ଆବଶକୀୟ ଅର୍ଥରାଶି ନଥିବାରୁ ସେତେବେଳେର କାମଟି ସରକାରୀ ଫାଇଲ ତଳେ ରହିଯାଇଥିଲା । ରାଜ୍ୟରେ ଡବଲ ଇଂଜିନ ସରକାର ଆସିବା ପରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଓ ମାହାଙ୍ଗା ବିଧାୟକଙ୍କ ଉଦ୍ୟମ ଫଳରେ ଏହି କେନାଲ ଦ୍ୱୟକୁ ଲାଇନିଂ କାର୍ଯ୍ୟ କରିବା ପାଇଁ ପ୍ରାୟ ୧୦୦ କୋଟି ଟଙ୍କା ଅନୁଦାନ ରାଶି କରାଇଥିଲେ । ଫଳରେ ଏହି କାମ ହେଲେ ପୂର୍ବରୁ ଅବହେଳିତ ହୋଇଥିବା ଚାଷୀମାନେ ସଠିକ୍ ଭାବେ ପାଣି ପାଇବା ସାଙ୍ଗକୁ ବାଟରେ ନଷ୍ଟ ହେଉଥିବା ପାଣି ଠିକ୍ କାମରେ ଲାଗିବ ବୋଲି ସରକାର ଆକଳନ କରିଥିଲେ । ସୂଚନାଯୋଗ୍ୟ ଯେ, ମଣ୍ଡନ ଠାରୁ ପୁନ୍ଦାଳ କେନାଲ ଦୁଇଟି ପର୍ଯ୍ୟାୟ ଯଥା ମଣ୍ଡନଠାରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ୨୦ କୋଟି ଟଙ୍କା ବିନିମୟରେ କାମ ହେବ ବୋଲି ମାହାଙ୍ଗା ବିଧାୟକ ଶିଳାନ୍ୟାସ କରିଥିଲେ । ହେଲେ ବଡ ଆଶ୍ଚର୍ଯ୍ୟର କଥା ଏହି କେନାଲର କାମ ମଣ୍ଡନ ପାଖରୁ ନହୋଇ କେନାଲ ମଧ୍ୟସ୍ଥଳରୁ ଆରମ୍ଭ ହେଉଥିବାରୁ ସଦର ବିଧାୟକଙ୍କର ମନବଳ ଭାଙ୍ଗିଯାଇଥିବା ଜଣାପଡିଛି । ସାଧାରଣତଃ କେନାଲ ଆରମ୍ଭରୁ ଶେଷ ଆଡକୁ ନଯାଇ ଶେଷ ଆଡୁ ଆରମ୍ଭ ଆଡକୁ କାମ ହେଉଥିବାରୁ ଚାଷୀମାନଙ୍କ ମନରେ ଆନନ୍ଦ ଉଲ୍ଲାସ ନଥିବା ଦେଖିବାକୁ ମିଳିଛି । ଏଥିପ୍ରତି ବିଭାଗୀୟ ମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଚୂର୍ଣ୍ଣମୁହାଣ ପରେ ମୁରସୁଣ୍ଡରେ ବାଲି ମାଫିଆ ସକ୍ରିୟ

ବଲାଙ୍ଗିର, ୫ ମଇ (ହି.ସ.)- ବଲାଙ୍ଗିର ଜିଲ୍ଲାର ସୁକତେଲ ଓ ଅଙ୍ଗନଦୀରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ କ୍ରମଶଃ ବଢ଼ିବାରେ ଲାଗିଛି । ପ୍ରବଳ ଗ୍ରୀଷ୍ମପ୍ରବାହରେ ପ୍ରତ୍ୟହ ବେଧଡକ ବାଲି ଚାଲାଣ ଯୋଗୁଁ ଜଳସ୍ରୋତ ହ୍ରାସ ପାଇବା ସହିତ ପାନୀୟ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି ।ଏଭଳି ସ୍ଥିତି ଲାଗି ରହିଲେ ଉଭୟ ସୁକତେଲ ଓ ଅଙ୍ଗନଦୀ ସେମାନଙ୍କ ଅସ୍ତିତ୍ୱ ହରାଇବା ନେଇ ଆଶଙ୍କା ପ୍ରକାଶ ପାଇଛି । ପ୍ରଶାସନ ତଥା ଖଣି ବିଭାଗର ଉଦାସୀନତା ଯୋଗୁଁ ବେଫିକର ଭାବେ ବାଲି ମାଫିଆ ସେମାନଙ୍କ କାରବାର ଜାରି ରଖିଥିବା ଦେଖିବାକୁ ମିଳିଛି । ଆଗଲପୁର ବ୍ଲକ ଅଙ୍ଗ ନଦୀର ଡୁଡୁକା-ଚୂର୍ଣ୍ଣମୁହାଣ ଠାରେ ଥିବା ବେଆଇନ ବାଲିଘାଟକୁ ଗତ ଏପ୍ରିଲ ୧୦ ରେ ଖଣି ବିଭାଗ ପକ୍ଷରୁ ସିଲ୍ କରାଯାଇଥିଲା । ଏଥି ସହିତ ନଦୀଶଯ୍ୟାରେ ଥିବା ରାସ୍ତାକୁ ମଧ୍ୟ କାଟି ଦିଆଯିବା ପରେ ନିକଟସ୍ଥ ମୁରସୁଣ୍ଡ ଠାରେ ବାଲି ମାଫିଆ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି । ଆଗଲପୁର ବ୍ଲକ ମୁରସୁଣ୍ଡ- ହରଭଙ୍ଗା ରାସ୍ତାରେ ଥିବା ସନସର୍ ନିକଟରେ ପ୍ରବାହିତ ଅଙ୍ଗନଦୀରେ ଥିବା ବନ୍ୟା ପ୍ରତିରୋଧ ଆଡ଼ିବନ୍ଧକୁ କାଟି ନଦୀକୁ ରାସ୍ତା ତିଆରି କରାଯିବା ସହିତ ବେଆଇନ ଭାବେ ନଦୀରୁ ବାଲି ଉଠାଯାଉଛି । ଭୋର ସମୟରୁ ରାତି ଯାଏ ଏଠାରୁ ଟ୍ରାକ୍ଟର ଯୋଗେ ବେଫିକର ଭାବେ ବାଲି ଚାଲାଣ ହେଉଛି । ଏପରିକି ବେଆଇନ ଭାବେ ନଦୀରେ ମୋରମ ପକାଇ ରାସ୍ତା ତିଆରି କରାଯାଇଥିବା ଦେଖିବାକୁ ମିଳିଛି । ଏହି ବେଆଇନ ବାଲିଘାଟ ଠାରୁ ମାତ୍ର ତିନି କି.ମି. ଦୂରରେ ପୋଲିସ ଫାଣ୍ଡି ଥିଲେ ମଧ୍ୟ ପୋଲିସ କିଛି ଜାଣି ନ ପାରିବା ସାଧାରଣରେ ପୋଲିସର ଭୂମିକାକୁ ସନ୍ଦେହଘେରରେ ରଖିଛି । ଅଙ୍ଗନଦୀର ଅପରପାର୍ଶ୍ୱ ଉତର ଦିଗରେ କପାଶିରା ନିକଟରେ ବେଆଇନ ଭାବେ ବାଲି ଉତୋଳନ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଜରିଆରେ କିଛି ବାଲି ମାଫିଆ ପ୍ରୟାସ କରୁଥିବା ଜଣାଯାଇଛି । ଲୋଇସିଂହା ବ୍ଲକର ଫାସଡ, ଛେଲବାହାଲ୍, କୁଶମେଲ, ମାଗୁରବେଡା ଏବଂ ଆଗଲପୁର ବ୍ଲକର ସାଲେଭଟା, ମୁରସୁଣ୍ଡ, ଫାସଡ, ଘୁଚେପାଲି ଅଂଚଳରୁ ବିନା ରୟାଲଟି, ବିନା ପ୍ରଦୂଷଣ ପ୍ରମାଣପତ୍ର ତଥା ସିଟିଓ ରେ କୌଣସି କାଗଜପତ୍ର ନଥାଇ ପ୍ରତ୍ୟହ ହଜାର ହଜାର ଟ୍ରିପ ବାଲି ଚାଲାଣ ହେଉଛି । ଏପରିକି ଶତାଧିକ ଟ୍ରିପ୍ ବାଲି ବିଭିନ୍ନ ସ୍ଥାନରେ ଗଚ୍ଛିତ ରହିଥିବା ଦେଖିବାକୁ ମିଳିଛି । ବେଆଇନ ବାଲି ଗଚ୍ଛିତ ରଖାଯିବା ନେଇ ଖଣି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାଲି ମାଫିଆଙ୍କ ମଧ୍ୟର ଉତ୍ସାହ ବୃଦ୍ଧି ପାଇବାରେ ଲାଗିଛି । ସରକାରୀ ଦଳର ଜନୈକ ରାଜନେତାଙ୍କ ଇସାରାରେ ମୁରସୁଣ୍ଡ ଠାରେ ଦିନ ଦ୍ୱିପ୍ରହରରେ ବାଲି ଚାଲାଣ ହେଉଛି । ରାଜନୈତିକ ଛତ୍ରଛାୟା ତଳେ ବାଲି ଚାଲାଣ ହେଉଥିବାରୁ ପୋଲିସ ତଥା ଖଣି ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଂଚା ଦେଉଥିବା ଅଭିଯୋଗ ହେଉଛି ।

# ଯୁବ ପ୍ରତିଭାଙ୍କୁ ବିକଶିତ କରିବା ଲକ୍ଷ୍ୟରେ ଆରଏସପିର ବାର୍ଷିକ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଆରମ୍ଭ: ୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ



ରାଉରକେଲା, ୦୬/୦୫ (ନି.ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବାର୍ଷିକ ୩୯ତମ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର-୨୦୨୬ ମଇ ୫ ତାରିଖରେ ଇସ୍ପାତ ଷ୍ଟାଡିୟମରେ ଉଦ୍ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ୍ ଶ୍ରୀ ଟି ଜି କାନେକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ଶିବିରକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିସିଡବ୍ଲୁ ବିଭାଗର ସିଜିଏମ ଶ୍ରୀ ଆଲୋକ ବେହେରା ଓ ସ୍ୱନାମଧନ୍ୟ ପ୍ରାକ୍ତନ କ୍ରିଡାବିତ ଶ୍ରୀ ପି ଏନ ଗନ୍ତାୟତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଏଥିରେ କାରଖାନାର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ମଇ ୨୫ ତାରିଖରେ ଶେଷ ହେବାକୁ ଥିବା ୨୧ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ୧୨୫୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ ଶ୍ରୀ କାନେକର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡା ପ୍ରତି ବଢୁଥିବା ଉତ୍ସାହକୁ ପ୍ରଶଂସା କରିବା ସହ ଅଂଶଗ୍ରହଣକାରୀମାନଙ୍କୁ ଶୃଙ୍ଖଳା, ପ୍ରତିବଦ୍ଧତା ଏବଂ ଦଳଗତ କାର୍ଯ୍ୟର ଦୃଢ଼ ମନୋଭାବ ପୋଷଣ କରିବାକୁ ପରାମର୍ଶ ଦେଇଥିଲେ। ପରେ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ଶିବିରର ଅଧିକାରୀ ଏବଂ ଅଂଶଗ୍ରହଣକାରୀଙ୍କ ସହ ପରିଚୟ କରାଯାଇଥିଲା। ପ୍ରାରମ୍ଭରେ, କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ରଘୁନନ୍ଦନ ପାଢ଼ୀ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଉଦ୍ଘାଟନୀ ସମାରୋହକୁ ସିଲିକନ୍ ଷ୍ଟିଲ୍ ମିଲ୍ ର ଜୁନିୟର ଇଞ୍ଜିନିୟର, ଶ୍ରୀ ଅନିଲ ମଲ୍ଲିକ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଅଂଶଗ୍ରହଣକାରୀମାନେ ଆଥଲେଟିକ୍ସ, ବ୍ୟାଡମିଣ୍ଟନ, ବାସ୍କେଟବଲ, ବକ୍ସିଂ, ଚେସ୍, କ୍ରିକେଟ, ସାଇକେଲିଂ, ଫୁଟବଲ୍, ହକି, କବାଡ଼ି, ଟେବୁଲ ଟେନିସ୍ ଭଲିବଲ୍, ଭାରୋତ୍ତୋଳନ ଏବଂ ପାୱାର ଲିଫ୍ଟିଂ ଏବଂ ଯୋଗ ଭଳି ୧୬ଟି ବିଭାଗରେ ଉକ୍ତ ଶିବିରରେ କ୍ରୀଡା ଶିଖିବେ। ସୂଚନା ଯୋଗ୍ୟ ଯେ, ଏହି ବର୍ଷ ଲନ୍ ଟେନିସ୍ ଏବଂ ତୀରନ୍ଦାଜି ମଧ୍ୟ ନୂତନ ଭାବେ ଯୋଡ଼ାଯାଇଛି। ଏଥିରେ ବିଭିନ୍ନ କ୍ରୀଡା କ୍ଷେତ୍ରର ଅଭିଜ୍ଞ ପ୍ରଶିକ୍ଷକମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଉଛି। ଏହି ଶିବିର ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ଇସ୍ପାତ ଷ୍ଟାଡିୟମ, ଇସ୍ପାତ ବାସ୍କେଟବଲ୍ କମ୍ପ୍ଲେକ୍ସ, ଇସ୍ପାତ ଇଣ୍ଡୋର ଷ୍ଟାଡିୟମ, ଇଣ୍ଡୋ ଜର୍ମାନ କ୍ଲବ ଏବଂ ଇସ୍ପାତ ଷ୍ଟାଡିୟମର ଚେସ୍ ହଲ୍ ରେ ଆୟୋଜିତ ହେଉଛି। ୧୯୮୬ ମସିହାରେ କିଛି ବିଭାଗରେ ସାଧାରଣ ଅଂଶଗ୍ରହଣ ସହିତ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର, ବର୍ଷ ବର୍ଷ ଧରି ଉଭୟ ପ୍ରସାର ଏବଂ ପ୍ରଭାବ କ୍ଷେତ୍ରରେ ଉଲ୍ଲେଖନୀୟ ଭାବେ ବିସ୍ତାରିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଏହା ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପରିଚିତି ହାସଲ କରିଥିବା ଅନେକ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଉଦୀୟମାନ କ୍ରୀଡ଼ା ପ୍ରତିଭାଙ୍କୁ ଆବିଷ୍କାର ଏବଂ ବିକାଶ କରିବା ପାଇଁ ଏକ ମଞ୍ଚ ସ୍ୱରୂପ କାର୍ଯ୍ୟ କରିଆସୁଛି।

# ବିଦ୍ୟୁତ କାଟ୍ ସମସ୍ୟା ନେଇ ଟାଟା ପାୱାର ଅଫିସ ଘେରାଉ

ଜୟପୁର, ୦୬/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ଟାଟା ପାୱାର କାର୍ଯ୍ୟାଳୟରେ ସହରର ବିଦ୍ୟୁତ କାଟ୍ ସମସ୍ୟାକୁ ନେଇ ଅସନ୍ତୋଷ ଦେଖଯାଇଛି କ୍ଷ ଜୟପୁର ଚାମ୍ବର ଅଫ କମର୍ସ ଓ ଜୟପୁର ପୌର କାଉନସିଲର ମାନେ ଟାଟା ପାୱାର ଜୟପୁର ସର୍କଲ ହେଡ଼ ଦୀପକ ସିହ୍ନଙ୍କୁ ସାକ୍ଷାତ କରି ଲଗାତାର ବିଦ୍ୟୁତ କାଟ ଯୋଗୁଁ ସହରବାସୀଙ୍କ ଦୈନନ୍ଦିନ ଜୀବନ ଓ ବ୍ୟବସାୟରେ ସୃଷ୍ଟି ହେଉଥିବା ଅସୁବିଧା ନେଇ ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଚାମ୍ବର ଅଫ କମର୍ସର ସମ୍ପାଦକ ବି.ସତୀଶ, ପୌର ଉପାଧକ୍ଷ ବି. ସୁନୀତାଙ୍କ ସମେତ ଚାମ୍ବର ଅଫ କମର୍ସର ଅନ୍ୟ ନିର୍ଦ୍ଦେଶକ ମାନେ ଅଭିଯୋଗ କରିଛନ୍ତି ଯେ, ଚଳିତ ଗ୍ରୀଷ୍ମ ପ୍ରବାହ ସମୟରେ ଦିନରେ ଘଂଟା ପ୍ରତି ବିଦ୍ୟୁଟ କାଟ ହେଉଛି। ଏହା ଯୋଗୁଁ ଛୋଟ ବ୍ୟବସାୟ ଦୋକାନ ଏବଂ ଉଦ୍ୟୋଗଗୁଡିକ କ୍ଷତିଗ୍ରସ୍ତ ହେଉଛି। କାଉନସିଲରମାନେ ଅଭିଯୋଗ କରିଛନ୍ତି କି ଜଳ ସ୍ୱାସ୍ଥ୍ୟ ସେବା ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି। ରାତି ସମୟରେ ମଧ୍ୟ ଅନିୟମିତ ବିଦ୍ୟୁତ ଯୋଗାଣ ଯୋଗୁଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାଟା ପାୱାର ଜୟପୁର ସର୍କଲ ହେଡ଼ ଦୀପକ ସିହ୍ନ କହିଛନ୍ତି ଯେ, ବିଦ୍ୟୁତ ଚାହିଦା ଅତ୍ୟଧିକ ବୃଦ୍ଧି ପାଇବା ଏବଂ କିଛି ଯାନ୍ତ୍ରିକ ସମସ୍ୟା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହେଉଛି। ଶିଘ୍ର ସମାଧାନ ପାଇଁ କାର୍ଯ୍ୟ ଚାଲିଛି ବୋଲି ପ୍ରତିଶୃତି ଦେଇଛନ୍ତି। ଏହି ସାକ୍ଷାତକାରରେ ଚାମ୍ବର ଅଫ କମର୍ସର ଉପସଭାପତି ଦିଲ୍ଲିପ ରେଡ୍ଡି, ଲୋକନାଥ ପାତ୍ର, ସତୀଶ ପାତ୍ର, କେ.ଇଶ୍ୱର ରାଓଙ୍କ ସମେତ କାଉନସିଲର ପାର୍ଥଶାରଥୀ ମଲ୍ଲିକଙ୍କ ସମେତ ଅନ୍ୟ କାଉନସିଲର ଉପସ୍ଥିତ ଥିଲେ। ସମସ୍ୟାର ଶିଘ୍ର ସମାଧାନ ନହେଲେ ଆଗାମୀ ଦିନରେ ଚାମ୍ବର ଅଫ କମର୍ସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ନବନିର୍ମାଣ କୃଷକ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଓ ବୈଠକ

ନୂଆପଡ଼ା, ୦୬/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଠାରେ ନବନିର୍ମାଣ କୃଷକ ରଥକୁ ଆଜି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନବନିର୍ମାଣ କୃଷକ ସଂଗଠନ ନୂଆପଡ଼ା ତରଫରୁ ସହରର ଆମ୍ବେଦକର ଛକ ଠାରେ ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକର୍ତାଙ୍କ ସହିତ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରଥମେ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା ବାହାରି ଖଡ଼ିଆଳ ଅଗ୍ରସେନ ଭବନ ଠାରେ ପହଂଚିଥିଲା। ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନବ ନିର୍ମାଣ କୃଷକ ସଂଗଠନ ରାଷ୍ଟ୍ରୀୟ ସଂଯୋଜକ ତଥା ରାଜ୍ୟ ସଭାପତି ଅକ୍ଷୟ କୁମାରଙ୍କ ନେତୃତ୍ୱରେ ସମଗ୍ର ଓଡ଼ିଶାର ସମସ୍ତ ଜିଲ୍ଲାରୁ କୃଷକ ମାନେ ଗତ ମାର୍ଚ୍ଚ ୨୨ ତାରିଖରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କେନ୍ଦୁଝର ଜିଲା ଘଟଗାଁ ତାରିଣୀ ପୀଠରୁ ପଦଯାତ୍ରା ଆରମ୍ଭ କରି ଭୁବନେଶ୍ୱରରେ ପର୍ଯ୍ୟନ୍ତ ପହଂଚି ଥିଲେ।

## ଧାରାବାହିକ:

ଭାଗ-୪୧

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ଏହା ହିଁ ଠିକ ତ ? ଏହା ଶୁଣି ଦେବର୍ଷି କହିଲେ, ହେ ମୁନିଗଣ ବସୁଦେବଙ୍କର ଏହିପରି ପ୍ରଶ୍ନ କିଛି ବିଚିତ୍ର ନୁହେଁ, ସେ ବିଷ୍ଣୁମାୟା ମୋହିତ ହୋଇ ଆତ୍ମାର ଗତିକୁ ସଠିକ ନିର୍ଣ୍ଣୟ କରିନପାରି ଶ୍ରୀକୃଷ୍ଣଙ୍କୁ ନିଜର ପୁତ୍ର ମନେ କରୁଛନ୍ତି ଓ ନିଜର କଲ୍ୟାଣ ସାଧନ ନିମିତ୍ତ ନିଜର ମନୋଭାବକୁ ନେଇ ଏପରି ପ୍ରଶ୍ନ ପଚାରୁଛନ୍ତି । ମାୟା ସଂସାରରେ ସାଧାରଣ ଗତି ଏହି ଯେ, ନନିକଟରେ ଥିବା ବ୍ୟକ୍ତି ବା ଦ୍ରବ୍ୟ ପ୍ରତି ମନୁଷ୍ୟର ଉଦାସୀନତା ବା ଅନାଦର ପ୍ରକାଶ ପାଏ । ଯେପରି ପରମ ପବିତ୍ର ପତିତପାବନୀ ଗଙ୍ଗାନଦୀ ତଟବାସୀ ବ୍ୟକ୍ତି ଗଙ୍ଗା ଜଳ ତ୍ୟାଗକରି ଶୁଦ୍ଧିକ୍ରିୟା ନିମିତ୍ତ ଅନ୍ୟ ଦୂରବର୍ତ୍ତୀ ତୀର୍ଥକୁ ଗମନ କରନ୍ତି । କାରଣ ଗଙ୍ଗାନଦୀ ତାର ଅତ୍ୟନ୍ତ ନିକଟ ବର୍ତ୍ତି ହେତୁ ତାର ପବିତ୍ରତାରେ ସେ ବ୍ୟକ୍ତିର ପ୍ରତ୍ୟୟ ଜାତ ହୁଏନାହିଁ ସେହିପରି ବସୁଦେବ ପୁତ୍ର ସ୍ନେହରେ ବିଭୋର ହୋଇ ଭଗବାନ ଶ୍ରୀକୃଷ୍ଣଙ୍କ ଆତ୍ମାରୂପ ସ୍ୱରୂପର ଉପଲବ୍ଧି କରିପାରିନାହାନ୍ତି କାରଣ ଥରେ ସେ ସ୍ୱରୂପ ଉପଲବ୍ଧି ହେଲେ ତାହା କୌଣସି ପରିସ୍ଥିତିରେ ମଧ୍ୟ ବିସ୍ମୃତ ହେବାର ନାହିଁ । ଯେତେବେଳେ ବସୁଦେବଙ୍କ ହୃଦୟରୁ ମଧୁର ବାତ୍ସଲ୍ୟ ଭାବ ଲୋପ ହୋଇ ଦାସ୍ୟଭାବର ଉଦ୍ରେକ ହେବ, ଅବଶ୍ୟ ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର ଏହି ପାଞ୍ଚଭାବ ବା ଭକ୍ତି ମଧ୍ୟରେ ଗୁଣଗତ ତାରତମ୍ୟ ବା ପାର୍ଥକ୍ୟ କିଛିନାହିଁ ତଥାପି ମଧୁର ଭକ୍ତି ମଧ୍ୟରେ ଏହି ପଞ୍ଚଭକ୍ତି ସମନ୍ୱିତ ହୋଇଅଛି । ଯେପରି ସୂର୍ଯ୍ୟଙ୍କୁ ସାମୟିକ ଭାବେ ମେଘ, କୁହୁଡି, ରାହୁ ବା କେତୁ ଆଚ୍ଛାଦନ କରୁଥିଲେ ମଧ୍ୟ ସୂର୍ଯ୍ୟଙ୍କୁ ଉପଲବ୍ଧି କରିବାରେ କିଛି ପାର୍ଥକ୍ୟ ଘଟେନାହିଁ ସେହିପରି ଭଗବାନଙ୍କୁ ଯେକୌଣସି ଭକ୍ତିଭାବରେ ଆପଣାର କରିପାରିଲେ ତାହାର ସାମଗ୍ରିକ ମୂଲ୍ୟ ବା ଗୁଣଗତ ତାରତମ୍ୟ କିଛି ହେଲେନାହିଁ । ବିଷ୍ଣୁମାୟା ଅସୀମ, ଅନନ୍ତ, ଅମୋଘ ଶକ୍ତିସମ୍ପନ୍ନ ତାର ଅବଧାରଣା କରିବା କାହାରି ପକ୍ଷେ ସମ୍ଭବ ନୁହେଁ । ଯେପରି ଏକ କ୍ଷୁଦ୍ର ବୀଜରୁ ମହାଦ୍ରୁମର ଉତ୍ପତ୍ତି ହୁଏ ତାହା ଆପତତଃ ଅବିଶ୍ୱାସ୍ୟ ଓ ଅକଳ୍ପନୀୟ ବୋଧହୁଏ ସେହିପରି ବିଷ୍ଣୁମାୟା କ୍ଷୁଦ୍ର ଅଣୁ, ପରମାଣୁଠାରୁ ଆରମ୍ଭ କରି ବୃହତ୍ତମ ବସ୍ତୁ ପର୍ଯ୍ୟନ୍ତ ବୃହତ ଜୀବଠାରୁ କ୍ଷୁଦ୍ରତମ ଜୀବ ପର୍ଯ୍ୟନ୍ତ ସମସ୍ତଙ୍କୁ ଆବୋରି ରହିଛି ଓ ନିଜ ଇଚ୍ଛାରେ ଆତଯାତ କରୁଛି । ମୁନିମାନେ ଏହିପରି ଆଲୋଚନା କରି ବସୁଦେବଙ୍କୁ କହିଲେ, ସତକର୍ମ ଦ୍ୱାରା ଅସତକର୍ମ ଓ କର୍ମବାସନା ଉଚ୍ଛେଦ କରିବାର ପ୍ରକୃଷ୍ଟ ଉପାୟ ହେଉଛି ନିଜର ସତପନ୍ଥା ଅର୍ଜିତ ପୁଣ୍ୟଧନ ଦ୍ୱାରା ବେଦ ବିଧାନ ମତେ ଯଜ୍ଞାଦି ଅନୁଷ୍ଠାନ କରି ଯଜ୍ଞପୁରୁଷ ସ୍ୱୟଂ ଭଗବାନଙ୍କୁ ସନ୍ତୁଷ୍ଟ କରିବା । ହେ ପ୍ରିୟ ବସୁଦେବ ତୁମେ ତାହା ହିଁ କରି ସମସ୍ତ ଅଶୁଭ, ଅମଙ୍ଗଳରୁ ମୁକ୍ତ ହୋଇଯାଅ । ଏହା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏହି ତିନିବର୍ଣ୍ଣର ଗୃହସ୍ଥାଶ୍ରମୀଙ୍କର ପରମ କର୍ତ୍ତବ୍ୟ । ଏହି ତିନି ଉଚ୍ଚ ବର୍ଣ୍ଣଜ ବ୍ୟକ୍ତି ଦେବତା, ଋଷି ଓ ପିତୃଋଣ ନେଇ ଜାତହୁଅନ୍ତି । ଯାଗଯଜ୍ଞ ଦ୍ୱାରା ଦେବତାଙ୍କ ଋଣ, ବିଦ୍ୟାଧ୍ୟୟନ ଦ୍ୱାରା ଋଷିଋଣ ଓ ସନ୍ତାନ ଉତ୍ପାଦନ ଦ୍ୱାରା ପିତୃଋଣ ପରିଶୋଧ ହୁଏ । ହେ ବସୁଦେବ ତୁମେ ଶେଷୋକ୍ତ ଦୁଇ ଋଣ ପରିଶୋଧ କରିସାରିଛ, ମାତ୍ର ଦେବଋଣ ପରିଶୋଧ ପାଇଁ ସତଧନ ଦ୍ୱାରା ଯାଗଯଜ୍ଞାଦି ବିଧି ପୂର୍ବକ ଅନୁଷ୍ଠାନ କରି ବିପ୍ରମାନଙ୍କୁ ଦାନଦେଇ ସନ୍ତୁଷ୍ଟ କର । ହେ ପ୍ରିୟ, ତୁମେ ପରମ ଭାଗ୍ୟବାନ, ସ୍ୱୟଂ ତ୍ରିଲୋକପାଳ ବିଷ୍ଣୁ ତୁମର ପୁତ୍ର ରୂପେ ଜାତ ହୋଇଥିବା ହେତୁ ତୁମକୁ ଅପ୍ରାପ୍ତ ବୋଲି ସଂସାରରେ କିଛିନାହିଁ । ମୁନିମାନଙ୍କର ଆଦେଶ ଶିରଧାର୍ଯ୍ୟ କରି ବସୁଦେବ ଅତ୍ୟନ୍ତ ଉତ୍ସାହର ସହ ଏକ ମହାଯଜ୍ଞର ଆୟୋଜନ ସେଠାରେ କଲେ ଏବଂ ମୁନିଋଷିଙ୍କୁ ଋତ୍ୱିକ ରୂପେ ବରଣ କରିବାରୁ ସେମାନେ ମନ୍ତ୍ରପାଠକରି ଅହୋରାତ୍ର ଯଜ୍ଞାକୁଣ୍ଡସ୍ଥିତ ପବିତ୍ରାଗ୍ନିରେ ଘୃତାହୃତି ପ୍ରଦାନ କରିବା ଦ୍ୱାରା ଚତୁର୍ଦ୍ଦିଗରେ ଏକ ସାତ୍ତ୍ୱିକ ପରିବେଶ ସୃଷ୍ଟିହେଲା । ଉତ୍ତମ ବସ୍ତ୍ର ଓ ଅଳଙ୍କାର ପରିହିତ ଯଦୁବଂଶୀମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ବସୁଦେବ ନକ୍ଷତ୍ରମାନଙ୍କ ମଧ୍ୟସ୍ଥ ଇନ୍ଦ୍ରତୁଲ୍ୟ ପ୍ରତିଭାତ ହେଉଥିଲେ । ପ୍ରଭୁ ରାମକୃଷ୍ଣ ସମସ୍ତଙ୍କୁ ଅମୃତବାକ୍ୟରେ ସଂଖୋଳି ଉପଯୁକ୍ତ ସତ୍କାର କରିବାକୁ ଲାଗିଲେ । ବସୁଦେବ ଯଜ୍ଞାନୁଷ୍ଠାନ ମଧ୍ୟରେ ସମସ୍ତଙ୍କୁ ଭୁରିଭୋଜନରେ ଆପ୍ୟାୟିତ କରି ବିପ୍ର ଯାଚକମାନଙ୍କୁ ଧନରତ୍ନାଦି ସହ ସବତ୍ସା ଧେନୁଦାନ କରି ସେମାନଙ୍କର ସନ୍ତୋଷ ବିଧାନ କଲେ । ଯଜ୍ଞ ଶେଷପରେ ସମସ୍ତ ବନ୍ଧୁବାନ୍ଧବ, ମୁନିଋଷିମାନଙ୍କ ଠାରୁ ବିଦାୟ ନେଇ ଶ୍ରୀକୃଷ୍ଣ ବଳରାମ ନିଜର ଆତ୍ମୀୟ ସ୍ୱଜନଙ୍କ ସହିତ ଦ୍ୱାରକାକୁ ପ୍ରତ୍ୟାବର୍ତ୍ତନ କଲେ ।

### ୮୬ ଅଧ୍ୟାୟ, ଶ୍ରୀକୃଷ୍ଣଙ୍କ ଦ୍ୱାରା ଦେବକୀଙ୍କର ମୃତ ଷଡପୁତ୍ର ଆନୟନ ଓ ମୁକ୍ତିଦାନ

ଶ୍ରୀ ଶୁକଦେବ କହିଲେ, ହେ ପ୍ରିୟ ପରୀକ୍ଷିତ ! ଦିନେ ପ୍ରଭୁ ଶ୍ରୀକୃଷ୍ଣ ଓ ବଳରାମ ପିତାମାତାଙ୍କର ପ୍ରଭାତ କାଳୀନ ଚରଣ ବନ୍ଦନା ନିମିତ୍ତ ତାଙ୍କର ପୁରକୁ ଯାଇଥିଲେ । ସେଠାରେ ପିତା ବସୁଦେବ, ମାତା ଦେବକୀ ଓ ରୋହିଣୀ ପୁତ୍ର ଦ୍ୱୟଙ୍କୁ ଅତ୍ୟନ୍ତ ସ୍ନେହରେ ଆଲିଙ୍ଗନ କଲେ । ବସୁଦେବ ବଡବଡ ମୁନିଋଷିମାନଙ୍କଠାରୁ ଶ୍ରୀକୃଷ୍ଣ ଓ ବଳରାମଙ୍କ ମହିମା ବିଷୟ ଶୁଣି ଅଲୌକିକ,ଐଶ୍ୱର୍ଯ୍ୟ ପୂର୍ଣ୍ଣ ଚରିତ୍ର ସ୍ୱଚକ୍ଷୁରେ ଦେଖି ତାଙ୍କର ଦୃଢ ବିଶ୍ୱାସ ହୋଇଥିଲା ଯେ,ଏ ଦୁହେଁ ସାଧାରଣ ମାନବ ନୁହଁନ୍ତି ସ୍ୱୟଂ ଭଗବାନ ବିଷ୍ଣୁ ଓ ଦେବ ଶଙ୍କର୍ଷଣ । ସେ ନିଜ ଦୁଇ ପୁତ୍ରଙ୍କୁ ସମ୍ବୋଧନ କରି କହିଲେ ଯେ ସେମାନେ ମାୟା ରୂପ ଧରିଥିଲେ ମଧ୍ୟ ବାସ୍ତବରେ ଜଗତର ପାଳକ ଓ ନିୟାମକ ପରମେଶ୍ୱର ବିଷ୍ଣୁ ଏବଂ ଦେବ ଶଙ୍କର୍ଷଣ । ତୁମେ ଜଗତର ଆଧାର, ନିର୍ମାତା ଓ ନିର୍ମାଣର ଉପାଦାନ, କାର୍ଯ୍ୟ ଓ କାରଣ । ତୁମେ ହିଁ ପ୍ରଭୁ ଏବଂ ତୁମର କ୍ରୀଡା ନିମିତ୍ତ ଜଗତର ସୃଷ୍ଟି । ଜଗତର ସମସ୍ତ ସ୍ଥାବର ଜଙ୍ଗମ ମଧ୍ୟରେ ତୁମେ ବିଦ୍ୟମାନ, ତୁମେ ଭୋଗ୍ୟ ଏବଂ ଭୋକ୍ତା, ତୁମେ ଜନ୍ମ, ମରଣ, ସ୍ଥିତି ଓ ଅସ୍ତିତ୍ୱ ଆଦି ଭାବ ବିକାର ବର୍ଜିତ ପରମାତ୍ମା । ତୁମେ ହିଁ ସବୁଥିରେ ଆତ୍ମା ରୁପେ ବିଦ୍ୟମାନ । ତୁମେ ହିଁ ପ୍ରାଣ ଓ ଜୀବ ରୂପରେ ପୋଷଣ କରୁଅଛ । ତୁମେ ସବୁଥିରେ ବିଦ୍ୟମାନ, ଚନ୍ଦ୍ରମାର କାନ୍ତି, ଅଗ୍ନିର ତେଜ, ସୂର୍ଯ୍ୟର ପ୍ରଭା, ନକ୍ଷତ୍ର ଓ ବିଦ୍ୟୁତର ସ୍ଫୁରଣ, ପର୍ବତର ସ୍ଥିରତା, ପୃଥିବୀର ସାଧାରଣ ଶକ୍ତିରୂପ, ବୃତ୍ତି, ଗନ୍ଧ, ରୂପ ଓ ଗୁଣ, ଜଳର ଶୀତଳତା, ପ୍ରବାହମାନତା ଏ ସବୁ ବାସ୍ତବିକ ତୁମର ହିଁ ସ୍ୱରୂପ । ହେ ପରମେଶ୍ୱର ଜଳର ତୃପ୍ତିଦାୟୀ, ଜୀବନଦାୟୀ ଏବଂ ଶୁଦ୍ଧ ନିର୍ମଳ କରିବା ଶକ୍ତି ମଧ୍ୟ ତୁମରି ସ୍ୱରୂପ । ଜଳଦ୍ୱାରା ଦେବ, ପିତୃପୁରୁଷଙ୍କୁ କରାଯାଉଥିବା ତର୍ପଣ, ପୂଜନ ତାହା ପ୍ରକୃତରେ ତୁମେ ହିଁ ଗ୍ରହଣ କରିଥାଅ । ତୁମେ ହିଁ ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରୀୟ ଓ ଏମାନଙ୍କର ରାଜା ମନ ଯିଏ କି ଏମାନଙ୍କର କ୍ରିୟାଶକ୍ତି, ତୁମେ ହିଁ ଅନ୍ତଃକରଣର ଶକ୍ତି, ବାୟୁଶକ୍ତି, ଶରୀର ଶକ୍ତି ଏବଂ ସମସ୍ତ ଶକ୍ତିର ସଞ୍ଚାଳକ ଓ ନିୟନ୍ତ୍ରକ, ତୁମେ ସର୍ବଦେବମୟ । ତୁମେ ହିଁ ଦିଗରୂପରେ ସର୍ବତ୍ର ପ୍ରକାଶିତ । ତୁମେ ହିଁ ଆକାଶ ଆଶ୍ରୟଭୂତ ସ୍ଫଟ ଶବ୍ଦତନ୍ମାତ୍ରା ବା ବାଣୀ, ତୁମେ ହିଁ ନାଦ, ଓଁକାର ବର୍ଣ୍ଣ, ବିଭିନ୍ନ ପଦାର୍ଥର ପୃଥକୀକରଣ ଶକ୍ତି, ଚତୁର୍ବିକାର ତଥା ଚିତ୍ତ, ବୁଦ୍ଧି, ଅହଂକାର ଆଦିର କର୍ତ୍ତା । ତୁମରି ମାୟା ଶକ୍ତି ଚାଳିତ ମନୁଷ୍ୟ ଏହି ସମସ୍ତ ପ୍ରକାର ବିକାର ଗ୍ରସ୍ତ ହୋଇ ମୁଁ, ମୋର ଆଦି ଅହଂତ୍ୱ ପ୍ରକାଶ କରେ ଓ ବିନଷ୍ଟ ହୁଏ । ତୁମରି ଅଭୟ ଚରଣରେ ଆଶ୍ରିତ ବ୍ୟକ୍ତିଙ୍କୁ ମାୟା ସ୍ପର୍ଶ କରିପାରେ ନାହିଁ ମାତ୍ର ତୁମର ଏହି ଗୁଣ ପ୍ରଭାକୁ ଅଜ୍ଞବ୍ୟକ୍ତି ଜାଣି ନପାରି ସଂସାରରେ ଭ୍ରମି ହେଉଥାଏ ଓ ନିଜ ଅନ୍ତର ସ୍ଥିତ ତୁମର ସ୍ୱରୂପ ଆତ୍ମାଙ୍କୁ ଚିହ୍ନିପାରେନାହିଁ । ଫଳତଃ ତାର ଦୁର୍ଲ୍ଲଭ ମନୁଷ୍ୟ ଜୀବନ ବ୍ୟର୍ଥ ହୋଇ ଜନ୍ମ ମରଣ ଚକ୍ରରୁ ମୁକ୍ତ ହୋଇ ନପାରି କର୍ମାନୁସାରେ ବିଭିନ୍ନ ଯୋନିରେ ଜନ୍ମ ହୋଇ ଦୁଃଖ ପାଉଥାଏ । ହେ ପ୍ରଭୁ, କେଉଁ ପୁଣ୍ୟ ଫଳରେ ମୁଁ ଏହି ପରମ ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ପ୍ରାପ୍ତ ହୋଇ ବି ତୁମ ମାୟାରେ ଭ୍ରମିତ ହୋଇ ଏହାର ସଦବ୍ୟବହାର କରିପାରିଲି ନାହିଁ । ବୟସ ଶେଷ ହେବାକୁ ହେଲା, ମାୟାଗ୍ରସ୍ତ ହୋଇ ସୁତ, କଳତ୍ର, ଧନାଦି ମହୋପାଶରେ ଆବଦ୍ଧ ହୋଇଗଲି । ତୁମେ ହିଁ ମୋ ହୃଦୟରେ ଏତେ ମାତ୍ରାରେ ବାତ୍ସଲ୍ୟ ସ୍ନେହ ସୃଷ୍ଟି କଲ ଯେ, ତୁମକୁ ପୁତ୍ର ରୂପେ ପାଇ ମୁଁ ବାତ୍ସଲ୍ୟ ମମତାରେ ଅନ୍ଧ ହୋଇ ତୁମର ପରମାତ୍ମା ସ୍ୱରୂପର ଉପଲବ୍ଧି କରିପାରିଲି ନାହିଁ । ଏବେ ଅନୁଭବ କରୁଛି ଯେ, ତୁମେ ଦୁହେଁ ପ୍ରକୃତରେ ମୋର ପୁତ୍ର ନୁହଁ ସାରା ବିଶ୍ୱବ୍ରହ୍ମାଣ୍ଡ ଯାହାର ଗର୍ଭଗତ ସେ ପୁଣି କାହାର ପୁତ୍ର ! ପୃଥିବୀର ଭାରା ନିବାରଣ ନିମିତ୍ତ ଧରାବତରଣ କରିଛ । ଏହି କଥା ତୁମେ ମୋତେ କଂସ କାରାଗୃହ ପ୍ରସୂତି ଗୃହରେ କହିଥିଲ । ଅଜନ୍ମା ହୋଇ ମଧ୍ୟ ଦୁଷ୍ଟ ସଂହାର କରି ଧର୍ମ ସଂସ୍ଥାପନ ପାଇଁ ଯୁଗେ ଯୁଗେ ଏପରି ଶରୀର ଗ୍ରହଣ କରିଥାଅ । ନିଜ ମାୟାର ନିଜେ ବିଚରଣ କରି ପରେ ତାହାକୁ ସମ୍ବରଣ କରିନିଅ ଓ ନିରାକାର ନିରଞ୍ଜନ ପରଂବ୍ରହ୍ମ ଜ୍ୟୋତିସ୍ୱରୂପ ହୋଇ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ଉଦଭାସିତ କରିଥାଅ । ମୋ ହୃଦୟରୁ ତୁମ ପ୍ରତି ଥିବା ପୁତ୍ର ବିଚାର ଲୋପପାଇ ବାତ୍ସଲ୍ୟ ମମତା ପରିବର୍ତ୍ତେ ଶୁଦ୍ଧ ଭକ୍ତିର ଉନ୍ମେଷ ସୃଷ୍ଟି ହେଉ । ଭଗବାନ ଶ୍ରୀକୃଷ୍ଣ ପିତାଙ୍କ ମୁହଁରୁ ଏହିପରି ଶୁଣି ଦରସ୍ମିତ ବଦନରେ କହିଲେ, ହେ ପୂଜ୍ୟ ପିତୃଦେବ ! ଆପଣଙ୍କ ସନ୍ଥଜନ ସୁଲଭ ଅମୃତମୟୀ ତତ୍ତ୍ୱ ଶ୍ରବଣ କରି ମୁଁ ଅତ୍ୟନ୍ତ ଆନନ୍ଦିତ । ଆପଣ କହିଥିବା ଯୁକ୍ତିଯୁକ୍ତ ବାଣୀ ଯେପରି ସତ୍ୟ ମୁଁ ଆପଣଙ୍କର ପୁତ୍ର ହେବା ମଧ୍ୟ ସେହିପରି ନିରାଟ ସତ୍ୟ । ଆପଣ ସ୍ୱୟଂ ଅଶେଷ ପୁଣ୍ୟବଳରେ ମୋର ସମ୍ମାନାସ୍ପଦ ପିତାଙ୍କର ସ୍ଥାନ ଅଧିକାର କରିଛନ୍ତି । ଆପଣଙ୍କର ଓ ମାତାଙ୍କର ଅଖଣ୍ଡ ସ୍ନେହ, ଶ୍ରଦ୍ଧା, ବାତ୍ସଲ୍ୟ ମମତା ପ୍ରାପ୍ତ ହୋଇ ମୁଁ ଏବଂ ଅଗ୍ରଜ ବଳରାମ ଧନ୍ୟ ହୋଇଛୁ । ଏହି ଜଗତ ବିଷ୍ଣୁମାୟା ଦ୍ୱାରା ପରିଚାଳିତ । ବିଷ୍ଣୁ ସ୍ୱରୂପୀ ଆତ୍ମା ଏକ ନିତ୍ୟ, ନିର୍ଗୁଣ, ସତ୍ୟଜ୍ୟୋତି ଓ ଶୁଦ୍ଧକାନ୍ତି । ଏହା ନିଜ ଇଚ୍ଛାରେ ନିଜ ସୃଷ୍ଟି ତ୍ରିଗୁଣକୁ ଗ୍ରହଣ କରେ, ପଞ୍ଚଭୂତ ନିର୍ମିତ ବିଭିନ୍ନ କାୟା ଧାରଣ କରେ ଓ ସେ ଏକ ହୋଇ ମଧ୍ୟ ଅନେକ । ସ୍ୱୟଂ ପ୍ରକାଶ ହୋଇ ମଧ୍ୟ ଦୃଶ୍ୟ, ନିତ୍ୟ ହୋଇ ମଧ୍ୟ ଅନିତ୍ୟ, ଅବିନଶ୍ୱର ହୋଇ ମଧ୍ୟ ନଶ୍ୱର, ନିର୍ଗୁଣ ହୋଇ ମଧ୍ୟ ସଗୁଣ ସ୍ୱରୂପ ପ୍ରତୀତ ହୁଏ । ଯେପରି କ୍ଷିତି, ଅପ, ତେଜ, ମରୁତ, ବ୍ୟୋମ ଏହି ପାଞ୍ଚ ମହାଭୂତ ନିର୍ମିତ ଘଟ ଓ ବିଗ୍ରହାଦି ବଡ, ଛୋଟ, ଅଳ୍ପ-ବହୁତ, ଏକ-ଅନେକ ରୂପେ ପ୍ରତୀତ ହୁଏ ଅଥଚ ସତ୍ତା ବା ଉପାଦାନ ଦୃଷ୍ଟିରୁ ତାହା ଏକ ଓ ଅଭିନ୍ନ ସେହିପରି ଏକ ଆତ୍ମା ନାନା ନାମ ଓ ଉପାଧି ଭେଦରେ ବିଭିନ୍ନ ରୂପରେ ପ୍ରତୀତ ହୁଏ । ସୂତରାଂ ଆପଣ ଯାହା କହିଲେ, ଏହି ବିଶ୍ୱ ବ୍ରହ୍ମାଣ୍ଡର ଦୃଷ୍ଟି ପଥକୁ ଆସୁଥିବା ଅସଂଖ୍ୟ ସୃଷ୍ଟି ମୋର ଏକମାତ୍ର ସ୍ୱରୂପର ବିଭିନ୍ନ ପରିପ୍ରକାଶ ; ଏହା ସମ୍ପୂର୍ଣ୍ଣ ଠିକ୍ । ଭଗବାନ ଶ୍ରୀକୃଷ୍ଣଙ୍କଠାରୁ ଏପରି ତତ୍ତ୍ୱମୟୀ ବାଣୀ ଶୁଣି ବସୁଦେବ ଆନନ୍ଦରେ ମଗ୍ନ ହେବା ସଙ୍ଗେ ସଙ୍ଗେ ବାକରହିତ ହୋଇଗଲେ ଓ ତାଙ୍କର ହୃଦୟ ଶାନ୍ତ, ନିର୍ମଳ ଓ ନିଃସଂକଳ୍ପମୟ ହୋଇଗଲା ।

( କ୍ରମଶଃ )


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


ସମ୍ପର୍କର ଗିଙ୍ଗା

# ଈଶ୍ୱର ଅଦୃଶ୍ୟ ଭାବେ ନ୍ୟାୟ କରନ୍ତି



ଶ୍ୱେତା ରାଉତ୍

ଜୀବନ ପଥରେ ଆମେ ପ୍ରାୟତଃ ଏମିତି ଅନୁଭବ କରୁ ଯେ, ଅନ୍ୟାୟ, ଅଧର୍ମ, ଅତ୍ୟାଚାର ସବୁବେଳେ ଜିତୁଛି ଏବଂ ସତ୍ୟ, ଧର୍ମ, ନ୍ୟାୟ ସବୁବେଳେ ହାରୁଛି ବା ପଛକୁ ପଡ଼ିଯାଉଛି ବୋଲି । ଏହି ସମୟରେ ମଣିଷର ମନ ଭାଙ୍ଗିଯାଏ, ଆଶା ଧୀରେ ଧୀରେ ମଳିନ ହୋଇଯାଏ, କିନ୍ତୁ ଏହି ଅନ୍ଧକାର ମଧ୍ୟରେ ଏକ ଅବିଚଳ ସତ୍ୟ ରହିଛି ଯେ ଈଶ୍ୱର ଅଦୃଶ୍ୟ ଭାବେ ନ୍ୟାୟ କରନ୍ତି, କେବଳ ଆମର ଧର୍ଯ୍ୟ ଓ ବିଶ୍ୱାସ ରହିବା ଦରକାର ।

ଈଶ୍ୱରଙ୍କର ନ୍ୟାୟ କୌଣସି ତୁରନ୍ତ ନିଷ୍ପତ୍ତି ନୁହେଁ, ସମୟର ସ୍ରୋତରେ ଶାନ୍ତ ଭାବରେ ଘଟିଥାଏ । ଯେମିତି ଗଛର ମୂଳ ମାଟି ତଳେ ଲୁଚିଥାଏ କିନ୍ତୁ ସେହି ମୂଳ ଏତେ ବଡ ଗଛକୁ ଶକ୍ତି ଦେଇ ତାର ଶାଖା ପ୍ରଶାଖା, ଫୁଲ, ଫଳକୁ ଯତ୍ନର ସହ ପରିପୃଷ୍ଟ କରେ, ସେମିତି ଈଶ୍ୱରଙ୍କ ନ୍ୟାୟ ଆମ ପାଖରେ ଦୃଶ୍ୟମାନ ନହେଲେ ମଧ୍ୟ ନିରନ୍ତର ଆମ ସହ ଚାଲୁଥାଏ । କେବେ କେବେ ଦୁଷ୍ଟ ଲୋକ ଜିତୁଥିବା ଆମକୁ ଅନୁଭବ ହୋଇପାରେ, କିନ୍ତୁ ସେହି ଜିତିବା ସ୍ଥାୟୀ ନୁହେଁ, ସତ୍ୟ ଓ ଧର୍ମ ସଦା ସର୍ବଦା ଶେଷରେ ବିଜୟୀ ହୁଏ । ମଣିଷ ତାହାର କର୍ମର ଫଳ ନିଶ୍ଚୟ ପାଏ,ଏହା ପ୍ରକୃତିର ନିୟମ । ଆମେ ଯେମିତି ବିଜ ବୁଣିବା, ସେମିତି ଫଳ ପାଇବା । ଯଦି ଆମେ ସତ୍ୟ, ଦୟା ଓ ନିଷ୍ଠାର ମାର୍ଗରେ ଚାଲିବା, ତେବେ ବିଳମ୍ବରେ ହେଉପଛେ, ଆମ ପାଇଁ ନ୍ୟାୟ ନିଶ୍ଚିତ । ଯଦି ଆମ ଭିତରେ ଏ ବିଶ୍ୱାସ ରହିବ ଆମେ ଅନ୍ୟାୟ ସମୟରେ ମଧ୍ୟ ନିଜ ମାର୍ଗରୁ ବିଚଳିତ ହେବା ନାହିଁ । ଜୀବନର କଷ୍ଟଦାୟକ ମୁହୂର୍ତ୍ତଗୁଡ଼ିକ ଆମ ପାଇଁ ପରୀକ୍ଷା ଭଳି ଆସେ ।ଏହି ସମୟରେ ଆମେ ଧୈର୍ଯ୍ୟ ଓ ଆଶାକୁ ଧରିରଖିବା ଦରକାର । ଅନ୍ଧାର ଯେତେ ଗାଢ଼ ହେବାକୁ ଲାଗେ ଆଲୋକ(ସକାଳ) ସେତେ ନିକଟତର ହୁଏ । ଏ ହେଉଛି ଈଶ୍ୱରଙ୍କ ଅଦୃଶ୍ୟ ନ୍ୟାୟର ଏକ ଦିବ୍ୟ ଚିହ୍ନ । ସେହିପରି, ଯେତେବେଳେ ଆପଣଙ୍କୁ ଲାଗେ ଯେ ଆପଣଙ୍କ ସହ ଅନ୍ୟାୟ ହେଉଛି, ସେତେବେଳେ ହତାଶ ହେବେନି । ନିଜ ମନକୁ ଦୃଢ଼ କରି, ନିଜ କର୍ମ ଉପରେ ବିଶ୍ୱାସ ରଖି ଓ ଈଶ୍ୱରଙ୍କ ଉପରେ ଭରସା କରନ୍ତୁ । ଯେଉଁ ଈଶ୍ୱର ମଣିଷ ଭଳି ଏକ ବିଚକ୍ଷଣ ଜୀବ ଭିତରେ ଏତେ ଯନ୍ତ୍ରପାତି ଖଞ୍ଜିଛନ୍ତି ସଂସାରରେ ଚାଲିବା, ବୁଲିବା, ଖାଇବା, କଥା କହିବା, କ୍ରୋଧ କରିବା, ସ୍ନେହ କରିବା,ପ୍ରଖର ବୁଦ୍ଧି ଖଞ୍ଜି ବିଜ୍ଞାନ ବଳରେ ଆକାଶରେ ପହଞ୍ଚିବା ଆଦି ସବୁ କରି ପାରୁଛି ଏବଂ ମୃତ୍ୟୁ ଭଳି ଏକ ଚିରନ୍ତନ ସତ୍ୟ ରଖିଛନ୍ତି ଯେ ସାରା ସଂସାର ଚାହିଁଲେ ବି ମୃତ୍ୟୁକୁ ରୋକି ପାରିବ ନାହିଁ । ଜୀବନ ମୃତ୍ୟୁର ନିୟନ୍ତ୍ରଣ ରହିବ । ଯିଏ ଅନନ୍ତ ବ୍ରହ୍ମାଣ୍ଡର ମାଲିକ, ସେ ଥାଉ ଥାଉ ଆମକୁ ବା ହରାଇବ କିଏ ? କାହିଁକି ମଣିଷ ଅଧର୍ଯ୍ୟ ହୋଇ କେବେ ନିଜେ ଆତ୍ମହତ୍ୟା କରୁଛି ତ କେବେ ଅନ୍ୟକୁ ଶତ୍ରୁ ଭାବି ହତ୍ୟା କରୁଛି । ଆମର ଏ ଛୋଟ ମୁଣ୍ଡ ଭିତରେ ଈଶ୍ୱରଙ୍କୁ ଏବଂ ଈଶ୍ୱରଙ୍କ ଏ ସର୍ଜନାକୁ ବୁଝିବାର ଚେତନା ନାହିଁ, ତେଣୁ ଆମେ ମାୟା ଦ୍ୱାରା କବଳିତ ହୋଇ ନିଜେ ନିଜ ପାଇଁ ନ୍ୟାୟ ପାଇବା ଆଶାରେ ଅନେକ ଅନ୍ୟାୟ କରିବସନ୍ତି । ବାସ୍ତବରେ କିନ୍ତୁ ସେ(ଈଶ୍ୱର) ନଚାହିଁଲେ ଆମ ଭିତରେ ଯେଉଁ ପବନ ଟିକକ ଜୀବନ ନାଁରେ ବହୁଛି ସେତିକି ବି ବନ୍ଦ ହୋଇଯିବ । ଆମେ ଈଶ୍ୱରଙ୍କ ଉପରେ ସେତିକି ଭରସା ଓ ବିଶ୍ୱାସ ରଖିବା ଉଚିତ୍ ଯେ, ଆମ ସହିତ ଘଟୁଥିବା ସବୁ ଅନ୍ୟାୟକୁ ସେ ନୀରବରେ ଦେଖୁଛନ୍ତି ଓ ସଠିକ ସମୟ ହେଲେ ସେ ଅଦୃଶ୍ୟ ଭାବେ ଏମିତି ନ୍ୟାୟ କରିବେ ଯାହା ଆମ କଳ୍ପନା ବାହାରେ । ଏହା ହିଁ ଚିରନ୍ତନ ସତ୍ୟ ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ବାରମ୍ବାର ରୋଗରେ ପଡୁଥିବା ଲୋକ ଖାଦ୍ୟରେ ସାମିଲ କରନ୍ତୁ ଏହି ଫଳ : ବଢ଼ିବ ଇମ୍ୟୁନିଟି




ପ୍ରାୟତଃ ପ୍ରତି ଘରେ ଏମିତି ଜଣେ ବ୍ୟକ୍ତି ଥିବେ ଯାହାଙ୍କୁ ଯେତେବେଳେ ବି ଦେଖ କିଛି ନା' କିଛି ରୋଗ ଲାଗିରହିଥିବ । ବାରମ୍ବାର ଅସୁସ୍ଥ , ସାମାନ୍ୟ ଜ୍ୱର ଏବଂ ଥଣ୍ଡା, କାଶ, ଛିଙ୍କ ଭଳି ସମସ୍ୟା ଲାଗିରହିଥିବ । ଏହା ସାଧାରଣତଃ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) କାରଣରୁ ହୋଇଥାଏ । ପାଣିପାଗ ବଦଳିବା ସହିତ ଅସୁସ୍ଥ ହେବାର ସମସ୍ୟା ଦେଖାଯାଉଛି ତେବେ ଆପଣଙ୍କୁ ନିଜ ଖାଦ୍ୟରେ ଏପରି ଦ୍ରବ୍ୟ ସାମିଲ କରିବା ଉଚିତ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ପାଇଁ ସାହାଯ୍ୟ କରିବ । ଫଳ, ବିନ୍ସ, ଡ୍ରାଏ ଫ୍ରୁଟ୍ସ , ପନିପରିବା, ଲିନ୍ ପ୍ରୋଟିନରେ ଭରପୂର ଏକ ସନ୍ତୁଳିତ ଆହାର ଶରୀରକୁ ସୁସ୍ଥ ରଖିବା ଏବଂ ରୋଗରୁ ରକ୍ଷା କରିବା ପାଇଁ ଜରୁରୀ । ଓଟ୍ସ, କିନୋଆ, ସ୍ପ୍ରାଉଟ୍ସ ଏବଂ ଚଣା ଭଳି ଖାଦ୍ୟ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ଉଚିତ । ଏଥିରେ ଭରପୂର ମାତ୍ରାରେ ମିନେରାଲ୍ସ ଏବଂ ଭିଟାମିନ୍ସ ଥାଏ, ଯାହା ଶରୀରକୁ ଭିତରୁ ପୋଷଣ ଦିଏ ଏବଂ ଶକ୍ତିଶାଳୀ କରେ । ଏତଦ୍ ବ୍ୟତୀତ, ଭରପୂର ମାତ୍ରାରେ ପର୍ଯ୍ୟାପ୍ତ ନିଦ, ଫିଜିକାଲ ଆକ୍ଟିଭିଟି ଏବଂ ଚାପକୁ କମ୍ କରିବା ମଧ୍ୟ ନିହାତି ଜରୁରୀ । ଏଠାରେ ଆମେ ଆପଣଙ୍କୁ କିଛି ଏପରି ଖାଦ୍ୟ ବିଷୟରେ କହୁଛୁ, ଯାହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ବହୁତ ସାହାଯ୍ୟ କରେ । ଯଦି ଆପଣ ନିଜର ଇମ୍ୟୁନିଟିକୁ ବଢ଼ାଇବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ନିଜର ଡେଲି ଡାଏଟରେ ଭିଟାମିନ ସି ରିଚ୍ ଫଳର ସେବନ କରିବା ଉଚିତ । କମଳା, ଲେମ୍ବୁ , କିୱି, ଅମୃତଭଣ୍ଡା ଭଳି ଫଳରେ ଭିଟାମିନ ସି ପ୍ରଚୁର ମାତ୍ରାରେ ଥାଏ ଯାହା ଇମ୍ୟୁନିଟିକୁ ବଢ଼ାଏ । ଖଟା ଫଳ ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ, ଯାହା ସଂକ୍ରମଣ ସହିତ ଲଢ଼ିବା ପାଇଁ ଧଳା ରକ୍ତ କୋଷିକାର ଉତ୍ପାଦନକୁ ଉତ୍ତେଜିତ କରିଥାଏ । ଏଥିରେ ଆଣ୍ଟିଅକ୍ସିଡେଣ୍ଟ ମଧ୍ୟ ଥାଏ, ଯାହା କୋଷିକାଗୁଡ଼ିକୁ ନଷ୍ଟ ହେବାରୁ ବଞ୍ଚାଇଥାଏ, ଫ୍ଲେଭୋନଏଡ୍ସ ଥାଏ, ଯାହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ ଏବଂ ଖଟା ଫଳରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମରେ ସାହାଯ୍ୟ କରେ ଏବଂ ଆପଣଙ୍କ ଓଜନକୁ ମଧ୍ୟ ନିୟନ୍ତ୍ରଣରେ ରଖେ ।




ଓଜନ ବୃଦ୍ଧି ପାଇବା ଏବେ ପ୍ରାୟ ଏକ ସାଧାରଣ କଥା ପାଲଟି ଗଲାଣି । ତେବେ ଏଥିପାଇଁ ଆମକୁ ଖାଦ୍ୟପେୟ, ବ୍ୟାୟାମ ଆଦି ଉପରେ ଗୁରୁତ୍ୱ ଦେବାକୁ ପଡିଥାଏ । ତେବେ ଏଭଳି ଏକ ଖାଦ୍ୟ ଅଛି ଯାହାକୁ ନିୟମିତ ଖାଇଲେ ଓଜନ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ । ତାହା କ'ଣ ଜାଣନ୍ତି ? ଗାଜର । ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି । ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଅସ୍ଥି ମଜଭୂତ ରହିଥାଏ । ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ରହିଛି, ଯାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ । ଏଥିରେ ଭିଟାମିନ୍-ସି ଥିବାରୁ ତାହା ଶରୀରରେ ଆଣ୍ଟିବଡି ଗଠନକରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ଗାଜରରେ ପୋଟାସିୟମ ଓ କ୍ୟାଲ୍ସିୟମର ମାତ୍ରା ମଧ୍ୟ ରହିଛି । ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ହୃତ୍ପିଣ୍ଡ ପାଇଁ ମଧ୍ୟ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ । ଏଥିରେ ଫାଇବର ପ୍ରଚୁର ପରିମାଣରେ ରହିଛି । କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ । ଏହା ଚର୍ମକୁ ସତେଜ ରଖିବା ସହ କେଶ ଝଡ଼ିବାକୁ ଦେଇ ନ ଥାଏ ।

# ଜୀବାଶ୍ମ ଇନ୍ଧନ ନିର୍ଭରଶୀଳ କୃଷି ଉପରେ ଯୁଦ୍ଧର ପ୍ରଭାବ

ଭାରତୀୟ କୃଷି କ୍ଷେତ୍ରରେ ସବୁଜ ବିପ୍ଳବର ଐତିହାସିକ ସଫଳତା ଏବଂ ଦେଶକୁ ଖାଦ୍ୟ ନିରାପତ୍ତା ପ୍ରଦାନ କରିବାରେ ଏହାର ଅବଦାନ ସର୍ବଜନବିଦିତ । ତେବେ ଏହି ବିପୁଳ ସଫଳତାର ମୂଳଦୁଆ ମୁଖ୍ୟତଃ ଜୀବାଶ୍ମ ଇନ୍ଧନ ଭିତ୍ତିକ ଉପାଦାନଗୁଡ଼ିକ ଉପରେ ହିଁ ପର୍ଯ୍ୟବେସିତ ଥିଲା । କ୍ଷେତରେ ପ୍ରୟୋଗ ହେଉଥିବା ରାସାୟନିକ ସାରଠାରୁ ଆରମ୍ଭ କରି କୃଷି ଯନ୍ତ୍ରପାତି ଚାଳନା ପାଇଁ ଆବଶ୍ୟକ ଡିଜେଲ ଏବଂ ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ବ୍ୟବହୃତ କୀଟନାଶକ ପର୍ଯ୍ୟନ୍ତ ସବୁକିଛି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଉପରେ ନିର୍ଭରଶୀଳ । କିନ୍ତୁ ବର୍ତ୍ତମାନର ପରିବର୍ତ୍ତିତ ବିଶ୍ୱ ପରିସ୍ଥିତିରେ ଏହି କୃଷି ମଡେଲ ଏକ କଠୋର ବାସ୍ତବତାର ସମ୍ମୁଖୀନ ହେଉଛି । ସାମ୍ପ୍ରତିକ ସମୟରେ ଇରାନ ସହିତ ଆମେରିକା ଏବଂ ଇସ୍ରାଏଲର ଲାଗିରହିଥିବା ଯୁଦ୍ଧ ତଥା ଉତ୍ତେଜନାମୂଳକ ପରିସ୍ଥିତି ଭାରତୀୟ ଚାଷଜମିର ଏହି ଜୀବାଶ୍ମୀକରଣ ବା ଅତ୍ୟଧିକ ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତାର ସୀମାକୁ ଏକ କଠିନ ପରୀକ୍ଷା ମଧ୍ୟକୁ ଠେଲି ଦେଇଛି । ଏହି ଯୁଦ୍ଧ କେବଳ ପଶ୍ଚିମ ଏସିଆର ଭୂ-ରାଜନୈତିକ ସ୍ଥିତିକୁ ଅସ୍ଥିର କରିନାହିଁ, ବରଂ ଜୀବାଶ୍ମ ଇନ୍ଧନ ଭିତ୍ତିକ କୃଷି ଉପାଦାନର ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି କରି ଭାରତର ଖାଦ୍ୟ ସୁରକ୍ଷା ପ୍ରତି ଏକ ଗମ୍ଭୀର ଆହ୍ୱାନ ସୃଷ୍ଟି କରିଛି ।

ଏହି ପରିବର୍ତ୍ତନର ବ୍ୟାପକତାକୁ ବୁଝିବାକୁ ହେଲେ ଆମକୁ ଅତୀତର ତଥ୍ୟ ଉପରେ ଦୃଷ୍ଟିପାତ କରିବାକୁ ପଡ଼ିବ । ଦେଶ ସ୍ୱାଧୀନ ହେବା ସମୟରେ ଭାରତୀୟ କୃଷିର ରୂପରେଖ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ୧୯୪୭ ମସିହା ବେଳକୁ ସମଗ୍ର ଦେଶର ଚାଷଜମିରେ ବ୍ୟବହାର ପାଇଁ ମାତ୍ର ୫,୦୦୦ ଟ୍ରାକ୍ଟର ଉପଲବ୍ଧ ଥିଲା । ସେହିପରି ୧୯୫୦-୫୧ ଆର୍ଥିକ ବର୍ଷରେ ଯବକ୍ଷାରଜାନ, ଫସଫରସ ଏବଂ ପୋଟାସିୟମ ଭଳି ରାସାୟନିକ ସାରର ମୋଟ ଘରୋଇ ବ୍ୟବହାର ଥିଲା ମାତ୍ର ୬୯,୮୦୦ ଟନ୍ । ସେତେବେଳେ କେରଳର କୋଚି ନିକଟରେ ଫର୍ଟିଲାଇଜର୍ସ ଆଣ୍ଡ କେମିକାଲ୍ସ ଟ୍ରାଭାନକୋର ନାମକ କେବଳ ଗୋଟିଏ ବଡ଼ କାରଖାନା ଥିଲା, ଯାହା ମୁଖ୍ୟତଃ ଆମୋନିୟମ ସଲଫେଟ୍ ଉତ୍ପାଦନ କରୁଥିଲା । କିନ୍ତୁ ଆଜିର ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ବଦଳିଯାଇଛି । କେବଳ ୨୦୨୫-୨୬ ଆର୍ଥିକ ବର୍ଷର ଏପ୍ରିଲରୁ ମାର୍ଚ୍ଚ ମାସ ମଧ୍ୟରେ ଦେଶରେ ଟ୍ରାକ୍ଟର ବିକ୍ରି ୧.୧୬ ନିୟୁତ ୟୁନିଟ୍ ଛୁଇଁଛି । ଏହା ସହିତ ୨୦୨୪-୨୫ ଆର୍ଥିକ ବର୍ଷର ସମ୍ପୂର୍ଣ୍ଣ ତଥ୍ୟ ଅନୁଯାୟୀ, ଦେଶରେ ଏନ, ପି ଏବଂ କେ ସାରର ମୋଟ ବ୍ୟବହାର ୩୨.୯ ନିୟୁତ ଟନ୍‌ରୁ ଅଧିକ ରହିଥିଲା । ଅତୀତ ଏବଂ ବର୍ତ୍ତମାନ ମଧ୍ୟରେ ଥିବା ଏହି ବିରାଟ ପାର୍ଥକ୍ୟ ଭାରତୀୟ କୃଷିରେ ହୋଇଥିବା ଜୀବାଶ୍ମୀକରଣର ଗଭୀରତାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି । ୧୯୬୦ ଦଶକର ଶେଷ ଭାଗରେ ଆସିଥିବା ସବୁଜ ବିପ୍ଳବ ପରେ ଏହି ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୋଇଥିଲା । ବର୍ତ୍ତମାନ ଆମେରିକା-ଇସ୍ରାଏଲ ବନାମ ଇରାନ ବିବାଦ ପ୍ରେକ୍ଷାପଟରେ ଏହି ପ୍ରସଙ୍ଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି, କାରଣ ଏହା ଜୀବାଶ୍ମ ଇନ୍ଧନ ଆମଦାନୀ ଉପରେ ନିର୍ଭରଶୀଳ ଆମର କୃଷି ବ୍ୟବସ୍ଥାର ଅସହାୟତାକୁ ପଦାରେ ପକାଇଦେଇଛି ।

ପାରମ୍ପରିକ ଭାବରେ ଭାରତରେ କୃଷି କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଗୋସମ୍ପଦ ଉପରେ ଆଧାରିତ ଥିଲା । ବଳଦ ଏବଂ ମଇଁଷିମାନେ କେବଳ କ୍ଷେତରେ ହଳ କରିବା ପାଇଁ ଶାରୀରିକ ଶକ୍ତି ଯୋଗାଉ ନଥିଲେ, ବରଂ ସେମାନଙ୍କର ବର୍ଜ୍ୟବସ୍ତୁ ଗଛର ବୃଦ୍ଧି ପାଇଁ ଆବଶ୍ୟକୀୟ ପ୍ରାକୃତିକ ପୋଷକ ତତ୍ତ୍ୱ ମଧ୍ୟ ପ୍ରଦାନ କରୁଥିଲା । କ୍ଷେତରେ ଲଙ୍ଗଳ ଟାଣିବାଠାରୁ ଆରମ୍ଭ କରି ଅମଳ ହୋଇଥିବା ଫସଲକୁ ମାଡ଼ି ଶସ୍ୟକୁ ଅଲଗା କରିବା, ଜଳସେଚନ ପାଇଁ କୂଅରୁ ପାଣି କାଢ଼ିବା ନିମନ୍ତେ ରହଟ ବୁଲାଇବା ଏବଂ କୃଷିଜାତ ଦ୍ରବ୍ୟ ତଥା ମଣିଷଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ପାଇଁ ଶଗଡ଼ ଟାଣିବାରେ ପଶୁମାନଙ୍କର ଏକାନ୍ତ ଆବଶ୍ୟକତା ରହିଥିଲା । ୧୯୭୦ ଦଶକର ପ୍ରାରମ୍ଭ ପର୍ଯ୍ୟନ୍ତ ଭାରତରେ ମୋଟ କୃଷି ଶକ୍ତି ଉପଲବ୍ଧତାର ଅଧାରୁ ଅଧିକ ଭାଗ କେବଳ ଏହି ପଶୁମାନଙ୍କଠାରୁ ହିଁ ମିଳୁଥିଲା । କିନ୍ତୁ କୃଷିର ଯାନ୍ତ୍ରିକୀକରଣ ଏହି ପରିସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଲା । ୧୯୯୧-୯୨ ମସିହାରେ ପ୍ରଥମ ଥର ପାଇଁ ଟ୍ରାକ୍ଟର, ପାୱାର ଟିଲର, ଡିଜେଲ ଇଞ୍ଜିନ ଏବଂ କମ୍ବାଇନ ହାର୍ଭେଷ୍ଟର ଭଳି ଯାନ୍ତ୍ରିକ ଉତ୍ସରୁ ମିଳୁଥିବା ଶକ୍ତି, ପଶୁ ଏବଂ କୃଷି ଶ୍ରମିକମାନଙ୍କଠାରୁ ମିଳୁଥିବା ଶାରୀରିକ ଶକ୍ତିକୁ ଅତିକ୍ରମ କରିଯାଇଥିଲା । ସେବେଠାରୁ ଜଳସେଚନ ପମ୍ପସେଟ୍ ଚଲାଇବା ପାଇଁ ବ୍ୟବହୃତ ହେଉଥିବା ବୈଦ୍ୟୁତିକ ଶକ୍ତି ମଧ୍ୟ ବଳଦ ଏବଂ କୃଷି ଶ୍ରମିକଙ୍କ ମିଳିତ ଶକ୍ତିକୁ ଟପିଯାଇଛି । ଆଜିର ଦିନରେ ଟ୍ରାକ୍ଟରଗୁଡ଼ିକ ବଳଦମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଅଦରକାରୀ କରିଦେଇଛନ୍ତି । ରୋଟାଭେଟର ଏବଂ ରିଭର୍ସିବଲ ମୋଲ୍ଡ ବୋର୍ଡ ପ୍ଲାଉ ଭଳି ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ମାଟିକୁ ବହୁ ଗଭୀର ପର୍ଯ୍ୟନ୍ତ ଖୋଳିବା, ମାଟିକୁ ଗୁଣ୍ଡ କରିବା ଏବଂ ଏହାର କଠିନ ସ୍ତରକୁ ଭାଙ୍ଗିବା ସହଜ ହୋଇପାରିଛି । କେବଳ ସେତିକି ନୁହେଁ, ଶଗଡ଼ ଗାଡ଼ିର ସ୍ଥାନ ମଧ୍ୟ ଏବେ ଟ୍ରାକ୍ଟର ଟ୍ରଲି ନେଇସାରିଛି । କମ୍ବାଇନ ହାର୍ଭେଷ୍ଟର ମେସିନ ଗୁଡ଼ିକ ଉଭୟ ମଣିଷ ଏବଂ ବଳଦଙ୍କ ଶ୍ରମକୁ ବିସ୍ଥାପିତ କରିଛନ୍ତି । ଏହି ବିଶାଳ ଯନ୍ତ୍ରଗୁଡ଼ିକ ଗୋଟିଏ ଥରରେ ଫସଲ କାଟିବା, ଶସ୍ୟ ଅଲଗା କରିବା, ସଫା କରିବା ଏବଂ ସିଧାସଳଖ ଚାଷୀର ଟ୍ରାକ୍ଟର ଟ୍ରଲିରେ ଶସ୍ୟ ପହଞ୍ଚାଇବାର କାର୍ଯ୍ୟ କରୁଛନ୍ତି । ସେହିପରି ଜଳସେଚନ ବ୍ୟବସ୍ଥା ମଧ୍ୟ ମୁଖ୍ୟତଃ ଇଲେକ୍ଟ୍ରିକ୍ ମୋଟର କିମ୍ବା ଡିଜେଲ ଇଞ୍ଜିନ ଦ୍ୱାରା ଚାଳିତ ପମ୍ପ ମାଧ୍ୟମରେ କରାଯାଉଛି ଏବଂ ପାରମ୍ପରିକ ରହଟ ପ୍ରାୟତଃ ଇତିହାସର ପୃଷ୍ଠାରେ ସୀମିତ ହୋଇଯାଇଛି ।

ଯାନ୍ତ୍ରିକୀକରଣ ସହିତ ସାର ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଛି । ପୂର୍ବରୁ ଚାଷୀମାନେ ନିଜ କ୍ଷେତରେ ଗୋବର ଖତ ବ୍ୟବହାର କରୁଥିଲେ, ଯେଉଁଥିରେ ଗୋବର, ଗୋମୂତ୍ର ଏବଂ ନଡ଼ା ଭଳି କୃଷି ବର୍ଜ୍ୟବସ୍ତୁର ମିଶ୍ରଣ ରହୁଥିଲା । ଏହି ପ୍ରାକୃତିକ ଖତରେ ହାରାହାରି ୦.୫ ପ୍ରତିଶତ ଯବକ୍ଷାରଜାନ, ୦.୨ ପ୍ରତିଶତ ଫସଫରସ ଏବଂ ୦.୫ ପ୍ରତିଶତ ପୋଟାସିୟମ ରହୁଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତରେ ଉତ୍ପାଦିତ ହେଉଥିବା ରାସାୟନିକ ସାର ମଧ୍ୟରେ ଆମୋନିୟମ ସଲଫେଟ୍ ଏବଂ ସିଙ୍ଗଲ ସୁପର ଫସଫେଟ୍ ବା ଏସଏସପି ପ୍ରମୁଖ ଥିଲା । ଆମୋନିୟମ ସଲଫେଟରେ ୨୦.୫ ପ୍ରତିଶତ ଯବକ୍ଷାରଜାନ ଏବଂ ୨୩ ପ୍ରତିଶତ ସଲଫର ଥିବାବେଳେ, ଏସଏସପିରେ ୧୬ ପ୍ରତିଶତ ଫସଫରସ ଏବଂ ୧୧ ପ୍ରତିଶତ ସଲଫର ରହୁଥିଲା । କିନ୍ତୁ ସବୁଜ ବିପ୍ଳବର ଆଗମନ ପରେ ୟୁରିଆ, ଡାଇ-ଆମୋନିୟମ ଫସଫେଟ୍ ବା ଡିଏପି ଏବଂ ମ୍ୟୁରିଏଟ୍ ଅଫ୍ ପୋଟାସ୍ ବା ଏମଓପି ଭଳି ଉଚ୍ଚ-ବିଶ୍ଳେଷଣ ସାରର ବ୍ୟବହାର ବହୁଳ ମାତ୍ରାରେ ବୃଦ୍ଧି ପାଇଲା । ଏହି ସାରଗୁଡ଼ିକରେ ପୋଷକ ତତ୍ତ୍ୱର ମାତ୍ରା ଯଥେଷ୍ଟ ଅଧିକ ଥିଲା । ଉଦାହରଣ ସ୍ୱରୂପ ୟୁରିଆରେ ୪୬ ପ୍ରତିଶତ ଯବକ୍ଷାରଜାନ, ଡିଏପିରେ ୪୬ ପ୍ରତିଶତ ଫସଫରସ ଓ ୧୮ ପ୍ରତିଶତ ଯବକ୍ଷାରଜାନ ଏବଂ ଏମଓପିରେ ୬୦ ପ୍ରତିଶତ ପୋଟାସିୟମ ଉପଲବ୍ଧ ଥାଏ । ସବୁଜ ବିପ୍ଳବର ମୂଳ ଲକ୍ଷ୍ୟ ଥିଲା ଉଚ୍ଚ ଅମଳକ୍ଷମ ତଥା ଶକ୍ତ କାଣ୍ଡ ବିଶିଷ୍ଟ ବାମନ କିସମର ଫସଲ ଉତ୍ପାଦନ କରିବା, ଯାହା ଅଧିକ ସାର ପ୍ରୟୋଗକୁ ସହ୍ୟ କରିପାରିବ ଏବଂ ଶସ୍ୟ ଭାରରେ ନଇଁ ପଡ଼ିବ ନାହିଁ । ଚାଷୀମାନେ ଯେତେ ଅଧିକ ଉଚ୍ଚ ଅମଳକ୍ଷମ ବିହନ ବ୍ୟବହାର କଲେ, ଉଚ୍ଚ-ବିଶ୍ଳେଷଣ ସାରର ଚାହିଦା ସେତେ ଅଧିକ ବଢ଼ିବାରେ ଲାଗିଲା । ୨୦୨୪-୨୫ ମସିହାରେ ବ୍ୟବହୃତ ୩୨.୯ ନିୟୁତ ଟନ୍ ଏନପିକେ ପାଇଁ ପ୍ରାୟ ୭୦.୭ ନିୟୁତ ଟନ୍ ସାର ଉତ୍ପାଦର ଆବଶ୍ୟକତା ପଡ଼ିଥିଲା । ଏଥିମଧ୍ୟରୁ ସର୍ବାଧିକ ଅଂଶ ଥିଲା ୟୁରିଆ ଯାହାର ପରିମାଣ ୩୮.୮ ନିୟୁତ ଟନ୍ ଏବଂ ଡିଏପି ଯାହାର ପରିମାଣ ୯.୩ ନିୟୁତ ଟନ୍ ଥିଲା । ଏହା ତୁଳନାରେ ଆମୋନିୟମ ସଲଫେଟ୍ ମାତ୍ର ୦.୯ ନିୟୁତ ଟନ୍ ଏବଂ ଏସଏସପି ମାତ୍ର ୪.୯ ନିୟୁତ ଟନ୍ ବ୍ୟବହାର ହୋଇଥିଲା । କେବଳ ସାର ନୁହେଁ, ଅଧିକ ଅମଳ ଆଶାରେ ଚାଷୀମାନେ ଫସଲକୁ ବିଭିନ୍ନ ରୋଗପୋକ, କବକ, ବ୍ୟାକ୍ଟେରିଆ, ଭାଇରସ୍ ଏବଂ ଅନାବନା ଗଛରୁ ରକ୍ଷା କରିବା ପାଇଁ ବହୁଳ ମାତ୍ରାରେ କୀଟନାଶକ, କବକନାଶକ ଏବଂ ତୃଣକନାଶକର ବ୍ୟବହାର କରିବା ଆରମ୍ଭ କଲେ ।

ଏହି ସମସ୍ତ ପରିବର୍ତ୍ତନ ଭାରତୀୟ କୃଷିର ଉତ୍ପାଦକତା ବୃଦ୍ଧି କରିଥିଲେ ମଧ୍ୟ ଏହାକୁ ଜୀବାଶ୍ମ ଇନ୍ଧନ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ କରିଦେଇଛି । ରାସାୟନିକ ସାରରେ ଥିବା ଯବକ୍ଷାରଜାନର ମୁଖ୍ୟ ଉତ୍ସ ହେଉଛି ପ୍ରାକୃତିକ କିମ୍ବା ସିନ୍‌ଥେଟିକ୍ ଗ୍ୟାସ । ୧୯୪୭ ମସିହାରେ ପ୍ରତିଷ୍ଠିତ ଭାରତର ପ୍ରଥମ ପ୍ରମୁଖ ଆମୋନିୟମ ସଲଫେଟ୍ ପ୍ଲାଣ୍ଟ ଆମୋନିଆ ପ୍ରସ୍ତୁତ କରିବା ପାଇଁ ଜାଳେଣି କାଠରୁ ଉତ୍ପାଦିତ ସିନ୍‌ଥେଟିକ୍ ଗ୍ୟାସ ବ୍ୟବହାର କରୁଥିଲା । ପରେ ଏହି ଆମୋନିଆକୁ ଜିପସମ୍ ଏବଂ ସଲଫ୍ୟୁରିକ୍ ଏସିଡ୍ ସହିତ ମିଶାଇ ଆମୋନିୟମ ସଲଫେଟ୍ ପ୍ରସ୍ତୁତ କରାଯାଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ୟୁରିଆ ଏବଂ ଡିଏପିର ବ୍ୟାପକ ଚାହିଦା ପୂରଣ କରିବା ପାଇଁ ସାର କାରଖାନାଗୁଡ଼ିକ ପ୍ରଥମେ ଅଶୋଧିତ ପେଟ୍ରୋଲିୟମରୁ ମିଳୁଥିବା ନାପଥା ଏବଂ ପରେ ପ୍ରାକୃତିକ ଗ୍ୟାସ ଉପରେ ନିର୍ଭର କରିବା ଆରମ୍ଭ କଲେ । ବର୍ତ୍ତମାନ ଭାରତ ନିଜର ପ୍ରାକୃତିକ ଗ୍ୟାସ ଆବଶ୍ୟକତାର ୫୦ ପ୍ରତିଶତରୁ ଅଧିକ ବିଦେଶରୁ ଆମଦାନୀ କରୁଛି । ସେହିପରି ଫସଫରସ ପାଇଁ ରକ୍ ଫସଫେଟ୍, ପୋଟାସିୟମ ଏବଂ ସଲଫର ପାଇଁ ଭାରତ ପାଖରେ ନିଜସ୍ୱ ଖଣିଜ ଭଣ୍ଡାର ପ୍ରାୟତଃ ନାହିଁ କହିଲେ ଚଳେ । ଏହି କାରଣରୁ ଭାରତର ସାର ଶିଳ୍ପ ଏବଂ ବ୍ୟାପକ ଅର୍ଥରେ ଦେଶର ଖାଦ୍ୟ ସୁରକ୍ଷା ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଛି ।

ବର୍ତ୍ତମାନ ଇରାନ ଏବଂ ଇସ୍ରାଏଲ-ଆମେରିକା ମଧ୍ୟରେ ଚାଲିଥିବା ଘମାଘୋଟ ଯୁଦ୍ଧ ଏହି ନିର୍ଭରଶୀଳତାର ଭୟାବହତାକୁ ସାମ୍ନାକୁ ଆଣିଛି । ବିଶ୍ୱର ପ୍ରାୟ ଏକ ତୃତୀୟାଂଶ ସମୁଦ୍ର ପଥ ସାର ବାଣିଜ୍ୟ କେବଳ ହରମୁଜ୍ ପ୍ରଣାଳୀ ଦେଇ ହୋଇଥାଏ । ଯୁଦ୍ଧ କାରଣରୁ ଏହି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପଥ ବନ୍ଦ ସ୍ଥିତିରେ ଥିବାରୁ ଅନ୍ତର୍ଜାତୀୟ ବଜାରରେ ସାର ଦର ଆକାଶଛୁଆଁ ହେବାରେ ଲାଗିଛି । ଏହାର ପ୍ରଭାବରେ ରୁଷିଆ ଯାହାର ବିଶ୍ୱ ସାର ବାଣିଜ୍ୟରେ ୨୦ ପ୍ରତିଶତ ଅଂଶଦାନ ରହିଛି ଏବଂ ଚୀନ୍ ଯାହା ୨୦୨୩-୨୪ ପର୍ଯ୍ୟନ୍ତ ଭାରତର ପ୍ରମୁଖ ୟୁରିଆ ଓ ଡିଏପି ଯୋଗାଣକାରୀ ଦେଶ ଥିଲା, ସେମାନେ ନିଜ ଦେଶର ଘରୋଇ ଚାହିଦାକୁ ପ୍ରାଥମିକତା ଦେଇ ରପ୍ତାନି ଉପରେ କଟକଣା ଲଗାଇଛନ୍ତି । ଏହା ଫଳରେ ବିଶ୍ୱବଜାରରେ ସାରର ଘୋର ଅଭାବ ଦେଖାଦେଇଛି ଯାହା ଭାରତ ପାଇଁ ଏକ ବଡ଼ ସଙ୍କଟ ସୃଷ୍ଟି କରିଛି । ଜୀବାଶ୍ମ ଇନ୍ଧନ ସହିତ ଜଡ଼ିତ ଏହି ଦୁର୍ବଳତା କେବଳ ସାର କ୍ଷେତ୍ରରେ ସୀମିତ ନୁହେଁ । କୃଷି କ୍ଷେତ୍ରରେ ବ୍ୟବହୃତ ଟ୍ରାକ୍ଟର ଏବଂ କମ୍ବାଇନ ହାର୍ଭେଷ୍ଟର ଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଡିଜେଲ ଉପରେ ନିର୍ଭରଶୀଳ । ଗୋଟିଏ ସାଧାରଣ ୫୦ ଅଶ୍ୱଶକ୍ତି ବିଶିଷ୍ଟ ଟ୍ରାକ୍ଟର ଯଦି ରୋଟାଭେଟର, କଲ୍ଟିଭେଟର, ଡିସ୍କ ହାରୋ କିମ୍ବା ମୋଲ୍ଡ ବୋର୍ଡ ପ୍ଲାଉ ଟାଣିଥାଏ, ତେବେ ତାହା ଘଣ୍ଟାପ୍ରତି ୬ ରୁ ୭ ଲିଟର ଡିଜେଲ ଖର୍ଚ୍ଚ କରିଥାଏ । ବିନା ଭାରରେ ଚାଲିଲେ ମଧ୍ୟ ଏହା ୨ ରୁ ୩ ଲିଟର ଡିଜେଲ ନେଇଥାଏ । ସେହିପରି କୀଟନାଶକର ସକ୍ରିୟ ଉପାଦାନଗୁଡ଼ିକୁ ମିଶାଇବା ଏବଂ ସ୍ପ୍ରେ କରିବା ପାଇଁ ଉପଯୁକ୍ତ ଦ୍ରବଣ ପ୍ରସ୍ତୁତ କରିବା ନିମନ୍ତେ ବ୍ୟବହୃତ ହେଉଥିବା ଦ୍ରାବକ ଏବଂ ଇମଲସିଫାୟର ଗୁଡ଼ିକ ମଧ୍ୟ ମୁଖ୍ୟତଃ ନାପଥା ଏବଂ ଅନ୍ୟାନ୍ୟ ପେଟ୍ରୋଲିୟମ ଜାତ ଦ୍ରବ୍ୟରୁ ହିଁ ପ୍ରସ୍ତୁତ ହୋଇଥାଏ । ତେଣୁ ପଶ୍ଚିମ ଏସିଆରେ ଲାଗିରହିଥିବା ଅଶାନ୍ତି ଏବଂ ଅସମାହିତ ଯୁଦ୍ଧ ପରିସ୍ଥିତି ଏହି ସମସ୍ତ କୃଷି ଉପାଦାନର ମୂଲ୍ୟ ଏବଂ ଉପଲବ୍ଧତା ଉପରେ ଏକ ବିନାଶକାରୀ ପ୍ରଭାବ ପକାଉଛି । ସବୁଜ ବିପ୍ଳବ ଯେଉଁ ଜୀବାଶ୍ମ ଇନ୍ଧନ ଭିତ୍ତିକ ମଡେଲ ଉପରେ ଛିଡ଼ା ହୋଇଥିଲା, ଆଜି ତାହା ନିଜର ସବୁଠାରୁ ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇଛି । ଭବିଷ୍ୟତରେ ଦେଶର ବିପୁଳ ଜନସଂଖ୍ୟା ପାଇଁ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବାକୁ ହେଲେ ଭାରତକୁ ନିଜର କୃଷି ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବାକୁ ପଡ଼ିବ ଏବଂ ଜୀବାଶ୍ମ ଇନ୍ଧନ ଉପରେ ଅତ୍ୟଧିକ ନିର୍ଭରଶୀଳତା ହ୍ରାସ କରି ବିକଳ୍ପ ତଥା ସ୍ଥାୟୀ କୃଷି ପଦ୍ଧତି ଆପଣାଇବା ଦିଗରେ ଗମ୍ଭୀରତାର ସହ ପଦକ୍ଷେପ ନେବାକୁ ପଡ଼ିବ ।

# ଅର୍ଥନୀତିରେ ଭାରତର ଅବନୀତି



## ସୌଭାଗ୍ୟ ରଂଜନ ମହାନ୍ତି

ଚତୁର୍ଥ ବୃହତମ ଅର୍ଥନୈତିକ ମହାଶକ୍ତିରୁ ଷଷ୍ଠ ସ୍ଥାନକୁ ଖସିଲା

ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୈତିକ ମହାଶକ୍ତି ଭାବେ ମାନ୍ୟତା ପ୍ରାପ୍ତ ଭାରତ ଏବେ ଷଷ୍ଠ ସ୍ଥାନକୁ ଖସି ଆସିଥିବା ଆନ୍ତର୍ଜାତିକ ମହାଶକ୍ତି ଭାବେ ମାନ୍ୟତା ପ୍ରାପ୍ତ ଭାରତ ଏବେ ଷଷ୍ଠ ସ୍ଥାନକୁ ଖସି ଆସିଥିବା ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (ଆଇଏମଏଫ)ର ସର୍ବକ୍ଷେଣ ୱାର୍ଲଡ ଇକୋନୋମିକ୍ ଆଉଟଲୁକ ରିପୋର୍ଟରେ କୁହାଯାଇଛି । ରିପୋର୍ଟରେ କୁହାଯାଉଛି ଯେ, ବିଶ୍ୱ ଜିଡିପି ର୍ୟାଙ୍କିଂରେ ଭାରତ ଚତୁର୍ଥ ସ୍ଥାନ ହରାଇ ଷଷ୍ଠ ସ୍ଥାନକୁ ଖସି ଆସିଥିବାବେଳେ ଜାପାନ ଓ ଯୁକ୍ତରାଷ୍ଟ୍ର ବ୍ରିଟେନ ଏହାକୁ ଅତିକ୍ରମ କରିଛନ୍ତି । ସାଂପ୍ରତିକ ଆମେରିକୀୟ ଡଲାରେ ନାମମାତ୍ର ଜିଡିପି ଅନୁସାରେ ଜାପାନ ତୃତୀୟ ସ୍ଥାନକୁ ଉଠିଥିବାବେଳେ ବ୍ରିଟେନ ଚତୁର୍ଥ ସ୍ଥାନ ଅଧିକାର କରିଛି । ଆଇଏମଏଫର ଆକଳନ ଅନୁସାରେ ଚଳିତ ବର୍ଷ ପୂର୍ବରୁ ଭାରତୀୟ ଅର୍ଥନୀତି ୩.୯୨ ଟ୍ରିଲିଅନ ଆମେରିକୀୟ ଡଲାରରୁ ଏବେ ୪.୧୫ ଟ୍ରିଲିଅନ ଆମେରିକୀୟ ଡଲାର ରହିଛି । ତୁଳନାତ୍ମକ ଭାବେ ଜାପାନର ଅର୍ଥନୀତି ୪.୩୮ ଟ୍ରିଲିଅନ ଆମେରିକୀୟ ଡଲାର ଥିବା ସମୟରେ ବ୍ରିଟେନର ଅର୍ଥନୀତି ୪.୨୭ ଟ୍ରିଲିଅନ ଡଲାର ରହିଛି । ଯାହାକି ଭାରତର ଅର୍ଥନୀତିଠାରୁ ସାମାନ୍ୟ ଉପରେ ରହିଛି । ତେବେ ଭାରତର ଅର୍ଥନୀତି ଷଷ୍ଠସ୍ଥାନକୁ ଖସି ଆସିବା ନେଇ ଆଇଏମଏଫ ମୁଖ୍ୟତଃ ଭାବେ ଦୁଇଟି କାରଣ ଦର୍ଶାଇଛି । ପ୍ରଥମଟି ହେଉଛି ଜିଡିପି ଆକଳନର ପରିବର୍ତ୍ତନ । ୨୦୨୨-୨୩ ଆର୍ଥୀକ ବର୍ଷକୁ ଆଧାର କରି ନୂତନ ପଦ୍ଧତି ବିଦ୍ୟା ଅନୁସାରେ ସରକାର ବହୁତ ବଡ ସଂଖ୍ୟାରେ ପଦ୍ଧତିଗତ ପରିବର୍ତ୍ତନ ଏବଂ ସମ୍ମିଳିତ ନୂତନ ତଥ୍ୟ ଉତ୍ସ ଦ୍ୱାରା ଜିଡିପି ଆକଳନ ଆପଣାଇଥିବା ଦର୍ଶାଇଛି । ଗତ ଫେବୃୟାରୀ ମାସ ଶେଷ ଭାଗରେ ପ୍ରକାଶ ପାଇଥିବା ନୂତନ ଜିଡିପି ଅର୍ଥନୀତିର ବାସ୍ତବ ଛବି ଦେଉଛି । ଏହି ନୂତନ ତଥ୍ୟ ଆହୁରି ଦର୍ଶାଇଛି ଅତୀତରେ ଭାରତର ଜିଡିପି ବାସ୍ତବତାଠାରୁ ଅଧିକ ଆକଳନ କରାଯାଇଥିଲା । ଯାହାର ପରିଣତି ସ୍ୱରୂପ ୨୦୨୫-୨୬ ରେ ଭାରତ ଜିଡିପି ପୁନଃ ନିର୍ଦ୍ଧାରିତ ହେବା ସହ ୩୫୭ ଟ୍ରିଲିଅନରୁ ୩୪୫ ଟ୍ରିଲିଅନ ହୋଇଥିଲା । ସେହିପରି ଦ୍ୱିତୀୟ କାରଣଟି ହେଉଛି ବିନିମୟ ହାର । ଆଇଏମଏଫ ଆମେରିକୀୟ ଡଲାର ଅନୁସାରେ ଅର୍ଥନୀତିକୁ ତୁଳନା କରିଥାଏ । ଯେକୌଣସି ଘରୋଇ ମୁଦ୍ରା ବିନିମୟ ତୁଳନାରେ ଆମେରିକୀୟ ଡଲାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ରହିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷକ ମଧ୍ୟରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହୋଇପଡିବା ସହ ଏହାର ମୂଲ୍ୟ ୧୦ପ୍ରତିଶତ ହ୍ରାସ ପାଇଛି । ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଭାରତୀୟ ମୁଦ୍ରା (ଟଙ୍କା)ର ଅବମୂଲ୍ୟାୟନ ଘଟି ୧ ଆମେରିକୀୟ ଡଲାର ୯୫.୨୩ ପଇସା ହୋଇଛି । ତେବେ ଆମେରିକାର ଶୁଳ୍କ ଲାଗୁ, ବାଣିଜ୍ୟ ଚୁକ୍ତିରେ ଅନିଶ୍ଚିତତା, ମଧ୍ୟପ୍ରାଚ୍ୟ ଯୁଦ୍ଧ, ଅଶୋଧିତ ତୈଳ ପରିବହନ ଠପ ଏବଂ ମୂଲ୍ୟବୃଦ୍ଧି ଯୋଗୁଁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ନୁହେଁ, ଡଲାର ତୁଳନାରେ ବହୁ ରାଷ୍ଟ୍ରର ମୁଦ୍ରା ମୂଲ୍ୟରେ ଅବନତି ଘଟିଛି । ଇରାନ, ପାକିସ୍ଥନ, ଚୀନ, ଶ୍ରୀଲଙ୍କା, ନେପାଳ, ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡିକରେ ମୁଦ୍ରାରେ ଦ୍ରୁତ ଅବନତି ଘଟିଥିବା କୁହାଯାଏ । କିନ୍ତୁ ଏହା ନିସନ୍ଦେହ ଯେ, ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଯୋଗୁଁ ଭାରତର ଜିଡିପି ହ୍ରାସ ପାଇବା ସହ ଜାପାନ ଓ ବ୍ରିଟେନ ପଛକୁ ଖସିଛି । ଅତୀତରେ କେତେକ ଆନ୍ତର୍ଜାତିକ ଆର୍ଥୀକ ସଂସ୍ଥା ମଧ୍ୟ ଭାରତର ଜିଡିପି ନେଇ ପ୍ରଶ୍ନ କରିଥିଲେ । ଭାରତର ଜିଡିପି ଆକଳନ ଯଥାର୍ଥ ମାର୍ଗରେ ହେଉନଥିବା ସେମାନେ ଦର୍ଶାଇଥିଲେ ଆସନ୍ତା ୨୦୨୯ ସୁଦ୍ଧା ଭାରତକୁ ତୃତୀୟ ବୃହତମ ଅର୍ଥନୈତିକ ମହାଶକ୍ତି କରିବା ପାଇଁ ସରକାର କରୁଥିବା ଦାବି ପ୍ରତି ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯

# ରାଜ୍ୟ ଓ ଭାଷାରେ ଓଡ଼ିଆ ଅସ୍ମିତା ଭୂତ



## ଡକ୍ଟର କାଳୀ ପ୍ରସନ୍ନ ଶତପଥୀ

'ଅସ୍ମିତା' ଶବ୍ଦଟି ଯୁଗେ ଯୁଗେ ରହିଛି । କିନ୍ତୁ କେଜାଣି କାହିଁ କିଛି ଦିନ ହେଲା ଏହି ଅସ୍ମିତା ଶବ୍ଦକୁ ନେଇ ଅନେକ ନାନା, ଆଲୋଚନା, ତର୍କ, ବିତର୍କ ସୃଷ୍ଟି ହେଉଛି । ବାସ୍ତବରେ ଅସ୍ମିତା ଶବ୍ଦଟିକୁ ଆମେ ସମସ୍ତେ ଭଲଭାବେ ବୁଝି ପାରିନାହେଁ ବୋଲି ଏ ନେଇ ନାନା ଆଲୋଚନା କରୁଛେ । ରାଜନୈତିକ ଦଳଙ୍କ ଚର୍ଚ୍ଚା ଓ ଗଣମାଧ୍ୟମର ଯେଉଁ ସବୁ ରୋଚକ ଆଲୋଚନା ଆମପରି ପାଠକ ସବୁ ଦେଖୁଛନ୍ତି ସେମାନେ ଗୋଟିଏ ମତରେ ଉପନୀତ ହେଉଛନ୍ତି ଯେ ବର୍ତ୍ତମାନର ସରକାର 'ଅସ୍ମିତା' ଭାବନା ବା ଚେତନାକୁ ଜାଗରିତ କରି ସରକାରକୁ ଆସିଛନ୍ତି । ତେବେ ଅତି ଦୁଃଖର କଥା ଯେ ଅସ୍ମିତା ଶବ୍ଦର ମୌଳିକ ଅର୍ଥକୁ ନ ବୁଝି ତାକୁ ଟାଣି ଆଣି ସ୍ୱାଭିମାନ ଓ ଗୌରବ ଅର୍ଥରେ ତଥା କଥିତ ବୁଦ୍ଧିଜୀବୀ ବ୍ୟବହାର କରୁଛନ୍ତି । ବହୁତ ଲେଖକ ଅସ୍ମିତାର ଶବ୍ଦର ଅପବ୍ୟବହାର କରି ବହି ଲେଖିଛନ୍ତି ଏବଂ ଖବର କାଗଜରେ ମଧ୍ୟ ବିଭିନ୍ନ ପ୍ରକାରର ସଫେଇ ଦେଇ କେତେକ ଅସ୍ମିତା ଶବ୍ଦର ଅବାସ୍ତବ ସାର୍ଥକତା ପ୍ରତିପାଦନ କରିବାପାଇଁ ଅଣ୍ଟା ଭିଡ଼ିଛନ୍ତି । ସ୍ୱାଧୀନତା **(Independence)** ଓ ସ୍ୱେଚ୍ଛାଚାର **(at one's own will / freedom of action)** ମଧ୍ୟରେ ଯେଉଁପରି ପାର୍ଥକ୍ୟ ରହିଛି ସେହିପରି ସ୍ୱାଭିମାନ **(Self Respect)** ଓ ଅସ୍ମିତା **(Egotisim / Self Praise)** ମଧ୍ୟରେ ପାର୍ଥକ୍ୟ ରହିଛି ବୋଲି ବୁଦ୍ଧିଜୀବୀମାନେ ବଝିବା ସବୁଠାରୁ ଦୁଃଖର ବିଷୟ ।

ଅସ୍ମିତାକୁ ସ୍ୱାଭିମାନ ବା ଗୌରବ ଅର୍ଥରେ ଯେତେ ବୁଝାଇଲେ ତାହା ଓଡ଼ିଆ ଭାଷାର ସଂକୀର୍ଣ୍ଣତାକୁ ବୁଝାଇବ । ଅସ୍ମିତାର ଅର୍ଥ 'ମୁଁ ଅଛି' । ଏହି ଜ୍ଞାନ ବା ଭାବ । ଏହାର ଅର୍ଥକୁ ଯଦି ଆମେ ଅଛି, ତୁ ଅଛି, ତୁମେମାନେ ଅଛି, ସେମାନେ ଅଛି ଓଡ଼ିଆ ଭାଷା ଅଛି, ଓଡ଼ିଆ ରାଜ୍ୟ ଅଛି, ଭାରତ ଅଛି ଏବଂ ଏଗୁଡ଼ିକ ଭାବପରି ଚିତ୍କାର କରି କହିବା ଓ ଏବଂ ବିଭିନ୍ନ ଗୌରବ ପରମ୍ପରାର ଉଦାହରଣ ସ୍ୱରୂପ ଉପସ୍ଥାପନ କରିବା ତେବେ ଆମ ଶାସ୍ତ୍ରୀୟ ଓଡ଼ିଆ ଭାଷା ଓ ଭାରତର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଓଡ଼ିଶାର ଗୌରବ କିପରି ନଷ୍ଟ ହେଉଛି ସହଜରେ ଜାଣି ହେବ । ଆମର ଅସ୍ମିତା ଓଡ଼ିଆର ଅସ୍ମିତା, ଓଡ଼ିଆ ଅସ୍ମିତା ପ୍ରଭୃତି ବ୍ୟବହାର ଅଜ୍ଞତା ଓ ପ୍ରମାଦ ପୂର୍ଣ୍ଣ । ଓଡ଼ିଆରେ ଅସ୍ମି + ତା = ଅସ୍ମିତା ହେଉଛି ତତ୍ ସମ ଶବ୍ଦ । ଅର୍ଥାତ୍ ଅସ୍ମି - ମୁଁ ଅଛି । ଏହାର ଉତ୍ତମ ପୁରୁଷ / ପ୍ରଥମ ପରୁଷ ଏକକ ବଚନର ବର୍ତ୍ତମାନ କାଳର କ୍ରିୟା ତାହା ହେଉଛି ଏକ ଗୁଣବାଚକ ଦଦ୍ଧିତ ପ୍ରତ୍ୟୟ । ଅସ୍ମି ଅବୟରୂପେ କେବଳ ମୁଁ ଅଛି /ଅଟେ ଅର୍ଥକୁ ବୁଝାଏ ।

ଅସ୍ମି + ତା = ଅସ୍ମିତା ସିଧା ଅର୍ଥ ମୁଁ ପଣିଆ । ଯେପରି ଗୁରୁତା, ଲଘୁତା, ମାନବତା, ଦରିଦ୍ରତା ସେହିପରି ଅସ୍ମିତା । ଅସ୍ମିତା ଶବ୍ଦର ଅର୍ଥ ମୁଁ ପଣିଆ **(Egotisim / The I am being. Selfish)**, ଓଡ଼ିଆରେ ଓଡ଼ିଆ ଭାଷାରେ ପ୍ରବୀଣ ବହୁ ବିଚକ୍ଷଣ ଭାଷାବିତ ଅଛନ୍ତି । ମାତ୍ର କେଉଁ ଅବ୍ୟକ୍ତ ବାଧବାଧକର ଓଡ଼ିଆ ପରି ଗୋଟିଏ ସ୍ୱୟଂ ସମୃଦ୍ଧ ଶାସ୍ତ୍ରୀ ଭାଷାର ସ୍ୱାଭିମାନ ଓ ଗୌରବମୟ ପରମ୍ପରାକୁ ଅସ୍ମିତା ପରି ଏକ ନକରାତ୍ମକ ଶବ୍ଦର ଅନୁରାଗରେ ସରକାରଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ଭୂତ ସଂକ୍ରମଣରେ ଶିକାର ହେଉଛନ୍ତି । ତାହା ବାସ୍ତବି ବିସ୍ମୟ ଜନକ । ଜଣେ ବନ୍ଧୁ ଲଘୁ ପରିହାସରେ କହିଲେ 'ବୋଧ ହୁଏ ସ୍ମିତା, ସସ୍ମିତ, ସୁସ୍ମିତା, ମଧୁସ୍ମିତା, ସୁଚିସ୍ମିତା, ତନୁସ୍ମିତା, ବିସ୍ମିତା' ପରି କୋଳ ସ୍ତ୍ରୀଲଙ୍ଗ ବାଚକ ଶବ୍ଦର ମୋହରେ ଅସ୍ମିତା ଶବ୍ଦକୁ ଆଦରି ନେଇଛନ୍ତି । ଗୋଟିଏ ବିବାବଦୀୟ ନିକୃଷ୍ଟ ଭାବ ବୋଧକ ଅସ୍ମିତା **(Egotisim)** ଶବ୍ଦ ବ୍ୟବହାର ବଦଳରେ ଉତ୍କୃଷ୍ଟ ବିବାଦଶୂନ୍ୟ ସ୍ୱାଭିମାନ ବା ଗୌରବ ଶବ୍ଦର ବ୍ୟବହାର ଉପରେ ପ୍ରାଧାନ୍ୟ ଗୁରୁତ୍ୱ ଆରୋପ କରିବାକୁ ଅନୁରୋଧ । ଅଜ୍ଞାନ ପ୍ରମାଦ ଭ୍ରାନ୍ତି ହେତୁ ଦୋଷମାନ - ବିଚାରି ତାହାରି ଶୁଦ୍ଧି କରନ୍ତି ସଜନ ।

+ଧୂମାତ ଶାସନ, ଇନ୍ଦୁପୁର,
କେନ୍ଦ୍ରାପଡ଼ା,
ମୋ: ୯୩୪୮୧୯୨୭୧୯

# ଧାଈ ନୁହେଁ, ସେ ଦ୍ୱିତୀୟ ମାଆ



## ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା

ଆଜି ହେଉଛି ବିଶ୍ୱ ଧାତ୍ରୀ ଦିବସ । ଜଣେ ଯନ୍ତ୍ରଣା କ୍ଲିଷ୍ଟ ଭାବରେ ଯେତେବେଳେ ଡାକ୍ତରଖାନାକୁ ପୀଡ଼ିତ ଭାବରେ ଯାଇଥାଏ ଆମ ସମାଜରେ କୁହାଯାଉଥିବା ଦ୍ୱିତୀୟ ଭଗବାନ ଡାକ୍ତରଙ୍କ ପରେ ଯଦି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଓ ନିଷ୍ପାପର ଦାୟିତ୍ୱ କାହାଙ୍କ ଉପରେ ନ୍ୟସ୍ତ ରହିଥାଏ ସେ ହେଉଛନ୍ତି ଜଣେ ଧାତ୍ରୀ ବା ଓଡ଼ିଆରେ ଆମେ ଧାଈ ଭାବରେ ଜାଣିଥାଉ । ଆମ ଭିତରେ ଅନେକ ବିଶେଷକରି ଯେଉଁମାନେ ଗାଁ ଗହଳିରେ ଭୂମିଷ୍ଠ ହୋଇଛନ୍ତି ସେମାନଙ୍କର ପିତାମାତା, ଜେଜେ ଜେଜିମା ଜଣେ ଧାଈଙ୍କର ଅକ୍ଲାନ୍ତ ଓ ନିଷ୍ପାପର ପରିଶ୍ରମ ବିଷୟରେ ବେଶ ଭଲ ଭାବେ ଅବଗତ । କହିବାକୁ ଗଲେ ଜଣେ ସନ୍ତାନଟି ସୂର୍ଯ୍ୟାଲୋକ ଦେଖିଥାଏ ଏହି ଧାଈ ମାନଙ୍କ ସେବା ଓ ଗୁଣ ସମ୍ପନ୍ନ ହାତ ଦ୍ୱାରା । ୧୯୯୧ରୁ ପ୍ରତି ବର୍ଷ ମେ ୫ ତାରିଖରେ ପାଳିତ ହେଉଛି ଅନ୍ତର୍ଜାତୀୟ ଧାତ୍ରୀ ଦିବସ । ଏବେ ଭାରତ ସମେତ ମୋଟ ପଚାଶଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଉଛି । ଏକବିଂଶ ଶତାବ୍ଦୀରେ ମଧ୍ୟ ଧାତ୍ରୀ ବା ଧାଈଙ୍କ ଦ୍ୱାରା ସନ୍ତାନ ପ୍ରସବ ବିଶେଷ ଗୁରୁତ୍ୱ ବହନ କରୁଛି । କାରଣ, ପ୍ରସବ ବେଳେ ସମଗ୍ର ବିଶ୍ୱରେ ବାର୍ଷିକ ପ୍ରାୟ ସାଢ଼େ ତିନି ଲକ୍ଷ ମହିଳା ପ୍ରାଣ ହରାଉଛନ୍ତି । ନବଜାତକଙ୍କ ମୃତ୍ୟୁ ସଂଖ୍ୟା କୋଡିଏ ଲକ୍ଷରୁ ଅଧିକ । ଓଡ଼ିଶାର କେତେକ ଅଞ୍ଚଳରେ ଅନ୍ଧବିଶ୍ୱାସ ଓ କୁସଂସ୍କାରର ବଶବର୍ତ୍ତୀ ହୋଇ କିଛି ଧାଈ ମାନଙ୍କର ଭୁଲ ଚିକିତ୍ସା ଦ୍ୱାରା କେତେକ କ୍ଷେତ୍ରରେ ଭୂମିଷ୍ଠ ହେବାକୁ ଥିବା ସନ୍ତାନଟି ବାହାର ଦୁନିଆର ଆଲୋକ ଦେଖି ପାରିନଥାଏ । ତେବେ ବର୍ତ୍ତମାନ ସେ ସବୁ ସମସ୍ୟା ଦୂରୀଭୂତ ହୋଇଗଲାଣି ।

ସରକାରଙ୍କ ବ୍ୟବସ୍ଥିତ ଓ ନିୟମିତ ସ୍ୱାସ୍ଥ୍ୟ ପରାମର୍ଶ ଅନୁଯାୟୀ ଗର୍ଭବତୀ ମାନେ ନିରାପଦରେ ସନ୍ତାନ ପ୍ରସବ କରୁଛନ୍ତି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ବା ଯେ କୌଣସି ଡାକ୍ତରଖାନାରେ ପିଲାଟି ଏକ ସ୍ୱାସ୍ଥ୍ୟ ସମ୍ପନ୍ନ ଉତ୍କୃଷ୍ଟ ଭିତ୍ତିଭୂମିରେ ଜନ୍ମ ଲାଭ କରିପାରୁଛି । ତେବେ ଏ କ୍ଷେତ୍ରରେ ଆମ ମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ଯେଉଁ ପିଲାଟି ଆମ ଘର, ପରିବାରର ଆଗାମୀ ଦିନର ଭବିଷ୍ୟତ ଓ ସୁନେଲୀ ସ୍ୱପ୍ନ, ତାଙ୍କୁ ଏ ଦୁନିଆକୁ ଆଗମନ କରାଉଥିବା ଜଣେ ମାତୃସମ ଭାଇଙ୍କ ପାଖରେ ଆମେ କୃତଜ୍ଞ ରହିବା ଉଚିତ । ଏହା ସମ୍ଭବତଃ ଆମର ଶ୍ରେଷ୍ଠ ମାନବିକତା ହୋଇପାରିବ । ସେମାନଙ୍କ ପାଇଁ ଅମୃତସମ ଓ ଗଭୀର ହୃଦୟର କୃତଜ୍ଞତା ଦ୍ୱାରା ତାଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ ହୁଏତ କିଛି ଆମେ ଦେଇପାରିବା । ମାତୃ ଶିଶୁ ମୃତ୍ୟୁ ହାର କମାଇବା ପାଇଁ ଲୋଡ଼ା ଅଧିକରୁ ଅଧିକ ସଂଖ୍ୟକ ଶିକ୍ଷିତ, ତାଲିମପ୍ରାପ୍ତ ଓ ଅଭିଜ୍ଞ ଧାଈ । ଏ ବାବଦରେ ସଚେତନତା ସୃଷ୍ଟି କରିବା, ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । କେହି କେହି ସ୍ନେହ, ଆବେଗରେ ଏହି ଧାତ୍ରୀ ମାନଙ୍କୁ ଏ ଦୁନିଆର 'ଦ୍ୱିତୀୟ ମାଆ' ଭାବେ କୃତଜ୍ଞତା ପ୍ରକାଶ କରିଥାନ୍ତି । ବାସ୍ତବରେ କହିବାକୁଗଲେ ଏହା ଅତ୍ୟୁକ୍ତି ନୁହେଁ । ଏ ଦୁନିଆର ଲକ୍ଷ ଲକ୍ଷ ଧାତ୍ରୀ ବା ଧାଈ ମାନଙ୍କୁ ବିଶ୍ୱ ଧାତ୍ରୀ ଦିବସରେ କୃତଜ୍ଞତା ଓ ଅଭିନନ୍ଦନ ଜଣାଉଛି ।

+ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, ଚହଟା ନଗର,
ଲେନ୍-୬, କଟକ-୧୪,
ମୋ : ୭୦୦୮୪୭୮୯୮୬




## ନିରୀହ ଜୀବନ ଗଲା



### ସୁନୀଲ କୁମାର ପ୍ରଧାନ

ନ୍ୟାୟ ଟିକେ ପୁଣି
ପାଇବା ଆଶାରେ
ଧାରଣାରେ ନାରୀ ବସିଛି
କେ. ଖରିଡାର ହିଞ୍ଜିଳି ଅଞ୍ଚଳରେ
ଏହା ଦେଖିବାକୁ ମିଳିଛି ।

ତିନି ବରଷର ଝିଅଟିକୁ ଧରି
ସ୍ୱାମୀର ଘରକୁ ଆସିଛି
ପ୍ରତିଶ୍ରୁତି ଦେଇ ସ୍ୱାମୀ ଯାଇଛି
ଫେରିବାର କଥା ଭୁଲିଛି ।

କେତେ କେତେ ସିଏ ଯାତନା ସହିଲା
ପ୍ରେମ ବିବାହ କରିସାରି
ଗର୍ଭବତୀ ଥିଲା ନିରୀହ ଝିଅଟି
ଦେଢଶୁର ଦେଲାରେ ମାରି ।

ଟାଙ୍ଗିଆ ଚୋଟରେ ହାଣି ଦେଇ ଗଲା
କେମିତି ପାପିଷ୍ଠ ଏସବୁ କଲା
ଶିଶୁ ପିଲାଟିଏ ମାଆ ପାଖେ ବସି
ମାଆ ମାଆ କାନ୍ଦୁଛି ବଳା ।

ଉଚିତ୍ ଦଣ୍ଡରେ ଦଣ୍ଡମାନ ହେଉ
ଏହା ନିବେଦନ ରହିବ
ନିଷ୍ପାପ ଶିଶୁକୁ ପିତା ତାର ନେଉ
ଏହା ହିଁ ମଙ୍ଗଳ ହୋଇବ ।

+ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬

## ଛାତିରେ ଭରେ କୋହ

### ଧ୍ରୁବ ଚରଣ ଘିବେଲା

ଭ୍ରମଣ ସୁଖ ଆଣିଛି ଦୁଃଖ
ପ୍ରାଣ ଯାଇଛି ଚାଲି
ପବନ ହେଲା ଡଙ୍ଗା ବୁଡ଼ିଲା
ପବନରେ ଦୋହଲି ଓ
ଡ୍ୟାମ ଭିତରେ ବସି ଡଙ୍ଗାରେ
ବୁଲିବା ହେଲା କାଳ
ସତେ ଯେମିତି ବିଛେଇ ସେଠି
ଥିଲା ମୃତ୍ୟୁର ଜାଲ ଓ
ଦୁର୍ଘଟଣାର ଫଟୋ ବୁଲୁଛି
ମୋବାଇଲ ଦେହରେ
ମାଆ ଶୋଇଛି ପୁଅକୁ ଧରି
(ଚିର)ନିଦ୍ରାରେ ନିଶ୍ଚିନ୍ତରେ ଓ
ମାଆ ମମତା ଆଗେ ହାରିଛି
ଦୁଃଖଦ ସେଇ ମୃତ୍ୟୁ
ହୃଦୟଥରା କୋହ ବତୁରା



ସେଇ ଅକାଳ ମୃତ୍ୟୁ ଓ
ଜଳ ଜୀବନ ନିଏ ବି ପ୍ରାଣ
ଜଳରେ ଗଲେ ବୁଡ଼ି
ମୃତ୍ୟୁ ସହିତ ଲଢ଼ି କେ ହାରେ
ଜୀବନ ନିଏ ଭିଡ଼ି ଓ
ଶୋଇଲା ଭଳି କୋଳେଇ ଧରି
ମାଆ ଧରିଛି ପୁଅ
ଫଟୋ ଦେଖିଲେ ଛାତିରେ ଭରେ
ପାହାଡ଼ ପ୍ରାୟ କୋହ ଓ

+ବଉଦରାଜ -୭୬୨୦୧୪,
ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬

# ମାତୃତ୍ୱକୁ ନେଇ କୁଣ୍ଠା



**ଡାକ୍ତର ଶୁଭଶ୍ରୀ ମିଶ୍ର**



ମାତୃତ୍ୱ ପ୍ରତିଟି ବିବାହିତ ମହିଳାଙ୍କ ପାଇଁ ଏକ ସ୍ୱପ୍ନ, ଆନନ୍ଦର ଦିବ୍ୟ ଅନୁଭବ କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତରେ ଜନସଂଖ୍ୟା ବୃଦ୍ଧିହାରରେ ପରିଲକ୍ଷିତ ଆଞ୍ଚଳିକ ତାରତମ୍ୟ ବର୍ତ୍ତମାନ ଏକ ପ୍ରକାରର ରାଜନୈତିକ ଉତ୍ତେଜନାର ଦିଗ ଆଡ଼କୁ ନେଲାଣି। କହିବାକୁଗଲେ ଉତ୍ତର ଓ ଦକ୍ଷିଣ ଦୁଇ ଭାଗରେ ବିଭକ୍ତ ହୋଇଯାଇଛି ଏହି ପ୍ରସଙ୍ଗ। ସ୍ୱାଧୀନତା ପରଠାରୁ ଦେଶରେ କାର୍ଯ୍ୟକାରୀ ହୋଇଥିବା ଜନସଂଖ୍ୟା ନିୟନ୍ତ୍ରଣ ଅଭିଯାନକୁ ଗୁରୁତ୍ୱର ସହ ଗ୍ରହଣ କରି ଦାକ୍ଷିଣାତ୍ୟର ଚାରଟି ଯାକ ପ୍ରଗତିଶୀଳ ରାଜ୍ୟମାନେ ସେମାନଙ୍କର ନିଜ ନିଜର ଜନସଂଖ୍ୟାର ବୃଦ୍ଧିହାରରେ ତୀବ୍ର ହ୍ରାସ ଘଟାଇ ସାରିଥିବାବେଳେ ଉତ୍ତର ଭାରତର ରକ୍ଷଣଶୀଳ ରାଜ୍ୟ ମାନଙ୍କରେ ଉଚ୍ଚହାରରେ ଜନସଂଖ୍ୟା ବୃଦ୍ଧି ଅବ୍ୟାହତ ରହିଛି। ତେଣୁ କେହି କେହି ଯୁକ୍ତିରେ କହିପାରନ୍ତି ଏଥିପାଇଁ ଭାରତ ମାତାଙ୍କର ବାଧ୍ୟ ସନ୍ତାନ ରୂପେ ଦାକ୍ଷିଣାତ୍ୟର ରାଜ୍ୟ ମାନେ ରାଷ୍ଟ୍ର ଦ୍ୱାରା ପୁରସ୍କୃତ ହେବା କଥା କିନ୍ତୁ ଅବାଧ୍ୟ ଉତ୍ତର ଭାରତୀୟ ରାଜ୍ୟମାନେ ଦଣ୍ଡିତ ହେବା କଥା। କିନ୍ତୁ ବାସ୍ତବ କଥା ତାହା ନୁହେଁ। ଜନସଂଖ୍ୟା ଭିତ୍ତିରେ ଆଗାମୀ ଲୋକ ସଭା ନିର୍ବାଚନୀ କ୍ଷେତ୍ର ପୁର୍ନନିର୍ଦ୍ଧାରଣ ବା ଯାହାକୁ ଡିଲିମିଟେସନ କୁହାଯାଉଛିରେ ଉତ୍ତର ଭାରତୀୟ ରାଜ୍ୟ ମାନଙ୍କୁ ଅପେକ୍ଷାକୃତ ଅଧିକ ସଂଖ୍ୟକ ଆସନ ଓ ଦକ୍ଷିଣ ଭାରତୀୟ ରାଜ୍ୟ ମାନଙ୍କୁ ଅପେକ୍ଷାକୃତ କମ ସଂଖ୍ୟକ ଆସନ ମିଳିବ। ଅନ୍ୟଟି ହେଲା ଅର୍ଥ କମିଶନ ଜନସଂଖ୍ୟାକୁ ଦେଖି ରାଜ୍ୟ ମାନଙ୍କୁ ସମ୍ବଳ ଆବଣ୍ଟନ କଲାବେଳେ ଉତ୍ତର ଭାରତୀୟ ରାଜ୍ୟ ମାନଙ୍କୁ ଅପେକ୍ଷାକୃତ ଅଧିକ ଓ ଦକ୍ଷିଣ ଭାରତୀୟ ରାଜ୍ୟ ମାନଙ୍କୁ ଅପେକ୍ଷାକୃତ କମ ସମ୍ବଳ ମିଳିବ। ଏ ନେଇ ଏକ ପ୍ରକାର ରାଜନୀତି ଜୋରଦାର ହେଲାଣି।

ଏ ସବୁ ଭିତରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏକ ବିଚାର ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ତାଙ୍କ ବିଚାରରେ ଜନସଂଖ୍ୟା ବୃଦ୍ଧିରେ ମନ୍ଥରତା ଯୋଗୁଁ ଯଦି ସମସ୍ୟା ସୃଷ୍ଟି ହେଉଛି ତେବେ ଜନସଂଖ୍ୟା ବୃଦ୍ଧିକୁ ଦ୍ରୁତତର କରି ସମସ୍ୟାର ମୂଳଉତ୍ପାଟନ କରାଯାଇପାରିବ। ଏଠାରେ ସୂଚନା ରଖୁକି ଯେ ସେ ରାଜ୍ୟରେ ଜନସଂଖ୍ୟା ବୃଦ୍ଧିରେ ଏହି ମନ୍ଥରତାର ସୂଚକ ସ୍ୱରୂପ ସେଠାରେ ନାରୀ ମାନଙ୍କ ମୁଣ୍ଡ ପିଛା ହାରାହାରି ସନ୍ତାନ ପ୍ରସବ ହାର ଯାହାକୁ ଟୋଟାଲ ଫର୍ଟିଲିଟି ରେଟ କୁହାଯାଏ, ହ୍ରାସ ପାଇ ୧.୫ ଛୁଇଁଲାଣି। ମୋଟ ଲୋକ ସଂଖ୍ୟାର ସ୍ଥିର ରହିବା ନିମିତ୍ତ ଟୋଟାଲ ଫର୍ଟିଲିଟର ମୂଲ୍ୟ ୨.୧ ହେବା ଆବଶ୍ୟକ ହୋଇଥିବାରୁ ଏହି ନିଚା ଟୋଟାଲ ଫର୍ଟିଲିଟି ରେଟ ସେ ରାଜ୍ୟ ପାଇଁ ନିଶ୍ଚିତ ରୂପେ ଚିନ୍ତାଜନକ। କାରଣ ଏହା ସଂପୃକ୍ତ ସମାଜରେ ସନ୍ତାନ ଜନ୍ମ ପ୍ରତି ମହିଳା ମାନଙ୍କର ଅନାଗ୍ରହତାର ପ୍ରତିଫଳନ ରୂପେ ପରିଗଣିତ ହୋଇଥାଏ। ତେବେ ଏହାର ରାଜନୈତିକ ପରିଣତି ସ୍ୱରୂପ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ରାଜ୍ୟରେ ମହିଳାମାନଙ୍କ ଠାରେ ସନ୍ତାନ ଜନ୍ମ ପ୍ରତି ଦେଖାଯାଉଥିବା ଏହି କୁଣ୍ଠାକୁ ଦୂରକରି ଯଥାଶୀଘ୍ର ସମ୍ଭବ ଟୋଟାଲ ଫର୍ଟିଲିଟ ରେଟରେ ଉନ୍ନତି ଘଟାଇ ସେଠାରେ ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି ସାଧନ କରି ସମସ୍ୟାର ସମାଧାନ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଦେଇଛନ୍ତି। ରାଜ୍ୟ ସରକାର ବିଭିନ୍ନ ପ୍ରୋତ୍ସାହନ ମଧ୍ୟ ଘୋଷଣା କରିଛନ୍ତି। ଏହି ଘୋଷଣା ଅନୁଯାୟୀ ଦ୍ୱିତୀୟ କିମ୍ବା ତୃତୀୟ ସନ୍ତାନ ଜନ୍ମ ପାଇଁ ଦମ୍ପତ୍ତି ମାନଙ୍କୁ ୨୫୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ଠାରୁ ଆରମ୍ଭ କରି ତୃତୀୟ ସନ୍ତାନ ପାଇଁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମାସିକ ୧୦୦୦ ଟଙ୍କାର ଲେଖାଏଁ ସହାୟତା ଓ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ତାକୁ ସରକାରୀ କିମ୍ବା ଆବାସିକ ବିଦ୍ୟାଳୟରେ ମାଗଣା ଶିକ୍ଷା ଦାନ, ପ୍ରସବ ପରେ କର୍ମଜୀବୀ ଜନନୀକୁ ଗୋଟିଏ ବର୍ଷ ପାଇଁ ଛୁଟି ଓ ପିତାଙ୍କୁ ଦୁଇମାସ ପାଇଁ ଛୁଟି ପ୍ରଦାନ, କର୍ମସ୍ଥଳୀ ମାନଙ୍କରେ ଯଥେଷ୍ଟ ସଂଖ୍ୟା ଶିଶୁ ଯତ୍ନ କେନ୍ଦ୍ରମାନ ପ୍ରତିଷ୍ଠା ଆଦି, ରିହାତି ମୂଲ୍ୟରେ କୃତ୍ରିମ ଭ୍ରୂଣ ସଞ୍ଚାର ସୁବିଧା ଆଦି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏଠାରେ ସୂଚୀତ କରାଯାଇପାରେ ଯେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଏହି ଉଦ୍ୟମକୁ ରାଜ୍ୟର ମହିଳାମାନେ କେତେ ଦୂର ପ୍ରୋତ୍ସାହନ ଲୋଭର ବଶବର୍ତ୍ତୀ ହୋଇ ଏକାଧିକ ସନ୍ତାନ ପ୍ରସବ ପାଇଁ ଆଗଭର ହେବେ।

ଆମେ ଆଲୋଚନାର ଅନ୍ୟ ଏକ ବିନ୍ଦୁଟିକୁ ଛୁଉଁଛୁ ତାହା ହେଉଛି ଏହି ବ୍ୟବସ୍ଥା ଦ୍ୱାରା ରାଜ୍ୟର ପ୍ରଜନନ କ୍ଷମ ମହିଳାମାନେ ଦୁଇ ଶ୍ରେଣୀରେ ବିଭକ୍ତ ହେବେ। ଗୋଟିଏ ଶ୍ରେଣୀ ହେଉଛନ୍ତି କର୍ମଜୀବୀ ଅନ୍ୟ ଶ୍ରେଣୀଟି ଗୃହିଣୀ। ଆମେ ଯେତିକି ଜାଣୁ ସମଗ୍ର ଭାରତରେ ଆନ୍ଧ୍ରପ୍ରଦେଶ ଏକ ପ୍ରଗତିଶୀଳ ରାଜ୍ୟ ଭାବେ ପରିଚିତ। ଯେଉଁଠାରେ କର୍ମଜୀବୀ ଶ୍ରେଣୀର ମହିଳାମାନେ ସାଧାରଣତଃ ଶିକ୍ଷିତା ଓ ସ୍ୱଚ୍ଛଳ ହୋଇଥିବାବେଳେ ପାରମ୍ପରିକ ଗୃହିଣୀମାନେ ଅଳ୍ପ ଶିକ୍ଷିତା ଓ ଅସ୍ୱଚ୍ଛଳ ବର୍ଗର ପ୍ରତିନିଧିତ୍ୱ କରିଥାନ୍ତି। ପ୍ରଥମ ବର୍ଗର ମହିଳାମାନେ ଏଭଳି ପ୍ରୋତ୍ସାହନ ଦ୍ୱାରା କେତେ ଯେ ଆକୃଷ୍ଟ ହେବେ ତାହା ନିଶ୍ଚିନ୍ତ ସନ୍ଦେହ ଜନକ। ଏଭଳି ବିଶେଷକରି କର୍ମଜୀବୀ ମହିଳାମାନେ କଣ ପାଇଁ ସନ୍ତାନ ଜନ୍ମ ପ୍ରତି ବିମୁଖ ହୋଇଥାନ୍ତି ତାହାର କାରଣ ଖୋଜିବାକୁ ଗଲେ ୨୦୨୩ରେ ଅର୍ଥଶାସ୍ତ୍ରରେ ନୋବେଲ ପୁରସ୍କାର ପାଇଥିବା ବିଶିଷ୍ଟ ଅର୍ଥନୀତିଜ୍ଞା ଗୋଲଡ଼ିନ୍‌ଙ୍କ ମନ୍ତବ୍ୟଟି ମୁଁ ଏଠାରେ ଉଲ୍ଲେଖ କରିବାକୁ ଉଚିତ ମନେକରୁଛି। ତାଙ୍କ ତତ୍ତ୍ୱ ବା ମନ୍ତବ୍ୟ ଅନୁଯାୟୀ ସମାଜରେ ଜଣେ ନାରୀ ମାତୃତ୍ୱ ସମ୍ପର୍କିତ ତିନୋଟି ଦଣ୍ଡକୁ ସାମ୍ନା କରିଥାଏ। ପ୍ରଥମଟି ହେଉଛି ମାତୃତ୍ୱ ଦଣ୍ଡ, ପିତୃତ୍ୱ ପୁରସ୍କାର ଓ ନାରୀତ୍ୱକର। ଏହା ସମସ୍ତଙ୍କୁ ବେଶ ଭଲଭାବେ ଜଣାଯେ ପିଲାଟି ଜନ୍ମ କଲାପରେ କର୍ମଜୀବୀ ନାରୀମାନେ କର୍ମ କ୍ଷେତ୍ରରେ ସେମାନଙ୍କ ସମୟ ଓ ଶକ୍ତିରେ ହ୍ରାସ ଘଟିଥିବାରୁ ସେମାନଙ୍କର ବ୍ୟବସ୍ଥିତ କ୍ୟାରିୟର ଅଗ୍ରଗତି ଓ ଆୟ ବାଧାପ୍ରାପ୍ତ ହୋଇଥାଏ। ଅନ୍ୟ ପଟରେ ସନ୍ତାନଟିର ବାପାମାନେ ସେଭଳି ପ୍ରତିବନ୍ଧକକୁ ସାମ୍ନା କରିନଥାନ୍ତି। ଯାହାଫଳରେ ସେମାନେ ନିଜ ବୃତ୍ତିଗତ କ୍ଷେତ୍ରରେ ଆଗେଇ ପାରିଥାନ୍ତି। କାର୍ଯ୍ୟକ୍ଷେତ୍ରରେ ପରିବେଶ ଓ କାର୍ଯ୍ୟର ସଂଗଠନ ସର୍ବଦା ପୁରୁଷ ଅନୁକୂଳ ଓ ନାରୀ ପ୍ରତିକୂଳ ହୋଇଥିବାରୁ ବାସ୍ତବରେ ଅନେକ ଅସୁବିଧାକୁ ସାମ୍ନା କରୁଥିବା ନାରୀଟି ଅଧିକ ସନ୍ତାନର ମାଆ ହେବାର ଗୌରବକୁ ବରଂ ଗ୍ରହଣ କରିନଥାନ୍ତି। ଆମର ବର୍ତ୍ତମାନ ସମୟରେ ଦେଖିବାକୁ ଗଲେ ପ୍ରାୟତଃ ଅନେକ କର୍ମଜୀବୀ ମହିଳା ମାତୃତ୍ୱ ଲାଭ କରିବା ପାଇଁ ବିଳମ୍ବିତ କରିଥାନ୍ତି। ସେମାନଙ୍କ ଭିତରୁ ଅନେକ ବରଂ ସରୋଗେଟ ବ୍ୟବସ୍ଥା ଦ୍ୱାରା ମାଆ ହେବା ପାଇଁ ପସନ୍ଦ କରିଥାନ୍ତି। ଓଡିଶା କଥା ଦେଖାଯାଉ ଆମର ମାତୃତ୍ୱ ହାର ଯଥେଷ୍ଟ ଉଚ୍ଚରେ ରହିଛି ଏବଂ ସନ୍ତାନ ଗର୍ଭସ୍ଥ ହେବା ଦିନ ଠାରୁ ପାଠ ପଢ଼ିବା ପର୍ଯ୍ୟନ୍ତ ଅନେକ ସରକାରୀ ସୁବିଧା ସୁଯୋଗ ସବୁ ରହିଛି। ଏ ସବୁ ସତ୍ତ୍ୱେ ଅନେକ ପରିବାରରେ କୁଣ୍ଠିତ ମାତୃତ୍ୱ ନାହିଁ ନଥିବା ପରିବେଶ ସୃଷ୍ଟି କରିଥାଏ। କେଉଁଠି ଦାମ୍ପତ୍ୟ ଜୀବନରେ ଝଡ଼ ଦେଖାଯାଇଥାଏ ତ କେଉଁଠି ପରିବାରର ବୟସ୍କ, ଶାଶୁ ଶ୍ୱଶୁରମାନେ ନିଜ ଭବିଷ୍ୟତ ପିଢ଼ୀକୁ ଚାହିଁ ବୋହୂ ଉପରେ ଦୋଷାରୋପ କରିଥାନ୍ତି। ଏ ସବୁ ଭିତରେ କୁଣ୍ଠିତ ମାତୃତ୍ୱ ବାସ୍ତବରେ ଏକ ବଡ଼ ବିତର୍କ ସୃଷ୍ଟି କରୁଛି।

+ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,
କଟକ

# ମା' ଅନ୍ଧାର ରାତ୍ରିର ବତିଘରଟିଏ

**ମୀରା ବେଉରା**



ମାତୃଦିବସ ପ୍ରଥମେ ଆମେରିକାରେ ପାଳନ କରାଯାଇଥିଲା। ଆନ୍ନା କାରଭିସ୍ ନାମକ ଜଣେ ମହିଳା ପ୍ରଥମେ ତାଙ୍କ ମା'ଙ୍କ ସ୍ମୃତି ସ୍ମାରକ ସ୍ୱରୂପ, ମା'ଙ୍କ ଶେଷଇଚ୍ଛା ଅନୁସାରେ ଏହି ମାତୃଦିବସ ପାଳନ ଆରମ୍ଭ କରିଥିଲେ। ଏହିପରି ଶ୍ରଦ୍ଧାଞ୍ଜଳି ସେ ତାଙ୍କ ମା'ଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଦେଇଥିଲେ। ଏହାପରେ ସବୁ ମା'ମାନଙ୍କ ପାଇଁ ଜାତୀୟ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଛୁଟିଦିବସରେ ମାତୃଦିବସ ପାଳନ କରିବାକୁ ଚାହିଁଲେ। ତାଙ୍କର ଅନୁରୋଧ ପରେ ୧୯୪୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ଚୁକ୍ତି ସ୍ୱାକ୍ଷରିତ ହେଲା। ଏହି ଚୁକ୍ତି ଅନୁସାରେ ସେହିଦିନଠାରୁ ପ୍ରତିବର୍ଷ ମେ' ମାସରେ ଦ୍ୱିତୀୟ ରବିବାର ଦିନଟିକୁ ମାତୃଦିବସ ରୂପେ ପାଳନ କରାଗଲା। ରବିବାର ଦିନଟିକୁ ମାତୃଦିବସ ରୂପେ ପାଳନ କରାଗଲା। ଏ ସୃଷ୍ଟିରେ ଯେତେ ସ୍ୱର ଝଙ୍କୃତ ହୁଏ ସବୁଠୁ ସୁନ୍ଦର ସୁର ହେଉଛି ମା' ଡାକର ସ୍ୱର। ସେ ପୁଣି ଅମୃତମୟ ସତ୍ତାଟିଏ। ତ୍ୟାଗ, ତିତିକ୍ଷା, ଭଲପାଇବା ଏବଂ ପ୍ରେମର ପ୍ରତିମୂର୍ତ୍ତିଟିଏ। ନିଜ ଜୀବନକୁ ଯିଏ ମୃତ୍ୟୁ ମୁହଁକୁ ଠେଲିଦେଇ ସନ୍ତାନଙ୍କୁ ଶତ୍ରୁ ଆକ୍ରମଣରୁ ରକ୍ଷା କରେ ଏବଂ ଆରୋଗ୍ୟ କାମନା କରେ ସେ ହେଉଛି ମାଆ। ସତରେ ମା' ସ୍ନେହ, ପ୍ରେମ, ତ୍ୟାଗ, ମମତା, ଅହିଂସା, ପ୍ରୀତିର ଛଳଛଳ ଜୀବନ୍ତ ମୂର୍ତ୍ତିଟିଏ। ସବୁ ହଳାହଳ ବିଷକୁ ହଜମ କରି ଲୁହକୁ ଲୁଚାଇ ଦେଇ



ଆଖିରେ ଯିଏ ଆନନ୍ଦର ଅଶ୍ରୁ ଆଣେ ସେ ମାଆ। ତା'ର ପ୍ରେମ ସାଗର ଠାରୁ ଆହୁରି ଗଭୀର, ଫୁଲଠାରୁ ଆହୁରି କୋମଳ, ଜହ୍ନଠାରୁ ଆହୁରି ଶୀତଳ ପୁଣି ଅଗ୍ନିଠାରୁ ଆହୁରି ତେଜସ୍ୱିନୀ, ଶକ୍ତିଶାଳୀ। ସେଥିପାଇଁ ମାଆ "ଜନନୀ ଜନ୍ମଭୂମି ସ୍ୱର୍ଗାଦପି ଗରିୟସୀ"। ପ୍ରତ୍ୟେକ ସନ୍ତାନର ପ୍ରଥମ ପରିଚୟ ହେଉଛି ମା'ର ଛାତି। ଯେଉଁ ମାତୃସ୍ତନରୁ ଶିଶୁ ଅମୃତ ପାନ କରି ବଡ଼ ମଣିଷ ହୁଏ, ସମାଜ ତଥା ରାଷ୍ଟ୍ର ବିକାଶର ଶ୍ରେଷ୍ଠ ସାଧନ ହୁଏ। ତାର ପ୍ରେମରେ ନଥାଏ ଛଳନା। ଥାଏ ନିସ୍ୱାର୍ଥପର, ଅନାବିଳ ପ୍ରେମ, ସ୍ନେହ, ଶ୍ରଦ୍ଧା ଏବଂ ପ୍ରୀତିର ଅମୃତ ଧାରା। ବେଦ ମଧ୍ୟ ଏହା ସ୍ୱୀକାର କରେ ଯେ ମା' ହେଉଛି ରାଷ୍ଟ୍ରର ଧ୍ୱଜା। ସେ ରାଷ୍ଟ୍ର ନିର୍ମାଣକାରୀ। ତା'ର ଚରଣରେ ଥାଏ ସକଳ ତୀର୍ଥ। ଏ ସଂସାରରେ ସେ ହିଁ ସବୁଠାରୁ ସୁଖୀ ଯା'ର ମୁଣ୍ଡ ଉପରେ ମା'ର ଲମ୍ବାପଣତ ଥାଏ। ଆଉ ଯିଏ ଯେତେ ସୁଖ, ସମୃଦ୍ଧି, ଧନଧାନ୍ୟରେ ତାର ରାଜକୋଷ ପୂର୍ଣ୍ଣ କଲେ ମଧ୍ୟ ଯଦି ମା' ପ୍ରତି ହିଂସା, ବର୍ବରତା, ନିର୍ଯ୍ୟାତନା ଦେଇ ତାକୁ ଉପେକ୍ଷା କରେ ସେ କେବେ ସୁଖୀ ହୋଇପାରେନା। ଏ ସଂସାରରେ କୁପୁତ୍ର ଦେଖାଯାଆନ୍ତି ହେଲେ କୁମାତା କେବେବି ଦେଖାଯାଆନ୍ତି ନାହିଁ। ମା' ନିଜ ଶରୀରର ରକ୍ତ, ମାଂସ, ମଜ୍ଜାରୁ ସୃଷ୍ଟି କରେ ସନ୍ତାନ ପୁଣି ସେହି ସନ୍ତାନ ପାଇଁ ଜୀବନର ସମସ୍ତ ସୁଖକୁ ଜଳାଞ୍ଜଳୀ ଦେଇ ସେହି ସନ୍ତାନର ପରିଚୟରେ ପରିଚିତ ହୋଇ ଆତ୍ମଗର୍ବ କରେ। ଥରେ ଜ୍ଞାନପୀଠ ପୁରସ୍କାର ବିଜେତା ସ୍ୱର୍ଗତଃ ଗୋପୀନାଥ ମହାନ୍ତି କହିଥିଲେ ମାଆ ଗୋଟିଏ; କିନ୍ତୁ ତା'ର ନାମ ଅନେକ, ରୂପ ମଧ୍ୟ ଅନେକ। ସେ ଜନ୍ମ ଦିଏ ବୋଲି ଜନନୀ, ତା' ଦ୍ୱାରା ଅଙ୍ଗପ୍ରତ୍ୟେଙ୍ଗର ପୁଷ୍ଟି ସାଧନ ହୁଏ ବୋଲି ସେ ଆମ୍ବା, ସେ ବୀରପୁତ୍ରକୁ ଜନ୍ମଦିଏ ବୋଲି ସେ ବୀରପ୍ରସବିନୀ। ସେ ହିଁ ଦୁଃଖର ସାନ୍ତ୍ୱନା, ହତାଶାର ଆଶା, ଦୁର୍ବଳର ବଳ, ଅସୁରକ୍ଷିତ ବ୍ୟକ୍ତିର ସୁରକ୍ଷାର ବଳୟ। ଶାନ୍ତି, ମୈତ୍ରୀ, ପ୍ରୀତିର ଗନ୍ତାଘର। ଆଜି ଯାହାକୁ ନେଇ ଏ ରାଷ୍ଟ୍ର ଏ ଜାତି ଗର୍ବ କରୁଛି। ଯେମିତିକି ମହାତ୍ମା ଗାନ୍ଧୀ, ମଦର ଟେରେସା, ସ୍ୱାମୀ ବିବେକାନନ୍ଦ, ଲାଲବାହାଦୂର ଶାସ୍ତ୍ରୀ, ନେତାଜୀ, ବୈଜ୍ଞାନିକ

ରାଷ୍ଟ୍ରପତି ଏପିଜେ ଅବଦୁଲ କାଲାମ, ଗୋପବନ୍ଧୁ ସମସ୍ତେ ଏହି ମାତୃଗର୍ଭରୁ ସୃଷ୍ଟି। ଯେଉଁ ଦେଶର ମା' ଯେତେ ମହାନ୍, ସେ ଜାତି ସେତିକି ମହାନ୍। ଏହି କଥାକୁ କହିବାର ତାତ୍ପର୍ଯ୍ୟ ହେଉଛି ଥରେ ଫ୍ରାନ୍ସ ବୀର ନେପୋଲିଅନ୍ ମଧ୍ୟ କହିଥିଲେ– ମୋତେ ଭଲ ମା'ଟିଏ ଦିଅ ମୁଁ ତୁମକୁ ଭଲ ରାଷ୍ଟ୍ରଟିଏ ଦେବି। ଆଜି ଆଧୁନିକ ମଣିଷ ଜଗତିକରଣ, ପାଶ୍ଚାତ୍ୟକରଣ ସହରୀକରଣର ଆଳଦେଖାଇ ବସ୍ତୁବାଦୀ ମୋହରେ ଅଧିକ ଅର୍ଥ, ପ୍ରତିଷ୍ଠା ପଛରେ ଧାଇଁ ନୈତିକତାକୁ ହରାଇ ମାଆ ପ୍ରତି ସନ୍ତାନ ରହିବା ତ ଦୂରର କଥା ବରଂ ଏହି ଆଧୁନିକ ସମାଜରେ ମା'ର ଶେଷ ଠିକଣା ଜରାଶ୍ରମକୁ ବାଛିଚନ୍ତି। ଯେଉଁ ମା' ସନ୍ତାନକୁ ଭ୍ରୁଣରୁ ତିନି, ଚାରି କେଜି ଓଜନର ପୂର୍ଣ୍ଣାଙ୍ଗ ସନ୍ତାନରେ ପରିଣତ ହେବା ପର୍ଯ୍ୟନ୍ତ ପେଟରେ ବୋହି ସବୁ କାର୍ଯ୍ୟ କରିପାରୁଥିଲା ସେହି ମାଆ ଆଜି କିଛି ସ୍ୱାର୍ଥଲୋଭୀ, ଅହଂକାରୀ ଅଜ୍ଞାନ ମୋହରେ ପଡ଼ିଥିବା ସନ୍ତାନମାନଙ୍କ ପାଇଁ ବୋଝେ ପାଲଟି ଯାଇଛି। ଏହା ଆମେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିବା ଯେ ଯେଉଁ ସମାଜରେ ମା' ଅବହେଳିତ, ଅସହାୟ, ଅପମାନିତ, ଲାଞ୍ଛିତ, ନିର୍ଯ୍ୟାତିତ ସେ ସମାଜର ପ୍ରଗତି ତଥା ବିକାଶ ଅସମ୍ଭବ। ମାତା କୌଶଲ୍ୟା, ମାତା କୁନ୍ତୀ, ମା ଗାନ୍ଧାରୀ, ମା ଯଶୋଦା, ମା' ପୁତୁଳିବାଇ, ମା ଜିକାବାଇ, ମା' ମଦର ଟେରେସା, ମା' ପ୍ରଭାବତୀ ଦେବୀ, ମା' ରମାଦେବୀ, ମା' ସରଳାଦେବୀ, ମା' କସ୍ତୁରବାଗାନ୍ଧୀଙ୍କ ପାଇଁ ଆଜି ମଧ୍ୟ ଏ ଜାତି ଗର୍ବ କରୁଛି। ଯେଉଁ ଅମୂଲ୍ୟ ରତ୍ନ ସ୍ୱରୂପ ସନ୍ତାନ ସୃଷ୍ଟି କରିଥିଲେ ସେହି ଅମ୍ଳାନ କାଳଜୟୀ ସନ୍ତାନଙ୍କୁ ନେଇ ଆଜି ରାଷ୍ଟ୍ର ସମଗ୍ର ବିଶ୍ୱରେ ଗର୍ବିତ। ମାତୃଶକ୍ତି ବିନା ସମାଜ ତଥା ଏ ରାଷ୍ଟ୍ରର ବିକାଶ ସମ୍ଭବ ନୁହେଁ। ମା'ର ପଣତରେ ସବୁବେଳେ ଲେଖାଥାଏ– ଶାନ୍ତି, ମୈତ୍ରୀ ଓ ପ୍ରୀତିର ସ୍ୱାକ୍ଷର। ବିଶ୍ୱାସର ମେରୁଦଣ୍ଡ ଏବଂ ପ୍ରଗତିର ପ୍ରତୀକ ମାଆ। ସେ ମା'କୁ ଉପଯୁକ୍ତ ସରୟଲନ ଦେଇ ଶୃଙ୍ଖଳିତ ହୋଇ ଆମେ ଯଦି ସମଗ୍ର ବିଶ୍ୱକଲ୍ୟାଣ ପାଇଁ କାର୍ଯ୍ୟ କରି ଦେଶକୁ ପ୍ରଗତି

ପଥରେ ଆଗେଇ ନେବା ତେବେ ତାହାହେବ ମାତୃ ଦିବସ ପାଳନ କରିବାର ପ୍ରକୃତ ଯଥାର୍ଥତା।

+ ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

## ଥରେ ପଚାରି ଦେଖ, କେମିତି ଅଛ ?

**ସୁମିତା ବେହେରା**



ଆଜିକାଲି ଦୌଡୁଥିବା ଦୁନିଆରେ
ବେଳ କାହିଁ କାହାର
ପଚାରିବାକୁ 'ଆରେ ଆଉ ଦେଖାନାହିଁ ତୁମର'।
କେମିତି ଅଛ ?

ଚାରିଆଡେ ଚିକ୍ ଚିକ୍ ଆଲୋକ ଭିତରେ
କେତେ ଅନ୍ଧକାର
ବାଇୟାଣୀର ହଜି ଯାଇଥିବା ପାନିଆ ପରି
ଭିତରେ ଯେ କେତେ ଗୁମର ।
ଛାଡ, ମୁହଁକୁ ମଳିନ କରି ଦିଶିଯାଏ
ଆଡେଇ ଯାଉଥିବା ଆପଣାର ଆଖି
ଦୂରେଇ ଯାଉଥିବା ଆପଣାର ହାତ
ଶବ୍ଦହୀନ ଭାଷା
ତାକୁ ବା ମୁଁ ବୁଝିବି କିପରି ?

ଏ କଥା ତୁମେ ବି ଜାଣ
ନିୟତିର କରାଘାତରେ
ହୁଏତ କିଏ ହୋଇପାରେ ଭୂପତିତ,
ନୂଆ ଆଲୁଅରେ କିଏ କୁଆଁ ରଡିରେ
କରେ ସୁପ୍ରଭାତ ।
ସମୟକୁ ଅଭିଶାପ ବା ଅଭିଷିକ୍ତ କହି
ଶେଷ କରନା କଥା ।
ଟିକିଏ ସାହଚର୍ଯ୍ୟ, ଟିକିଏ ଆଳାପରେ
ମିଳିପାରେ ବୁନ୍ଦାଏ ଅମୃତ
ଟିକିଏ ଉପସ୍ଥିତି, ଅଳ୍ପ ହସରେ ବି
ଜୀବନ ପୃଷ୍ଠାରେ
ଲେଖି ହୋଇଯାଏ ନୂଆ ଅଧ୍ୟାୟ ।

ତୁମେ ଭଲରେ ଥାଅ
କିନ୍ତୁ ସମୟର ଶେଷ ସୀମାରେ ଥିବା
ଲାୱାରିସ୍ ମଣିଷକୁ ଥରେ ପଚାର
ମଳିନ ଦିଶୁଥିବା ପରିଚିତ,
ଅପରିଚିତ ବନ୍ଧୁଙ୍କୁ ପଚାର
ହାଟରେ, ବାଟରେ,
ପାର୍କରେ, ରେଷ୍ଟୋରାରେ
ଭେଟହେଲେ ଅକସ୍ମାତ୍ ହେଉ ବା ଯୋଜନାରେ
ଥରେ ତ ପଚାର
ତୁମେ କେମିତି ଅଛ ?

+କାଳିକାପୁର ,ବାରିପଦା
ମୋ: ୬୩୭୨୮୫୬୯୯୪

## ଜୟ ଜଗନ୍ନାଥ

**ବିକାଶୀ ପ୍ରିୟଦର୍ଶିନୀ ରାଉତ**



ପ୍ରଭୁ ତୁମେ ଦେଖୁଛ ତ.....
ଏଠି ସୁଖ ସାଉଁଟିବା କେତେ ଅସହଜ
ଏଠି ଖୁସି ଗୁଡା କ୍ଷଣିକରେ କେମିତି
ରକ୍ତରଂଜିତ ହୁଅନ୍ତି,
ତୁମେ ତିଆରିଥିବା ସଂସ୍କୃତିକୁ
ସମ୍ମାନ କରିବାକୁ ଯାଇ
ଆମେ କେମିତି ମାଟିରେ ମିଶି ଯାଉଛୁ ?
ବଡ଼ ଦିଅଁ ତୁମେ !
ଚକା ଆଖି ଫେଇ କଣ ଯେ ପରଖୁଛ ?
ଜାତି ଭେଦ ବିଭେଦକୁ ମୂଳପୋଛ ପାଇଁ
ତୁମେ ତ ରଚିଛ ଅନେକ କାହାଣୀ,
ଆଜି ବଡ଼ ଦାଣ୍ଡେ ମଧ୍ୟ ଆଉ
ଭେଦ ଭାବ ନାଇଁ ।
ତୁମ କରୁଣାରେ କାଳେ ପଙ୍ଗୁ ବି
ଲଙ୍ଘିପାରେ ଗିରି,
ହେଲେ ଆଜି କାଇଁ ତୋ ଜାତି
କହିଦେଲେ ବରଷୁଛି ଗୋଳାବାରୁଦ
ଶହୀଦର ନିଷ୍ଠୁର ଆମନ୍ତ୍ରଣରେ ?
ସ୍ୱାଭିମାନର ଶବ୍ଦ ଖାଲି କଣ
ଢାଉଁ ଢାଉଁ ହେଇ ବାଜୁଥିବ
ଆମ ଏଇ ହିନ୍ଦୁ କାନରେ ?
ବନ୍ଧୁତା ବଦଳରେ ପଡୋଶୀଙ୍କ ମନ୍ତ୍ରଣା
ସବୁକୁ କେତେଦିନ ମାଳା କରି
ପିନ୍ଧୁଥିବୁ ଆମେ ?
ହେ ମହାବାହୁ !
ତୁମେ ପରା ସର୍ବ ବିଦ୍ୟମାନ,
ଥରେ ସେ କୁଟଚକ୍ରାନ୍ତକାରୀଙ୍କ
ମଗଜରେ ଭୁକାନ୍ତନି ବସୁଧୈବ କୁଟୁମ୍ବକମର
ଅଧ୍ୟାତ୍ମ ମନ୍ତ୍ର,
ଆପଣେଇବାର ଆଶୀର୍ବାଦରେ
ଢାଳନ୍ତନି ଦିବ୍ୟଜ୍ଞାନ
ଆତଙ୍କ ତିଆରୁଥିବା
ସେ ରାକ୍ଷସଙ୍କ ମଥାରେ ଆଉ ହୃଦରେ।
ମୋକ୍ଷ ହୁଅନ୍ତା ଏ ସନାତନୀ ସାମ୍ରାଜ୍ୟର
ନିର୍ବାଣର ନିରୁତା ଭାବରେ ବାନ୍ଧି ହୋଇଯାନ୍ତା
ତମାମ ପୃଥିବୀ,
ଛୁଟି ଯାଆନ୍ତା ଚାରି ଆଡ଼ ଜୟ ଜଗନ୍ନାଥର
ଅମୃତ ଲହରୀ ।

+ଶିକ୍ଷୟିତ୍ରୀ, ବଡ଼ପଲ୍ଲୀ ପ୍ରାଥମିକ ବିଦ୍ୟାଳୟ,
ବଡ଼ପଲ୍ଲୀ, ରାଜନଗର, କେନ୍ଦ୍ରାପଡ଼ା
ମୋ: ୭୮୭୩୦୮୩୯୦୮

## ଏମିତି ସମୟ ରହେନି

**ଅନସୂୟା ପଣ୍ଡା**



ସମୟ ବସି ରୁହେନି ପ୍ରତୀକ୍ଷାରେ
ସୁଖ ସାଙ୍ଗରେ କିରିକିରି ହସି ବହିଚାଲେ
କେତେ ଅସରା ଲୁହ ହୋଇ ଦୁଃଖ ସାଥେ
ଶୁଖିଯାଏ ଗାଲ ଉପରେ ଆପେ ନୀରବରେ
ବିନା ଅନୁକୂଳେ ପ୍ରାପ୍ତି ଅପ୍ରାପ୍ତିର ରାସ୍ତାରେ।

ସମୟ ଆଉଜେଇ ନିଏ ଛାତିଏ ଯାତନାକୁ
ଏମିତି ଆନନ୍ଦ ଅବସାଦ ସାଉଁଟୁ ସାଉଁଟୁ
ଅବସୋସେ ଅନେକ ରାତି ଅନିଦ୍ରା ବରେ
ଦିନରେ ବିଭଳ ବିବ୍ରତ ବ୍ୟସ୍ତତାରେ।
କିଛି ଆତ୍ମୀୟଙ୍କୁ ଆଡେଇ ଦେବା ପରେ
କିଛି ଆବେଗକୁ ପିଠି କରିଦେବା ପରେ
ନୂଆ ନୂଆ ଯନ୍ତ୍ରଣା ଆସି କଲବଲ କରେ
ସେଥିରେ ବି ସମୟ ପିଠି ଥପ ଥପାଏ
କହେ ଆସିବା ଯିବାର ଅନେକ ଫର୍ଦ୍ଦରେ
ଅନୁବନ୍ଧରେ ଜୀବନ ପୁସ୍ତକ ତିଆରି ହୁଏ।

ଏମିତି ଆବେଗ ଦ୍ୱନ୍ଦ୍ୱ ଭିତରେ
ଅନେକ ରାତି କାନ୍ଦେ ଓ କନ୍ଦାଏ
ଜୀବନ ସହିତ ଯୁଝୁ ଯୁଝୁ ଅନ୍ଧାରେ
ଆର୍ଦ୍ରତା ଶୂନ୍ୟ ହୋଇ ଝାଉଁଳିଯାଏ।

ବୟସ ସମୟର ଛିଦ୍ର ଦେଇ ବହୁଥାଏ
ତାସଲ୍ୟର ହସ ବୁଣି ଓଠରେ
ଆକାଶେ ସ୍ୱପ୍ନ ବିସ୍ମୃତ ଯାଏ
ଈପ୍ସିତ ଆଶା ସବୁ ଝାଉଁଳିଯାଏ
ତୃଷ୍ଣା ତଟ ଗହଳ ଖରାର ସ୍ପର୍ଶରେ
ଜୀବନ ଏମିତି ସନ୍ଧିପତ୍ରଟିଏ।

ଦାକ୍ଷିଣ୍ୟରେ କୋହମାନେ ହସନ୍ତି
ଓଠରେ ମିଛ ଖୁସି ଆଶାକୁ ସଜେଇ
ଜାଣି ନଥିବା ତିଥିମାନେ ଆସିଯାଆନ୍ତି
ଅବୁଝା ରସମୟ ତିଥି ହୋଇ
କବାଟ ଫାଙ୍କ ଦେଇ ଚାଲିଯାଆନ୍ତି
ଅବୁଝା ସମୀକରଣ ଆଗରେ ଥୋଇ।

ନିବିଡତାର ଖିଅ ଯେବେ ଛିଡେଇ ଫେରେ
ପଡ଼ିଯାଇଥିବା ମୋହଜାଲ ଜାଳେ ପଦ୍ମବନ
କରୁଣ ନୀହାର ଛୁଇଁ ଛଳନାର କୁହୁଡିରେ
ଭୋଗିବାକୁ ପଡେ ଅଦୃଶ୍ୟ ଯମ ଯନ୍ତ୍ରଣା।

+ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧

## ଜରିପାଲ ତଳେ ବିଧବା ମିଞ୍ଜରୀ

ଭଦ୍ରକ, ୦୬/୦୫ (ନି.ପ୍ର): ଭଦ୍ରକ ଜିଲ୍ଲା ପୁରୁଷଣ୍ଡ ପଚାଂୟତ ଭବାନୀଗଞ୍ଜ ଗ୍ରାମର ବିଧବା ମିଞ୍ଜରୀ ସେନାପତିଙ୍କ ଘର । ଗତ ୨୦୧୭ ମସିହାରେ ସ୍ୱାମୀ କୁଶ ସେନାପତି ତାମିଲଲାଡୁ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ହୃଦଘାତରେ ମୃତ୍ୟୁବରଣ କରିଥିଲେ । ପୁଅ ଓ ୨ ଝିଅଙ୍କୁ ନେଇ ମିଞ୍ଜରୀ ବହୁ ଦୁଃଖ କଷ୍ଟରେ ପରିବାର ପ୍ରତିପୋଷଣ କରି ଆସୁଥିଲେ । ସଚିଂତ ଅର୍ଥ ଓ ଧାର ଉଦ୍ଧାର କରି ୨ ଝିଅଙ୍କୁ ବିବାହ କରାଇଥିବା ବେଳେ ଏକମାତ୍ର ପୁଅ ବିବାହ ପରେ ଅଲଗା ଚଳି ଆସୁଛନ୍ତି । ଆର୍ଥିକ ଅନ୍ନଟନ ଦେଇ ଗତି କରିଥିବା ମିଞ୍ଜରୀ ଗୋଟିଏ ଭଙ୍ଗା ଚାଳ ଛପର ଘରେ ରହି ଆସୁଥିବା ବେଳେ ଖରାଦିନେ ସୂର୍ଯ୍ୟ ଓ ବର୍ଷା ଦିନେ ପାଣି ଘର ଭିତରେ ଜମି ରହେ । ଏବେ ମିଞ୍ଜରିଙ୍କ ବୟସ ୭୮ ହୋଇଥିବା ବେଳେ ସରକାରୀ ସ୍ତରରେ ଭତା ତାଙ୍କର ସାହାରା ପାଲଟିଛି । ୧୫ ବର୍ଷ ପୂର୍ବେ ତାଙ୍କ ସ୍ୱାମୀ କୁଶଙ୍କ ନାମରେ ଇନ୍ଦିରାଆବାସ କାର୍ଯ୍ୟାଦେଶ ପାଇ ୨୦ ହଜାର ଟଙ୍କାରେ ନିମ୍‌ଟାଲ ଲେବୁଲ୍ ପର୍ଯ୍ୟନ୍ତ କାମ କରିଥିଲେ ମଧ୍ୟ ଅବଶିଷ୍ଟ ଅର୍ଥ ପାଇ ନଥିଲେ । ସ୍ୱାମୀଙ୍କୁ ହରାଇ ଆର୍ଥିକ ଅନ୍ନଟନ ଦେଇ ଗତି କରୁଥିବା ମିଞ୍ଜରୀ ଜରିପାଲ ଏବଂ ଛିଣ୍ଡା ଶାଢୀ ଟାଙ୍ଗି ଦହନୀୟ ଅବସ୍ଥାରେ ଜୀବନ ଜିଉଁଛନ୍ତି । ସରକାର ବିଧବା, ସ୍ୱାମୀ ପରିତକ୍ତା ଏବଂ ଭିନ୍ନକ୍ଷମ ଅଗ୍ରାଧିକାର ଭିତିରେ ଆବସ ଗୃହ ଯୋଗାଇ ଦେଉଥିବା ବେଳେ ମିଞ୍ଜରୀଙ୍କୁ ଏହି ଯୋଜନାରେ ସାମିଲ୍ କରି ନୂତନ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି । ପ୍ରକାଶଥାଉକି ମିଞ୍ଜରୀ ନିଜର ଦୁଃଖ ଜଣାଇବା ପରେ ଆଜି ରାଜ୍ୟ ମାନବାଧିକାର ସାମୁଖ୍ୟ ବନ୍ତ ବ୍ଲକ ସଂଯୋଜକ ବରିଷ୍ଠ ସାମ୍ବାଦିକ ହେମନ୍ତ ସିଂହଙ୍କ ନେତୃତ୍ୱରେ ହାଟଡିହି ବ୍ଲକ ସଭାପତି ସୁବୋଧ କୁମାର ସାହୁ, ସାମାଜିକ କର୍ମୀ ଗଦାଧର ବେହେରା, ବିଜେପିନେତା ପୂର୍ଣ୍ଣଚନ୍ଦ୍ର ମାଝୀ ପ୍ରମୁଖ ମିଞ୍ଜରୀଙ୍କୁ ଭେଟି ନୂତନ ଆବାସ ଗୃହ ପାଇବା ନେଇ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ ।

## ସୁଭଦ୍ରା ଶକ୍ତି କେନ୍ଦ୍ର ନିର୍ମାଣରେ ଅନିୟମିତତା: ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଚମ୍ପୁଆ, ୦୬/୦୫ (ନି.ପ୍ର): ଚମ୍ପୁଆ ବ୍ଲକରେ ଉନ୍ନୟନ କାର୍ଯ୍ୟ ଗୁଡିକରେ ଠିକାଦାର ମାନେ ବିଭିନ୍ନ ପ୍ରକାରେ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ କରି ଅନୁଦାନ ଟଙ୍କାକୁ ହରିଲୁଟ କରୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଧୃତରାଷ୍ଟ୍ର ସାଜିଛି । ଗ୍ରାମାଚଂଳର ବିକାଶ ନିମନ୍ତେ ସରକାର ବିଭିନ୍ନ ଯୋଜନାରେ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଚମ୍ପୁଆ ବ୍ଲକରେ ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ତା'ର ବିପରୀତ ପ୍ରତିଫଳନ ଦେଖିବାକୁ ମିଳୁଛି । ଫଳରେ ଦିନକୁ ଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏହିପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା, ଚମ୍ପୁଆ ବ୍ଲକର ବିଭିନ୍ନ ପଂଚାୟତରେ ନିର୍ମାଣ ଚାଲିଥିବା ସୁଭଦ୍ରା ଶକ୍ତି କେନ୍ଦ୍ର ଗୃହ ଗୁଡିକରେ । ସରକାରଙ୍କ ଯେ କୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଜନ ସାଧାରଣଙ୍କ ଅବଗତି ସୂଚନା ନିମନ୍ତେ ସୂଚନା ଫଳକ ଲଗାଇବା କଡା ନିୟମ ରହିଥିବା ବେଳେ ଚମ୍ପୁଆ ବ୍ଲକରେ ବିଭିନ୍ନ ପଂଚାୟତରେ ସୁଭଦ୍ରା ଶକ୍ତି କେନ୍ଦ୍ର ଗୃହ ନିର୍ମାଣ କ୍ଷେତ୍ରରେ ସରକାରୀ ନିୟମକୁ ଖୋଲାଖୋଲି ଉଲଂଘନ କରାଯାଇଥିବା ଦେଖିବାକୁ ମିଳିଛି ।ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜାଲି ପଂଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣଧିନ ସୁଭଦ୍ରା ଶକ୍ତିକେନ୍ଦ୍ର ଗୃହର ଅର୍ଦ୍ଧାଧିକ କାମ ସରିଲାଣି, କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟସ୍ଥାନରେ କାର୍ଯ୍ୟ ସମ୍ପର୍କିତ କୌଣସି ସୂଚନା ଫଳକ ମରା ଯାଇନାହିଁ । ଫଳରେ କାର୍ଯ୍ୟ ସମ୍ପର୍କିତ କୌଣସି ସୂଚନା ସାଧାରଣ ଲୋକେ ଜାଣି ପାରୁ ନ ଥିବା ବେଳେ ନିର୍ମାଣ କାର୍ଯ୍ୟବେଳେ କୌଣସି ଅଧିକାରୀ କିମ୍ବା ଯନ୍ତ୍ରୀ କାର୍ଯ୍ୟ ପ୍ରତି କୌଣସି ଦୃଷ୍ଟି ଦେଉ ନ ଥିବାରୁ ଏହି ଗୃହ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା କୁହାଯାଉଛି । ଗ୍ରାମବାସୀଙ୍କ କହିବା ଅନୁସାରେ, ଛାତ ଢ଼ଳେଇ ସମୟରେ ମଧ୍ୟ କୌଣସି ଯନ୍ତ୍ରୀ କିମ୍ବା ଅଧିକାରୀ ଉପସ୍ଥିତ ନ ରହିବାରୁ ଅତି ନିମ୍ନମାନର କାର୍ଯ୍ୟ କରାଯାଇଛି । ଢ଼ଳେଇ ସିଲିଙ୍ଗ ଖୋଲିବା ପରେ ରଡ଼ ଗୁଡିକ ବାହାରକୁ ବାହାରି ରହିଥିବା ଦେଖିବାକୁ ମିଳିଛି । ପରେ ଠିକାଦାର ମସଲା ମାରି ତାକୁ ଘୋଡ଼େଇବାକୁ ଚେଷ୍ଟା କରିଥିବା ବେଳେ ଏହି ଛାତର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି । ସେହିପରି ଭଣ୍ଡା ପଂଚାୟତ ଏବଂ ଚନ୍ଦ୍ରଶେଖରପୁର ପଂଚାୟତରେ ନିର୍ମାଣଧିନ ଶକ୍ତିକେନ୍ଦ୍ର ଗୃହରେ ମଧ୍ୟ କୌଣସି ସୂଚନା ଫଳକ ଦିଆଯାଇ ନଥିବା ଦେଖିବାକୁ ମିଳିଛି । ତେବେ କାର୍ଯ୍ୟ ସମ୍ପର୍କିତ ସୂଚନା ଫଳକ ଦିଆଯାଉ ନଥିବା ସହିତ କାର୍ଯ୍ୟ ପ୍ରତି ଅଧିକାରୀମାନେ ଧୃତରାଷ୍ଟ୍ର ସାଜିବା ଠିକାଦାର ଏବଂ ଅଧିକାରୀଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇଥିବା ବେଳେ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି ।

## ମାଲକାନଗିରି ସୁନୟନା କଲେଜ୍ ଅଫ୍ ମେଡ଼ିକାଲ୍ ସାଇନ୍ସର ନର୍ସିଂ ଦିବସ ପାଳନ

ମାଲକାନଗିରି, ୦୬/୦୫ (ନି.ପ୍ର): ଆଜି ମାଲକାନଗିରି ସ୍ଥିତ ସୁନୟନା କଲେଜ ଅଫ୍ ମେଡ଼ିକାଲ୍ ସାଇନ୍ସର (ଗ୍ରୁପ ଅଫ ଉତମ ମାଲିକ୍ କଲେଜ)ରେ ନର୍ସିଂ ଦ୍ୱିସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅଶୋକ କୁମାର ସାହୁ, ଫାର୍ମାସୀ ଅଫିସର, ମାଲକାନଗିରି ମେଡ଼ିକାଲ୍, ସମ୍ମାନୀୟ ଅତିଥି ଭାବେ ଡଃ. ଶିବ ନାରାୟଣ ପାତ୍ର, ପ୍ରିନ୍ସିପାଲ ତଥା ସମ୍ପାଦକ ଓ ମୁଖ୍ୟବକ୍ତା ଭାବେ ପି. କିଶୋର କୁମାର ଯୋଗ ଦେଇଥିଲେ । ପ୍ରଥମେ ଆଧୁନିକ ନର୍ସିଂ ଜଗତର ଜନକ ଫ୍ଲୋରେନ୍ସ ନାଇଟିଙ୍ଗେଲ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସମସ୍ତ ଅତିଥି ମାନେ ନିଜ ନିଜର ବକ୍ତବ୍ୟରେ ନର୍ସିଂର ଭବିଷ୍ୟତ, କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ । ପ୍ରତିବର୍ଷ ମଇ ମାସ ୧୨ ତାରିଖକୁ ନର୍ସିଂ ଦ୍ୱିସ ଭାବେ ପାଳନ କରାଯାଇଥାଏ । ଏହି ଦିନଟି ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମ ଦିବସକୁ ତାଙ୍କର ପ୍ରେରଣା, ତ୍ୟାଗ ଓ ସେବାକୁ ସମ୍ମାନ ଜଣାଇ ୧୯୭୪ ମସିହା ୧୨ ତାରିଖକୁ ଅନ୍ତର୍ଜାତୀୟ କାଉନସିଲ୍ ଅଫ୍ ନର୍ସେସ ଦ୍ୱାରା ଆନୁଷ୍ଠାନିକ ଭାବେ ନର୍ସିଂ ଦ୍ୱିସ ଭାବେ ଘୋଷଣା କରାଯାଇଥିଲା । ଯାହାକୁ ଆଜି ପର୍ଯ୍ୟନ୍ତ ପାଳନ କରାଯାଉଅଛି । ନର୍ସ ମାନଙ୍କୁ ବିଶ୍ୱର ସେବକ ବୋଲି କୁହାଯାଏ କାରଣ ଜଣେ ନର୍ସ ହିଁ ସେବା ମାଧ୍ୟମରେ ରୋଗୀର ଯନ୍ତ୍ରଣାକୁ ଦୂର କରିଥାଏ । କେତେବେଳେ ସେ ଦିଦି, ତ କେତେବେଳେ ମା, ଆଉ କେତେବେଳେ ସାଙ୍ଗ, ହୋଇ ମଧୁର କଥା, ସେବା ଦ୍ୱାରା ରୋଗୀଟି ନିଜକୁ ଆଶ୍ୱସ୍ତ ମନେ କରେ । ଡ଼କ୍ଟର କେବଳ ଦେହ ଚେକ୍ କରି ଔଷଧ ଦେଇଥାନ୍ତି କିନ୍ତୁ ନର୍ସ ତା'ର ସେବା ଦ୍ୱାରା ରୋଗୀକୁ ପ୍ରକୃତ ଚିକିତ୍ସା କରିଥାଏ । ନର୍ସ ମାନଙ୍କ ଭୂମିକା ଅତୁଳନୀୟ । ଯାହାର ଜ୍ୱଳନ୍ତ ଉଦାହରଣ କୋଭିଡ଼ -୧୯ ସମୟରେ ଦେଖିବାକୁ ମିଳିଥିଲା । ଯେତେବେଳେ ସମସ୍ତେ ଘରେ ଥିଲେ ସେତେବେଳେ ନର୍ସମାନେ ନିଜ ଜୀବନକୁ ବାଜି ଲଗାଇ ରୋଗୀଙ୍କ ସେବା କରିବା ପାଇଁ ଶ୍ରେୟ ମନେ କରିଥିଲେ । ଏହା ପ୍ରମାଣ କରେ ଯେ ନର୍ସିଂ କେବଳ ଏକ ବୃତି ନୁହେଁ, ଏହା ଏକ ପବିତ୍ର ସେବା । 'ସେବା ହିଁ ପରମ ଧର୍ମ' ରେ ନିଜକୁ ଦିକ୍ଷୀତ କରାଇ ରୋଗୀଙ୍କ ସେବା କରିବା ପାଇଁ କହିଥିଲେ । କଲେଜରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢ଼ିବା ସହ କେମିତି ଜଣେ ଜଣେ ଭଲ ନର୍ସ ହୋଇପାରିବେ ସେଥିପ୍ରତି ଆଲୋକପାତ କରିବା ସହ ତାଙ୍କର ସୁନ୍ଦର ଭବିଷ୍ୟତ କାମନା କରି ଶପଥ ପାଠ ମଧ୍ୟ କରାଯାଇଥିଲା । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପ୍ରତିଭା ଦ୍ୱାରା ବିଜୟୀ ହୋଇଥିଲେ । ସେମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ୧ କୋଟି ଟଙ୍କା ଠକେଇ: କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କର୍ମଚାରୀ ଗିରଫ କୋର୍ଟ ଚାଲାଣ

ଜୟପୁର, ୦୬/୦୫ (ନି.ପ୍ର): ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ହେରଫେର ଅଭିଯୋଗରେ ଜୟପୁର ଭିଜିଲାନ୍ସ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମାଲକାନଗିରି ଶାଖା ପରିଚାଳକ ସୁଧାଂଶୁ ଖରାକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ଆଜି ଜୟପୁର ଭିଜିଲାନ୍ସ କାଯ୍ୟାଳୟରେ ଏସପି ରବିନ୍ଦ୍ର କୁମାର ପଣ୍ଡା ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି । ଭିଜିଲାନ୍ସ ବିଭାଗ ସୂଚନା ଅନୁଯାଇ ମାଲକାନଗିରି ଜିଲ୍ଲାର ୫ଟି ଲ୍ୟାମ୍ପ ପ୍ରାଥମିକ ସମବାୟ ସୋସାଇଟିର ଚାଷୀମାନେ ନେଇଥିବା ୧ କୋଟି ୮ଲକ୍ଷ ୭୫ହଜାର ଟଙ୍କା କୃଷିରଣ ଟଙ୍କା ଫେରାଇଥିଲେ । କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ମାଲକାନଗିରି ଶାଖା ପରିଚାଳକ ସୁଧାଂଶୁ ଖରା ଶାଖାରେ ଜମା ନକରି ଆତ୍ମସାତ କରିଥିଲେ । ଏହି ଟଙ୍କା କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ଶାଖାରେ ଜମା କରିବା ପାଇଁ ଆସିଥିଲା । ଏହି ଟଙ୍କାକୁ ସେ ହଡ଼ପ କରିଥିଲେ । ଏନେଇ ଭିଜିଲାନ୍ସ ବିଭାଗ କୋରାପୁଟ ଭିଜିଲାନ୍ସ ପୁଲିସ ଥାନା ନଂ ୪ ଓ୫ରେ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨), ୧୩(୧) ବିଏନ୍‌ଏସ୍ର ଧାରା ୩୧୬(୫), ୩୪୪ରେ ଦୁଇଟି ମାମଲା ରୁଜୁ କରିଛି । ଚାଷୀମାନେ ନେଇଥିବା ୧ କୋଟି ୮ଲକ୍ଷ ୭୫ହଜାର ଟଙ୍କା କୃଷିରଣ ଟଙ୍କା ହଡପ କରିଥିବା ଅଭିଯୋଗରେ ଶାଖା ପରିଚାଳକଙ୍କୁ ଗତ ଏପ୍ରିଲ ମାସରେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଲମ୍ବିତ କରିଥିଲେ । ଏନେଇ ବିଭାଗ ତରଫରୁ ମଧ୍ୟ ମାଲକାନଗିରି ଥାନାରେ ଅଭିଯୋଗ କରାଯାଇଥିଲା । ପଟେରୁ ଓ ମାଲକାନଗିରି ଲ୍ୟାମ୍ପରେ ହିତାଧିକାରି ମାନେ ଋଣ ଖାତା ଓ ଜମା ଖାତା ରେ ଟଙ୍କା ଜମା କରି ଆସୁଥିଲେ । ଉକ୍ତ ଟଙ୍କା କୋରାପୁଟ କେନ୍ଦ୍ର ସମବାୟର ମୁଖ୍ୟ ଶାଖା ରେ ଜମା ନକରି ଶାଖା ପରିଚାଳକ ଆତ୍ମସାତ କରୁଥିଲେ । ଶାଖା ପରିଚାଳକ ରସିଦ ଦେଇଥିଲେ ବି ବ୍ୟାଙ୍କ ଖାତାରେ ଜମା କରୁ ନଥିଲେ । ମାଚ୍ଚ ମାସରେ ହୋଇ ଥିବା ଅଡିଟ ବେଳେ ବ୍ୟାଙ୍କ ହିସାବ ସହ ଲ୍ୟାମ୍ପସ ହିସାବ ମେଳ ନଖାଇବାରୁ ଏହା ଆତ୍ମସାତ ହୋଇଥିବା ଜଣା ପଡିଥିଲା। ଡିଆରସିଏସ ପକ୍ଷରୁ ଏହି ଘଟଣାର ଉଚ୍ଚ ସ୍ତରିୟ ତଦନ୍ତ କରାଯାଇଥିଲା । ଏନେଇ ଭିଜିଲାନ୍ସ ମଧ୍ୟ ତଦନ୍ତ ଆରମ୍ଭ କରିଥିଲା । ଶାଖା ପରିଚାଳକ ଗତ ଫେବୃଆରି ଓ ମାଚ୍ଚ ୨୦୨୬ ୨ ମାସ ପ୍ରାୟ ୩୦ ଦିନ ଭିତରେ ୧ କୋଟି ୮ ଲକ୍ଷ ୭୫ ହଜାର ଟଙ୍କା ଆତ୍ମସାତ କରିଥିବା ଜାଣି ଭିଜାଲାନ୍ସ ବିଭାଗ ଜାଣି ୨ ଟି ମାମଲା ରୁଜୁ କରି ଥିବା ଏସପି ପଣ୍ଡା ସୂଚନା ଦେଇଛନ୍ତି । ତଦନ୍ତ ରେ ଆତ୍ମସାତ କରିଥିବା ଜାଣିବାକୁ ପାଇଥିଲେ । ଏନେଇ ଚାଷି ଓ ଜମା କାରି ଓ ଲ୍ୟାମ୍ପ ମାନେ ଜାଣି ମୁଖ୍ୟ କାଯ୍ୟାଳୟରେ ଅଭିଯୋଗ ମଧ୍ୟ କରିଥିଲେ ।

## ଆବର୍ଜନାରେ ପରିପୂର୍ଣ୍ଣ ୮(ସି) କେନାଲ: ବେଳହୁଁ ସାବଧାନ ପାଇଁ ବୁଦ୍ଧିଜୀବି ମହଲରେ ଦାବି

ସାଲେପୁର, ୦୬/୦୫ (ନି.ପ୍ର): ଲୋକମାନଙ୍କର ସୁବିଧା ପାଇଁ ସରକାର ଯେତେ ସୁବିଧା କଲେ ମଧ୍ୟ କିଛି ଲୋକଙ୍କ ମନମୁଖୀ କାର୍ଯ୍ୟ ପାଇଁ ସାଧାରଣ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗ କରିବା ସହିତ ବହୁ ଲୋକ ଦୁରାରୋଗରେ ପଡୁଥିବା ଦୃଷ୍ଟି ଗୋଚର ହୋଇଛି । ସୂଚନାଯୋଗ୍ୟ ଯେ, ନିଶ୍ଚିନ୍ତକୋଇଲି ୮ ନଂ କେନାଲରୁ ବାହାରିଥିବା ୮(ସି) କେନାଲଟି ନିଶ୍ଚିନ୍ତକୋଇଲି ବଜାର ଦେଇ ନତକାଇ ପର୍ଯ୍ୟନ୍ତ ଯାଇଛି । ପୂର୍ବରୁ ଏହି କେନାଲରେ ଜଳ ନିଷ୍କାସନ ହେଉନଥିବା ସାଙ୍ଗକୁ କେତେକ ବ୍ୟକ୍ତି ବିଶେଷ କେନାଲ ମଧ୍ୟକୁ ନାନା ପ୍ରକାର ବର୍ଜ୍ୟବସ୍ତୁ ପକାଇବା ଦ୍ୱାରା ସେଗୁଡିକ ପଚି ସମଗ୍ର ଅଂଚଳ ଦୁର୍ଗନ୍ଧମୟ ହୋଇପଡିଥାଏ । ଏହାକୁ ବିଚାର କରି ରାଜ୍ୟ ସରକାରଙ୍କ ପକ୍ଷରୁ କେନାଲର ଉଭୟ ପାର୍ଶ୍ୱରେ କେନାଲ ଲାଇନିଂ କାମ କରୁଥିଲେ ମଧ୍ୟ ଉପର ଅଂଶକୁ ଘୋଡାଇ ନଥିବାରୁ ଏହାର ସୁଯୋଗ ନେଇ ବଜାର ଦେଇ ଯାଇଥିବା ଏହି କେନାଲ ନାନା ପ୍ରକାର ଆବର୍ଜନାରେ ପରିପୂର୍ଣ୍ଣ ହେବା ସହ ସ୍ଥାନେ ସ୍ଥାନେ ପାଣି ଜମି ରହି ନର୍ଦ୍ଦମା ଭଳି ପରିସ୍ଥିତି ସୃଷ୍ଟି ହେଲାଣି । ଦିନ କେଇଟା ପରେ ବର୍ଷା ଋତୁ ଆସିବ । ବେଳହୁଁ ସାବଧାନ ନହେଲେ କଟକ ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ସ୍ଥଳ ନିଶ୍ଚିନ୍ତକୋଇଲି ବଜାରକୁ ଆସୁଥିବା ଶତାଧିକ ବ୍ୟବସାୟୀ, ହଜାର ହଜାର ଚାଷୀ, ସ୍କୁଲ କଲେଜର ଛାତ୍ର ଛାତ୍ରୀ, ସର୍ବୋପରି ବାଟୋଇମାନେ ନା ନା ପ୍ରକାର ଅସୁବିଧାରେ ପଡିବାକୁ ଏଡାଇ ଦିଆଯାଇନପାରେ ବୋଲି ସମ୍ଭାବନା ସୃଷ୍ଟି ହୋଇଛି ।

## ହକ୍ ପାଇଁ ରାଜରାସ୍ତାରେ ଆନନ୍ଦପୁରବାସୀ: ୨୦ ଦିନର ମହଲତ ଦେଲା ପ୍ରଶାସନ

ଭଦ୍ରକ, ୦୬/୦୫ (ନି.ପ୍ର): ପ୍ରଶାସନର ମିଥ୍ୟା ପ୍ରତିଶ୍ରୁତି ଓ ଚରମ ଅବହେଳା ବିରୋଧରେ ଧାମନଗର ବ୍ଲକର ଖଡ଼ିପଦା ଛକରେ ବିଶାଳ ପ୍ରତିବାଦ ଦେଖିବାକୁ ମିଳିଥିଲା । ଆନନ୍ଦପୁର ପଂଚାୟତକୁ 'ଲକ୍ଷ୍ମୀ ବସ୍' ସେବାରୁ ବଂଚିତ ରଖାଯିବା ପ୍ରତିବାଦରେ ଶହ ଶହ ପଂଚାୟତବାସୀ ସକାଳୁ ରାସ୍ତା ଅବରୋଧ କରି ପ୍ରଶାସନ ବିରୋଧରେ ଗର୍ଜିଛନ୍ତି । ଯୁବନେତା ସଞ୍ଜୟ ମିଶ୍ର ଓ ଅରୁଣ କୁମାର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନ ଏତେ ବ୍ୟାପକ ଥିଲା ଯେ, ପଧାନି ଓ ଦୋବଲ ଦେଇ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସକୁ ଆନ୍ଦୋଳନକାରୀମାନେ ଅଟକାଇ ଦେଇଥିଲେ । ଘଟଣାର ଗମ୍ଭୀରତା ଦେଖି ଧାମନଗର ବିଡିଓ ବନବିହାରୀ ଦିନ୍ଦା ଟେଲିଫୋନ ଯୋଗେ ଆନ୍ଦୋଳନକାରୀଙ୍କ ସହ ସମ୍ପର୍କ କରିଥିଲେ । ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ଓଏସଆରଟିସି ବ୍ଲକ ସୁପରଭାଇଜର ଘଟଣାସ୍ଥଳରେ ପହଂଚି ଆସନ୍ତା ୨୦ ଦିନ ମଧ୍ୟରେ ଧାମନଗର-ଆନନ୍ଦପୁର ଭାୟା ଖଡ଼ିପଦା ରୁଟରେ ବସ୍ ଚଳାଚଳ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଯାଇ ରାସ୍ତାରୋକ ହଟିଥିଲା । ପୂର୍ବ ସରକାର ଗ୍ରାମାଂଚଳର ପରିବହନ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ 'ଲକ୍ଷ୍ମୀ ବସ୍' ଯୋଜନା ମାଧ୍ୟମରେ ମାତ୍ର ୫ ଟଙ୍କାରେ ପଂଚାୟତରୁ ବ୍ଲକ ଓ ଜିଲ୍ଲା ମୁଖ୍ୟାଳୟକୁ ଯୋଡ଼ିବା ପାଇଁ ଲକ୍ଷ୍ୟ ରଖିଥିଲେ । ଧାମନଗରରୁ ଆନନ୍ଦପୁର ହୋଇ ସୋହଡ଼ା ଓ ଖଡ଼ିପଦା ଦେଇ ବସ୍ ଚଳାଚଳ ପାଇଁ ରୁଟ୍ ଚୂଡ଼ାନ୍ତ ହୋଇଥିଲା, ଯାହାଦ୍ୱାରା ବାଲିପାଟଣା, ପାହାଡ଼ପୁର, ମାନଲାପୁର ଓ ଉଡେଇପୁର ଗ୍ରାମର ହଜାର ହଜାର ଲୋକ ଉପକୃତ ହୋଇଥାନ୍ତେ । ମାତ୍ର ଦୀର୍ଘ ଦିନ ଏହି ଦାବି କେବଳ କାଗଜପତ୍ରରେ ସୀମିତ ରହିଛି । ଗ୍ରାମବାସୀ ବାରମ୍ବାର ଭଦ୍ରକ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଗୁହାରି କରିଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳିଥିଲା । ଗତ ଏପ୍ରିଲ ୨୭ ତାରିଖରେ ଜିଲ୍ଲାପାଳ ଓ ଏସପି ଙ୍କୁ ଭେଟି ମେ ୫ ସୁଦ୍ଧା ବସ୍ ଚଳାଚଳ ନହେଲେ ଆନ୍ଦୋଳନ ପାଇଁ ଶେଷ ଚେତାବନୀ ଦିଆଯାଇଥିଲା । ପ୍ରଶାସନର ନିଦ ନଭାଙ୍ଗିବାରୁ ଆଜି ଅଂଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିଲେ ।ଆଜିର ଏହି ବିଶାଳ ପ୍ରତିବାଦ ସଭାରେ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ସାମିଲ ହୋଇଥିଲେ । ସରୋଜ ଖୁଂଟିଆ, ରାଜେଶ ମିଶ୍ର, ସୁଦାମ ବାରିକ, ଶ୍ରୀତମ ଖୁଂଟିଆ, ଜ୍ୟୋତି ନାରାୟଣ ପୋଥାଳ, ସାଗର ମିଶ୍ର, ବିଷ୍ଣୁ ଚରଣ ଦାସ, ଧନେଶ୍ୱର ସେଠୀ, ଧୀରେନ୍ଦ୍ର ଆଦିଆ, ପ୍ରକାଶ ଦାସ, ଶୁକଦେବ ଜେନା ଓ ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ରହି ପ୍ରଶାସନିକ ଅବହେଳାକୁ ତୀବ୍ର ସମାଲୋଚନା କରିଥିଲେ ।

## କୁଦୋପାଲିରେ ଜଳ ସଙ୍କଟ ଗଭୀର: ୩୦ ବର୍ଷ ଧରି ପୋତି ପଡ଼ିଥିବା ପୋଖରୀ ପୁନରୁଦ୍ଧାର ଦାବି ତୀବ୍ର

ଝାରସୁଗୁଡ଼ା, ୦୬/୦୫ (ନି.ପ୍ର): ଖଣି ପ୍ରଭାବିତ ଅଂଚଳ ଭାବେ ପରିଚିତ ଝାରସୁଗୁଡ଼ା ବ୍ଲକର କୁଦୋପାଲି ଗ୍ରାମ ପଂଚାୟତରେ ଜଳ ସଙ୍କଟ ଦିନକୁ ଦିନ ଗଭୀର ରୂପ ନେଉଛି । ଗ୍ରାମର ଶିବ ମନ୍ଦିର ସମ୍ମୁଖରେ ଅବସ୍ଥିତ ପ୍ରମୁଖ ପୋଖରୀଟି ପ୍ରାୟ ୩୦ ବର୍ଷ ଧରି ପୋତି ପଡ଼ିଥିଲେ ମଧ୍ୟ ଏହାର ପୁନରୁଦ୍ଧାର ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ଏହି ସମସ୍ୟାକୁ ନେଇ କୁଦୋପାଲି ସମିତି ସଭ୍ୟା ରଶ୍ମିତା ପ୍ରଧାନ ଜିଲ୍ଲାପାଳଙ୍କ ସହିତ ରାଜସ୍ୱ ମନ୍ତ୍ରୀ ଓ ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମ ପଂଚାୟତର ଚାରିପାଖରେ ଖୋଲା ମୁହଁ କୋଇଲା ଖଣି ଥିବାରୁ ଏଠାରେ ପ୍ରଦୂଷଣ ଭୟାବହ ଅବସ୍ଥାକୁ ପହଂଚିଛି । ଖଣି ଖନନ କାରଣରୁ ଭୂଗର୍ଭ ଜଳସ୍ତର ହ୍ରାସ ପାଇଥିବା ବେଳେ ପାନୀୟ ଓ ଗାଧୁଆ ଜଳର ଘୋର ଅଭାବ ଦେଖାଦେଇଛି । ସରକାରଙ୍କ ପକ୍ଷରୁ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ବିଫଳ ହୋଇଥିବା ବେଳେ ଏମସିଏଲ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ଜଳ ବିତରଣ ମଧ୍ୟ ବନ୍ଦ ହୋଇଯାଇଛି । ସମିତି ସଭ୍ୟାଙ୍କ କହିବା ଅନୁଯାୟୀ, ସେ ୨୦୨୨ ମସିହାରୁ ଏହି ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଜଣାଇ ଆସୁଛନ୍ତି । ୨୦୨୪ ଅକ୍ଟୋବରରେ ଝାରସୁଗୁଡ଼ା ବିଡିଓ, ୨୦୨୨ ମାର୍ଚ୍ଚରେ ସରପଂଚ ଓ ୨୦୨୬ ଏପ୍ରିଲରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଥିଲା । ତଥାପି କୌଣସି ପଦକ୍ଷେପ ନ ହେବା ପ୍ରଶାସନିକ ଅବହେଳାକୁ ସୂଚିତ କରୁଛି । ଗ୍ରାମବାସୀଙ୍କ ଦାବି ଅନୁସାରେ, ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଶିବ ମନ୍ଦିର ସମ୍ମୁଖସ୍ଥ ପୋଖରୀର ଖନନ ଓ ପୁନରୁଦ୍ଧାର ଆବଶ୍ୟକ । ସେହିପରି ପଂଚାୟତର ସ୍ୱାସ୍ଥ୍ୟ ଓ ପରିବେଶ ଅବସ୍ଥାର ଅନୁଧ୍ୟାନ ପାଇଁ ଉଚ୍ଚସ୍ତରୀୟ ପ୍ରଶାସନିକ ଦଳ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଯିବାକୁ ମଧ୍ୟ ଦାବି କରାଯାଇଛି । ଏହି ଆବେଦନର ନକଲ ମୁଖ୍ୟ ଶାସନ ସଚିବ, ରାଜସ୍ୱ ମନ୍ତ୍ରୀ ଓ ସାଂସଦଙ୍କୁ ପ୍ରେରଣ କରାଯାଇଛି । ଏନେଇ ଝାରସୁଗୁଡ଼ା ବିଡିଓ ଅନିଲ କୁମାର ଆଚାର୍ଯ୍ୟଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଗ୍ରହଣ କରିନଥିଲେ । ଯଦି ଶୀଘ୍ର ସମସ୍ୟାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଅଂଚଳରେ ଜନ ଅସନ୍ତୋଷ ତୀବ୍ର ହେବାର ସମ୍ଭାବନା ରହିଛି ।

## ବିପଣନ ଋତୁ ୨୦୨୫-୨୬ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ : ୧୫ରୁ ରବି ଧାନକିଣା ଆରମ୍ଭ

ସମ୍ବଲପୁର, ୦୬/୦୫ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୨୦୨୫-୨୬ ରବି ଋତୁ ପାଇଁ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ଏବଂ ଧାନ ସଂଗ୍ରହ ପ୍ରକ୍ରିୟାକୁ କିପରି ସ୍ୱଚ୍ଛ ଓ ଶୃଙ୍ଖଳିତ ହେବ ଏବଂ ଗତ ବର୍ଷ ଧାନ କିଣା ସମୟରେ ଉପୁଜିଥିବା ସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ସମୟରେ ଏହାର କିପରି ସମାଧାନ କରା ଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ସୂଚନା ଅନୁଯାୟୀ, ଜିଲ୍ଲାସ୍ତରୀୟ ଧାନ କ୍ରୟ ସମିତି ଦ୍ୱାରା ଆସନ୍ତା ୧୫ ତାରିଖରୁ ରବି ଧାନ ସଂଗ୍ରହ ଆରମ୍ଭ କରିବାପାଇଁ ନିଷ୍ପତି ନିଆଯାଇଛି । ଚଳିତ କେଏମ୍‌ଏସ୍ ୨୦୨୫-୨୬ ବର୍ଷ ପାଇଁ ସାଧାରଣ ଧାନର କ୍ୱିଣ୍ଟାଲ ପିଛା ମୂଲ୍ୟ ୨୩୬୯ ଟଙ୍କା ଏବଂ 'ଗ୍ରେଡ୍-ଏ' ଧାନ ପାଇଁ ୨୩୮୯ ଟଙ୍କା ଧାର୍ଯ୍ୟ କରାଯାଇଛି । ରବି ୨୦୨୫-୨୬ ପାଇଁ ମୋଟ ୧୯,୧୧୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ଓପିଏଲ୍‌ଏସ୍ ମୋବାଇଲ୍ ଆପ୍ ଜରିଆରେ ପ୍ଲଟ୍ ଯାଂଚ ପ୍ରକ୍ରିୟା ଜାରି ରହିଛି ଏବଂ ସଂଗ୍ରହ ପୂର୍ବରୁ ଚୂଡ଼ାନ୍ତ ଚାଷୀ ତାଲିକା ପ୍ରକାଶ କରାଯିବ । ଧାନ ସଂଗ୍ରହ ପାଇଁ ଜିଲ୍ଲାରେ ୫୬ଟି ପିପିସି ମଣ୍ଡି କାର୍ଯ୍ୟକ୍ଷମ ହେବ । ଏଥିରେ ୩୨ଟି ପିଏସିଏସ୍, ଏଲ୍‌ଏଏମପିସିଏସ୍ ଏବଂ ୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହେବେ । ଚଳିତ ଋତୁରେ ୪୮ ଜଣ କଷ୍ଟମ୍ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ ବୋଲି ଆଜିର ବୈଠକରେ ନିଷ୍ପତି ନିଆଯାଇଥିବା ଜଣାପଡ଼ିଛି । ସେହିପରି ପି-ପାସ୍ (ଅନଲାଇନ୍ ମୋଡ୍ ରେ ରିଅଲ୍ ଟାଇମ୍ କ୍ରୟ) ମାଧ୍ୟମରେ କ୍ରୟ କରାଯିବ । ଏଥିପାଇଁ କେନ୍ଦ୍ରୀୟ ଟୋକନ୍ ଜାରି କରାଯିବ ଏବଂ କୃଷକଙ୍କ ପଞ୍ଜୀକୃତ ମୋବାଇଲକୁ (ଏସ୍‌ଏମ୍‌ଏସ୍) ବାର୍ତ୍ତା ମାଧ୍ୟମରେ ପଠାଯିବ । ଏଥିସହ ଆଇରିସ୍ ସ୍କାନର ଦ୍ୱାରା ଆଧାର ପ୍ରମାଣିକରଣ ନିଶ୍ଚିତ କରିବା ପରେ ଧାନ କିଣାଯିବ । ୨୪ରୁ ୪୮ ଘଂଟା ମଧ୍ୟରେ ଅନ୍‌ଲାଇନ୍ ମୋଡ୍ ରେ ଚାଷୀଙ୍କ ବ୍ୟାଙ୍କ ଆକାଉଂଟରେ ଧାନର ମୂଲ୍ୟ (ଏମ୍‌ଏସ୍ପି) ଜମା କରାଯିବ ଏବଂ ପ୍ରତି ୭ ଦିନରେ ରିମାଇଣ୍ଡର ମେସେଜ୍ ମଧ୍ୟ ଏସ୍‌ଏମ୍‌ଏସ ଦ୍ୱାରା ପଠାଯିବ । ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ର ଗୁଡିକରେ ଡିଜିଟାଲ ଆର୍ଦ୍ରତା ମିଟର, ୱେ ବ୍ରିଜ୍, ବିଶ୍ଳେଷଣ କିଟ୍, ପଲିତାରପୋଲିନ ଆଦି ଯୋଗାଯିବା ସହ ପ୍ରତୀକ୍ଷା କକ୍ଷ, ପାନୀୟ ଜଳ, ଆଲୋକୀକରଣ, ଶୌଚାଳୟ ଏବଂ ସିସିଟିଭି ଆଦିର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି । ବୈଠକରେ ଜିଲ୍ଲାପାଳ ସମସ୍ତ ଚାଷୀଭାଇମାନଙ୍କ ଓ ମିଲରମାନଙ୍କ ସହଯୋଗରେ ଖରିଫ୍ ଋତୁରେ ସର୍ବମୋଟ ୩୨.୭୨ ଲକ୍ଷ କ୍ୱିଂଟାଲ ଧାନ ସଂଗ୍ରହ ହୋଇପାରିଥିଲା, ଯାହା ଗତବର୍ଷ ତୁଳନାରେ ଅଧିକ ବୋଲି କୁହାଯାଇଛି । ଏହି ପ୍ରକାରେ ଆଗାମୀ ଦିନରେ ରବି ଋତୁରେ ସୁରୁଖୁରୁରେ ଧାନ ସଂଗ୍ରହ ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ ଲୋଡିଥିଲେ । ଧାନ ସାଇତି ରଖିବା ପାଇଁ ଜିଲ୍ଲାରେ ପର୍ଯ୍ୟାପ୍ତ ସ୍ଥାନ ରହିଛି ବୋଲି ସେ କହିଥିଲେ । ଗୋଦାମ ଘରର ଅଭାବ ନେଇ କୌଣସି ଅଭିଯୋଗ ଯେପରି ନ ଆସେ, କୌଣସି ପ୍ରକୃତ ଚାଷୀ ଯେପରି ଧାନ ବିକ୍ରିରେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ମଣ୍ଡିରେ ଆନୁଷଙ୍ଗିକ ସମସ୍ତ ସୁବିଧା ଉପଲବ୍ଧ ରହେ ସେଥିପାଇଁ ଧାନଦେବାକୁ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ହଁ, ଏହି ସମୟରେ କାଳବୈଶାଖୀର ସମ୍ଭାବନା ଥିବାରୁ ମଣ୍ଡିକୁ ଆସୁଥିବା ଧାନ ଯେପରି ନଷ୍ଟ ନହୁଏ, ସେଥିପାଇଁ ଆରଏମସି କର୍ମଚାରୀ ଓ ଚାଷୀମାନେ ସତର୍କ ରହିବାକୁ ଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ କରାଇଛନ୍ତି । ଧାନ ସଂଗ୍ରହରେ ସ୍ୱଚ୍ଛତା ଆଣିବା ପାଇଁ ସାଟେଲାଇଟ୍ ସର୍ଭେର ସହାୟତା ନିଆଯାଇଛି । ଯେଉଁ ସ୍ଥାନରେ ଧାନ ଚାଷ ହୋଇନାହିଁ ମାତ୍ର ମିଥ୍ୟା ପଞ୍ଜୀକରଣ କରାଯାଇଥିଲା, ସେଭଳି ପ୍ଲଟ୍ଗୁଡ଼ିକୁ ଚିହ୍ନଟ କରାଯାଇ ବାତିଲ କରାଯାଇଛି ବୋଲି ମଧ୍ୟ ଜିଲ୍ଲାପାଳ ସୂଚନା ଦେଇଥିଲେ । ଆଜିର ଏହି ବୈଠକରେ ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, କୁଚିଣ୍ଡା ବିଧାୟକ ରବିନାରାୟଣ ନାୟକଙ୍କ ପ୍ରତିନିଧି, ଜିଲ୍ଲାପରିଷଦ ଅଧ୍ୟକ୍ଷା କୁମୁଦିନି ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ, ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତା, ମିଲର୍ସ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ନୂଆପଡ଼ାରେ ମାଟ୍ରିକ ପରୀକ୍ଷା କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା

ନୂଆପଡ଼ା, ୦୬/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ନେସନାଲ ମହାବିଦ୍ୟାଳୟ ଠାରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ୨୦୨୬ ରେ ଏ-୧ ଓ ଏ-୨ ଗ୍ରେଡ୍ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସଭା ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ସଭାପତିତ୍ୟରେ ଆୟୋଜିତ ଏହି ସଭାରେ ନୂଆପଡ଼ା ମାନ୍ୟବର ବିଧାୟକ ଜୟ ଭାଇ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ ସିଂ, ଉପଜିଲ୍ଲାପାଳ ସୂର୍ମୀ ସୋରେନ, ବିଜ୍ଞାପିତ ଅଂଚଳ ପରିଷଦ ଖରିଆର ରୋଡର ଅଧ୍ୟକ୍ଷା ଡ଼ଃ ସୋନିଆ ଜୈନ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଓ ଡ଼ଃ ରେଶମଲାଲ ନାଏକ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନୂଆପଡ଼ା ଶାଖାର ଜେନେରାଲ ମ୍ୟାନେଜର ଲିଙ୍କନ ଦାଶ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ହିତେଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆରକ୍ଷୀ ଅଧିକ୍ଷକ ଛାତ୍ରଛାତ୍ରୀଙ୍କୁ ସୋସିଆଲ ମିଡିଆରୁ ଦୂରେଇ ରହି ଲକ୍ଷ୍ୟ ହାସଲ ପାଇଁ ପୁସ୍ତକ ପାଠନର ଗୁରୁତ୍ୱ ବିଷୟରେ ଉପଦେଶ ଦେଇଥିଲେ । ଉପଜିଲ୍ଲାପାଳ ପିଲାମାନଙ୍କୁ ବଡ଼ ସ୍ୱପ୍ନ ଦେଖି ସେଗୁଡିକୁ ପୂରଣ କରିବାକୁ ଆହ୍ୱାନ ଦେଇଥିଲେ । ବିଧାୟକ ଜୟ ଭାଇ ଢୋଲକିଆ ସଂଘର୍ଷମୟ ଜୀବନରେ ହାର ନମାନି ଆଗକୁ ବଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ । ସେ ଜିଲ୍ଲାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୩୧ ହଜାର, ୨୧ ହଜାର ଓ ୧୧ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ଜିଲ୍ଲାପାଳ ମଧୁସୁଦନ ଦାସ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଜୀବନରେ ସରଳ ମଣିଷ ହେବା ସବୁଠୁ କଠିନ ବୋଲି କହିଥିଲେ ଏବଂ ନୂଆପଡ଼ା ଜିଲ୍ଲାକୁ ଶିକ୍ଷା କ୍ଷେତ୍ରରେ ଶୀର୍ଷସ୍ଥାନରେ ପହଂଚାଇବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଉଲ୍ଲେଖନୀୟ ଯେ, ନୂଆପଡ଼ା ଜିଲ୍ଲା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା-୨୦୨୬ ରେ ୯୭.୮୭ ପ୍ରତିଶତ ପାସ୍‌ହାର ସହ ରାଜ୍ୟରେ ଷଷ୍ଠ ସ୍ଥାନ ଅଧିକାର କରିଛି । ଏଥିରେ ୧୩ ଜଣ ଏ-୧ ଓ ୨୨୬ ଜଣ ଏ-୨ ଗ୍ରେଡ୍ ପାଇ ସଫଳତାର ନୂତନ ରେକର୍ଡ ସୃଷ୍ଟି କରିଛନ୍ତି । ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଫଳକ, ଉପହାର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲା ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିନ୍ତାମଣି ସାହୁଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର, ୦୬/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ କୃଷ୍ଣପୁର ପଞ୍ଚାୟତର ଯାମିନୀ କାନ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଚିନ୍ତାମଣି ସାହୁଙ୍କ କାର୍ଯ୍ୟକାଳ ଶେଷ ହୋଇ ଥିବାରୁ ତାଙ୍କ ପାଇଁ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଶିକ୍ଷାବିତ ମକୁଳ ଦାସ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ କବି ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଳିକ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଭଦ୍ରକ ଜିଲ୍ଲା ସଭାପତି ଶାନ୍ତିଲତା ପଣ୍ଡା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶିବ ପ୍ରସାଦ ବାରିକ୍, ସରପଞ୍ଚଙ୍କ ପ୍ରତିନିଧି ରାମଚନ୍ଦ୍ର ବାରିକ୍,ବାସୁଦେବପୁର ବ୍ଲକ ଉପାଧ୍ୟକ୍ଷ ଙ୍କ ପ୍ରତିନିଧି ଚିନ୍ମୟ ବାରିକ୍, ନାଏବ ସରପଞ୍ଚ ନନ୍ଦ କିଶୋର ଗିରି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମନୋରଞ୍ଜନ ରାଉତ, ପୂର୍ବତନ ସରପଞ୍ଚ କମଳାକାନ୍ତ ବାରିକ୍,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗନ୍ନାଥ ମାଇତି,ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ଚିନ୍ତାମଣି ସାର୍ ଙ୍କ ଶିକ୍ଷକ ଜୀବନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପୁରାତନ ଛାତ୍ର ଅଲେଖ ପରିଡ଼ା, ଶୁଭଲକ୍ଷ୍ମୀ ରାଉଳ, ସୁଧାଂଶୁ ଶେଖର ମାନା, ଶରତ କୁମାର ପାଣିଗ୍ରାହୀ, ଚିନ୍ମୟୀ ପାତ୍ର ପ୍ରମୁଖ ବିଦାୟୀ ପ୍ରଧାନ ଶିକ୍ଷକ ଚିନ୍ତାମଣି ସାହୁଙ୍କ ଶିକ୍ଷକ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଉତ୍ସବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଚିନ୍ତାମଣି ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ବିଦାୟୀ ପ୍ରଧାନ ଶିକ୍ଷକ ଚିନ୍ତାମଣି ସାହୁ ନିଜର ଦୀର୍ଘ ବର୍ଷର ଶିକ୍ଷକ ଜୀବନର ସ୍ମୃତି ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ବସନ୍ତ ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶରତ ପାଣିଗ୍ରାହି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ବିଦାୟ ସଙ୍ଗୀତ ଓ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

## ମାଟ୍ରିକ୍ ଖରାପ ରେଜଲ୍ଟ ଥିବା ଜିଲ୍ଲାରେ ସମୀକ୍ଷା କରିବ ଗଣଶିକ୍ଷା ବିଭାଗ

ଭୁବନେଶ୍ୱର, ୦୬/୫ (ନି.ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଚଳିତ ବର୍ଷ ଖରାପ ରେଜଲ୍ଟ ଥିବା ଜିଲ୍ଲାରେ ଗଣଶିକ୍ଷା ବିଭାଗ ସମୀକ୍ଷା କରିବ ବୋଲି ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଜିଲ୍ଲାର ପ୍ରଧାନ ଶିକ୍ଷକଙ୍କୁ ନେଇ ଶିକ୍ଷକ ସମ୍ମିଳନୀର ଆୟୋଜନ କରାଯିବ। ସେହିସବୁ ଜିଲ୍ଲାରେ କିପରି ଭଲ ରେଜଲ୍ଟ ହେବ ସେନଇ ଚେଷ୍ଟା କରାଯିବ। ଖରାପ ରେଜଲ୍ଟ ପାଇଁ କେଉଁଠି ଭୁଲ୍ ରହିଛି ତା'ର ସମୀକ୍ଷା ହେବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପଞ୍ଜାବର ୨ଟି ସ୍ଥାନରେ...

କଂଗ୍ରେସ ସଭାପତି ଅମରିନ୍ଦର ସିଂହ ପଞ୍ଜାବରେ ହୋଇଥିବା ଦୁଇ ବଡ଼ ବିସ୍ଫୋରଣ ଉପରେ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ପଞ୍ଜାବରେ ସିରିଜ ବିସ୍ଫୋରଣ ସମଗ୍ର ରାଜ୍ୟକୁ ଥରାଇ ଦେଇଛି। ଗତକାଲି ଜଳନ୍ଧରରେ ଏବଂ ଏବେ ଅମୃତସରର ଖାସା କ୍ୟାମ୍ପ ନିକଟରେ। ଏହି ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଆମ ରାଜ୍ୟରେ କିଏ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରୁଛି ବୋଲି ପ୍ରଶ୍ନ କରିଛନ୍ତି। ପଞ୍ଜାବ ସରକାର ଏପରି ଘଟଣା ରୋକିବାରେ ବିଫଳ ହୋଇଛନ୍ତି। ଭାରତ ସରକାର ଏ ବିଷୟରେ କ'ଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏପରି ବାରମ୍ବାର ସୁରକ୍ଷା ତ୍ରୁଟି ଗୁଇନ୍ଦା ଏବଂ ସୁରକ୍ଷା ବ୍ୟବସ୍ଥାରେ ଥିବା ଗମ୍ଭୀର ତ୍ରୁଟିକୁ ସୂଚିତ କରୁଛି। କୌଣସି ମୂଲ୍ୟରେ ପଞ୍ଜାବର ଶାନ୍ତିକୁ ବିପଦରେ ପକାଇ ହେବ ନାହିଁ। ଆମେ ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରୁଛୁ। କିଛି ଦିନ ପୂର୍ବେ, ପଞ୍ଜାବର ପଟିଆଲା ଜିଲ୍ଲାର ରାଜପୁରା ଏବଂ ଶମ୍ଭୁ ରେଳ ଷ୍ଟେସନ ମଧ୍ୟରେ ଡେଡିକେଟେଡ୍ ଫ୍ରେଟ୍ କରିଡର ରେଳ ଲାଇନରେ ବିଳମ୍ବିତ ରାତିରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏହା ଅଞ୍ଚଳରେ ବ୍ୟାପକ ଆତଙ୍କ ସୃଷ୍ଟି କରିଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଏହାର ଶବ୍ଦ ବହୁ ଦୂରକୁ ଶୁଣାଯାଇଥିଲା, ଯାହା ଆଖପାଖ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ତେବେ କେହି ମୃତାହତ ହୋଇନଥିଲେ।

### ଖୁବ୍ ଶୀଘ୍ର ଜାରିହେବ ଜମିର...

ଦର୍ଶାଅ ନୋଟିସ୍ ଦେଇ ଏକ ମାସ ମଧ୍ୟରେ ଶୀଘ୍ର ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ମିଳିଥିବା ସୂଚନାନୁସାରେ, ଯେଉଁ ଜମିମାନଙ୍କର କୌଣସି ବନ୍ଦୋବସ୍ତ ନିର୍ଦ୍ଧାରିତ ହୋଇ ନାହିଁ ତଥା ଖତିଆନରେ କୌଣସି ସ୍ଥିରୀକୃତ ଖଜଣା କିମ୍ବା ସ୍ୱୀକୃତ ମାଲିକାନା ଦର୍ଶାଯାଇନାହିଁ, ସେହି ସବୁ ଜମି ବେବନ୍ଦୋବସ୍ତ ଜମି ଅଧୀନରେ ଆସୁଥିବା ବେଳେ ଯେଉଁ ପର୍ଯ୍ୟନ୍ତ ସମୁଚିତ ପ୍ରକ୍ରିୟାରେ ସଠିକ୍ ମାଲିକାନା ନିର୍ଦ୍ଧାରିତ ନ ହୋଇ ପାରିଛି, ସେପର୍ଯ୍ୟନ୍ତ ତାହା ସରକାରୀ ଜମି ଭାବରେ ପରିଗଣିତ ହୋଇଥାଏ । ପ୍ରଶାସନିକ ଦୃଷ୍ଟିକୋଣରୁ ଉକ୍ତ ଜମିର ବନ୍ଦୋବସ୍ତ ତହସିଲଦାରଙ୍କ ଦ୍ୱାରା ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ କରାଯାଇଥାଏ । ଜମି ରେକର୍ଡ଼୍ ସଠିକ୍ ରଖିବା, ଅନଧିକୃତ ଦଖଲ ରୋକିବା ଏବଂ ରାଜସ୍ୱ ବୃଦ୍ଧି କରିବା ପରିପ୍ରେକ୍ଷୀରେ ବେବନ୍ଦୋବସ୍ତ ଜମିର ସେଟେଲମେଣ୍ଟ୍ ନିମନ୍ତେ ବିଭିନ୍ନ ସମୟରେ ରାଜ୍ୟସରକାରଙ୍କ ପକ୍ଷରୁ ସର୍କୁଲାର୍ ଜାରି ହୋଇଥିବା ବେଳେ ଖୁବ୍ ଶୀଘ୍ର ଏ ସମ୍ପର୍କିତ ସମସ୍ତ ସର୍କୁଲାର, ନିର୍ଦ୍ଦେଶାବଳୀ ଆଦିକୁ ସଂକଳିତ କରି ଏକ ସ୍ୱତନ୍ତ୍ର ଏସଓପି ପୁସ୍ତିକା ଜାରି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜମିପଟ୍ଟାର ୨ ଖାନା ବା କଲମ୍ ୨ ସଂଶୋଧନକୁ ଗୁରୁତ୍ୱ ଦେଇ ଏପର୍ଯ୍ୟନ୍ତ ବିଶେଷ କାର୍ଯ୍ୟକ୍ରମ ଅଧୀନରେ ୬୨.୬୮ ଲକ୍ଷ ଖାତାର ସର୍ଭେ ହୋଇଥିବା ବେଳେ ତନ୍ମଧ୍ୟରୁ ପ୍ରାୟ ୫୮.୮୦ ଲକ୍ଷ ରେକର୍ଡ଼୍ ସଂଶୋଧିତ ହେବା ସହ ସଠିକ୍ ମାଲିକାନା ସପକ୍ଷରେ ପଟ୍ଟା ଜାରି କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜସ୍ୱ ନିରୀକ୍ଷକ (ଆର୍ ଆଇ)ମାନଙ୍କୁ ପ୍ରତ୍ୟେକ ମାସରେ ୨୫୦ ରୁ ୩୦୦ ଖାତାର ସର୍ଭେ କରିବା ନିମନ୍ତେ ଲକ୍ଷ୍ୟ ନିର୍ଦ୍ଧାରିତ କରି ତଦନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି କୃଷକ ପଞ୍ଜୀକରଣ (ଫାର୍ମର୍ ରେଜିଷ୍ଟ୍ରି) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ସଂଶୋଧିତ ଖାତା ଗୁଡ଼ିକରେ କୃଷକ ମାନଙ୍କୁ ସଠିକ୍ ଭାବେ ପଞ୍ଜୀକୃତ କରିବା ସହ ଆଧାର ଲିଙ୍କ୍ ସଂଯୋଗୀକରଣକୁ ସଫଳତା ସହ ସମାପନ କରିବାକୁ କୃଷି ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା କୃଷକମାନଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧାସୁଯୋଗ ଉପଲବ୍ଧ ହେବା ଅଧିକ ସହଜ ଏବଂ ସମ୍ଭବ ହେବ । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ମାସରେ ନିର୍ଦ୍ଦିଷ୍ଟ ମାପକ (ପାରାମିଟର୍) ଆଧାରରେ ଜିଲ୍ଲାମାନଙ୍କର ରଙ୍କିଙ୍ଗ୍ କରାଯିବ ବୋଲି କହିଛନ୍ତି । ର୍ୟାଙ୍କିଙ୍ଗ୍ ଆଧାରରେ ଭଲ ପ୍ରଦର୍ଶନ କରିନଥିବା ଜିଲ୍ଲାମାନଙ୍କର ସମୀକ୍ଷା କରାଯିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଶାସନିକ କାର୍ଯ୍ୟ ସମ୍ପନ୍ନ ନ କଲେ ଅଥବା କାର୍ଯ୍ୟାଦେଶ ଅବମାନନା କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ସେହିପରି ବେବନ୍ଦୋବସ୍ତ ଥିବା ସରକାରୀ ଜମିକୁ ଜବରଦଖଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜସ୍ୱ ସଚିବ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି । ସେ କାଳବୈଶାଖୀ ଅଥବା କୌଣସି ବି ବିପର୍ଯ୍ୟୟ ଘଟିଲେ ତୁରନ୍ତ ତାହାର କ୍ଷୟକ୍ଷତି ଆକଳନ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅବଗତ କରାଇବା ସହ ସମସ୍ତ ସହାୟତା ଅଗ୍ରାଧିକାର ଭିତ୍ତିରେ ଯୋଗାଇ ଦେବାକୁ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ ବିଭାଗ ଅଧୀନରେ ଥିବା ସମସ୍ତ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀଙ୍କୁ ବଦଳି ନିର୍ଦ୍ଦେଶ ଆସିବାର ସାତ ଦିନ ମଧ୍ୟରେ ନୂତନ ନିଯୁକ୍ତି ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବଦଳି କାର୍ଯ୍ୟାଦେଶ ଅବମାନନା କରିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି । ଏଥିସହିତ ସମସ୍ତ ଆରଡିସିଙ୍କୁ ସେମାନଙ୍କସ୍ତରରେ ନିୟମିତ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେବା ସହ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ଜିଲ୍ଲାମାନଙ୍କର ସମୟକ୍ରମେ ସମୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଛି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ଅରବିନ୍ଦ ପାଢ଼ୀ, ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ଅମୀୟ କୁମାର ସାହୁ, ଯୁଗ୍ମ ଶାସନ ସଚିବ ପ୍ରଦୀପ କୁମାର ସାହୁ, ଓଏସଡି ରଶ୍ମି ରଞ୍ଜନ ରାଉତଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ଡିଭିଜନର ଆରଡିସି, ସମସ୍ତ ଜିଲ୍ଲାର ଏଡିଏମ୍ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

### ହାରିବାର ଦୁଇ ଦିନ ପରେ ବି ଗାଦି ...

ଏଇ ପଡ଼ିଆରେ ହିଁ ୨୦୨୧ ମସିହାରେ ପ୍ରଧାନମନ୍ତ୍ରୀ ମୋଦି ବିଶାଳ ସଭା କରିଥିଲେ, ସେଇ ଦିନଠୁ ପଶ୍ଚିମବଙ୍ଗ ବିଜେପିର 'ଭାଲୋ ଦିନ୍' ଆରମ୍ଭ ହୋଇଥିଲା ବୋଲି କୁହାଯାଉଛି। ଅପରପକ୍ଷେ, ସମୟ ଯେତେ ବଢୁଛି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କିଏ ହେବ ତାକୁ ନେଇ କଳ୍ପନାଜଳ୍ପନା ବଢ଼ିବାରେ ଲାଗିଛି। ରେସର ସବୁଠୁ ଆଗରେ ଥିବା ଫାଏର ବ୍ରାଣ୍ଡ ତଥା ଏଥର ବିଜେପିର ପୋଷ୍ଟର ବୟ ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଯେଉଁ ନବାନ୍ନ ମମତାଙ୍କ ଦ୍ୱିତୀୟ ଘର ଥିଲା। ସେଠି ନୂଆ ସରକାର ଗଠନ ପୂର୍ବରୁ ରାଜ୍ୟ ବିଜେପି ସଭାପତିଙ୍କ ସମେତ ବରିଷ୍ଠ ନେତା ପହଞ୍ଚି ସ୍ଥିତି ପରଖିଛନ୍ତି।

### ଅପରସେନ 'ଏପିକ୍ ଫ୍ୟୁରି'...

ଫ୍ରିଡମ୍ ଓ ହର୍ମୁଜ ପ୍ରଣାଳୀରେ ଅବରୋଧ କରିବା ଯୁଦ୍ଧବିରତି ଉଲ୍ଲଂଘନର ଉଦାହରଣ। ଆମେରିକା ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ଇରାନ ଉପରେ କଟକଣା ଲଗାଇବାକୁ ପ୍ରସ୍ତୁତି ଚାଲିଛି। ବାହାରିନ୍, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, କୁଏତ ଓ କତର ସହିତ ଆମେରିକା ଆଣିଥିବା ପ୍ରସ୍ତାବ ଉପରେ ମଙ୍ଗଳବାର ଜାତିସଂଘ ସୁରକ୍ଷା ପରିଷଦରେ ରୁଦ୍ଧ ଦ୍ୱାର ଆଲୋଚନା ହୋଇଛି। ଯଦି ଏହି ପ୍ରସ୍ତାବ ପାରିତ ହୋଇଯାଏ ତେବେ ଇରାନ ଉପରେ କଟକଣା ଲାଗିବାର ସମ୍ଭାବନା ରହିଛି। ଏହାଦ୍ୱାରା ହର୍ମୁଜ ପ୍ରଣାଳୀରେ ବ୍ୟବସାୟିକ ଜାହାଜ ଉପରେ ଯଦି ଇରାନ ଆକ୍ରମଣ ବନ୍ଦ ନ କରେ ତେବେ ଜାତିସଂଘ ସୁରକ୍ଷା ବାହିନୀ ମୁତୟନ କରିପାରେ ବୋଲି ଖବର ସରବରାହ ସଂସ୍ଥା ରଏଟର୍ସ ପ୍ରକାଶ କରିଛି। ଆମେରିକା ବିଦେଶ ସଚିବ ମାର୍କୋ ରୁବିଓ ଇରାନର ଆକ୍ରମଣ ବନ୍ଦ ଓ ହର୍ମୁଜ ପ୍ରଣାଳୀରେ ମାଇନ୍ ବିଛେଇବା ବନ୍ଦ କରିବା ଦାବି କରି ଆମେରିକା ସମର୍ଥିତ ଜାତିସଂଘ ପ୍ରସ୍ତାବ ଆଣିବାକୁ ଆହ୍ୱାନ ଦେଇଥିଲେ। ଏହାକୁ ଜାତିସଂଘର ପ୍ରଭାବ ଉପରେ ପରୀକ୍ଷା ବୋଲି ରୁବିଓ କହି ଚୀନ୍ ଓ ରୁଷ୍‌କୁ ଏହା ଉପରେ ଭିଟୋ ପ୍ରୟୋଗ ନ କରିବାକୁ କହିଥିଲେ। ପୂର୍ବରୁ ଆମେରିକା ସମର୍ଥିତ ବାହାରିନ୍ ପକ୍ଷରୁ ଦିଆଯାଇଥିବା ଏପରି ଏକ ଉପରେ ଚୀନ୍ ଓ ରୁଷ୍ ଭିଟୋ ପ୍ରୟୋଗ କରିଥିଲେ । ରଏଟର୍ସ ଦ୍ୱାରା ହସ୍ତଗତ ହୋଇଥିବା ଚିଠା ପ୍ରସ୍ତାବରେ ଇରାନ ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବା ଏବଂ ଏହାଦ୍ୱାରା ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ପ୍ରଭାବିତ ହୋଇଥିବା କୁହାଯାଇଛି । ଏଥିରେ ଇରାନ ତୁରନ୍ତ ଆକ୍ରମଣ ବନ୍ଦ କରିବା ଓ ହର୍ମୁଜ ପ୍ରଣାଳୀରେ ଥିବା ମାଇନ୍ସର ସ୍ଥିତି ଜଣାଇବା ଓ ଏହାକୁ ସଫେଇ କରିବାରେ ବାଧା ସୃଷ୍ଟି ନକରିବାକୁ ଆମେରିକା ଦାବି କରିଛି। ଅନ୍ୟପକ୍ଷରେ ଇରାନ କହିଛି ଯେ, ରୁବିଓ ନିର୍ଲଜ୍ଜ ଭାବେ ସତ୍ୟକୁ ବିକୃତ କରିଛନ୍ତି। ୱାସିଂଟନ ଓ ତେହେରାନ ମଧ୍ୟରେ ବିବାଦ ଭିତରେ ଇରାନର ବିଦେଶ ମନ୍ତ୍ରୀ ଆବାସ୍ ଆରାଘଚି ବେଜିଂରେ ତାଙ୍କ ଚୀନ୍ ପ୍ରତିପକ୍ଷ ୱାଙ୍ଗ ୟିଙ୍କୁ ଭେଟିଛନ୍ତି। ଦୁଇ ନେତା ଦ୍ୱିପାକ୍ଷିକ ଆଲୋଚନା ସହିତ ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତି ଉପରେ ଆଲୋଚନା କରିପାରନ୍ତି।

# ନୂଆଦିଲ୍ଲୀରେ 'ସ୍କୁଲ ମ୍ୟାନେଜମେଣ୍ଟ କମିଟି ଗାଇଡଲାଇନ-୨୦୨୬'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ, ୦୬/୫ (ନି.ପ୍ର): 'ସ୍କୁଲ ମ୍ୟାନେଜମେଣ୍ଟ କମିଟି'(ଏସଏମସି) ଗାଇଡଲାଇନ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରିବ । ଏହି ନୂତନ ଗାଇଡ୍‌ଲାଇନ୍ ବିଦ୍ୟାଳୟ ପରିଚାଳନାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବା ସହ ଏକ ସୁସ୍ଥ ଶିକ୍ଷାଦାନ ପରିବେଶ ଗଠନରେ ସହାୟକ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ସ୍କୁଲ ମ୍ୟାନେଜମେଣ୍ଟ କମିଟି-୨୦୨୬'ର ନୂତନ ମାର୍ଗଦର୍ଶିକା ଉନ୍ମୋଚନ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ମାର୍ଗଦର୍ଶିକାଗୁଡ଼ିକ ବିଦ୍ୟାଳୟ, ପରିବାର ଏବଂ ସମାଜ ମଧ୍ୟରେ ଏକ ସଶକ୍ତ ଭାବନାତ୍ମକ ଏବଂ ସାମାଜିକ ସହଭାଗିତାକୁ ପ୍ରାତିଷ୍ଠାନିକ ରୂପ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ତେବେ ଆମେ ସମସ୍ତେ ବିଦ୍ୟାଳୟର ସାମଗ୍ରିକ ବିକାଶ, ଅନୁଶାସନ ଏବଂ ଗୁଣାତ୍ମକ ଶିକ୍ଷାର ତଦାରଖ ପାଇଁ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଛନ୍ତି ।

ସେ ଆହୁରି କହିଛନ୍ତି ଯେ ନୂତନ ପିଢ଼ିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୃତୀୟ ଶ୍ରେଣୀରୁ କମ୍ପ୍ୟୁଟେସିଓନାଲ ଥିଙ୍କିଂ ଏବଂ ଏଆଇ ଆଧାରିତ ଶିକ୍ଷାର ଶୁଭାରମ୍ଭ କରାଯାଇଛି । ସମଗ୍ର ଶିକ୍ଷା ଅଭିଯାନ, ପିଏମ୍ ଶ୍ରୀ, ପିଏମ୍ ପୋଷଣ, ଅଟଳ ଟିଙ୍କରିଂ ଲ୍ୟାବ୍ ଏବଂ 'ଉଲ୍ଲାସ' ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେଉଛି । ଡିଜିଟାଲ ସ୍ୱାକ୍ଷରତାରେ ସୁଧାର, ଡ୍ରପ୍-ଆଉଟ୍ ହାରରେ ନିରନ୍ତର ହ୍ରାସ ଏବଂ ଛାତ୍ରୀମାନଙ୍କ ପାଇଁ, ବିଶେଷ କରି ଷ୍ଟେମ ଶିକ୍ଷା କ୍ଷେତ୍ରରେ ସୁଯୋଗର ସମ୍ପ୍ରସାରଣ ନିମନ୍ତେ ପ୍ରତ୍ୟେକ ଜିଲ୍ଲାରେ ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସର ପଦକ୍ଷେପ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯେତେବେଳେ ବିଦ୍ୟାଳୟ ଏବଂ ସମାଜ ପାରସ୍ପରିକ ବିଶ୍ୱାସ ଏବଂ ମିଳିତ ଦାୟିତ୍ୱବୋଧ ସହିତ କାର୍ଯ୍ୟ କରନ୍ତି, ସେତେବେଳେ ଶିକ୍ଷା ଏକ ସାମଗ୍ରିକ ସାମାଜିକ ପ୍ରକ୍ରିୟାରେ ପରିଣତ ହୋଇଥାଏ, ଯେଉଁ ପ୍ରକ୍ରିୟା ପରବର୍ତ୍ତୀ ସମୟରେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ରାଷ୍ଟ୍ର ନିର୍ମାଣର ଆଧାରଶିଳା ସ୍ଥାପନ କରିଥାଏ । ବର୍ତ୍ତମାନ ସମାଜରେ ସମ୍ପନ୍ନତା ବୃଦ୍ଧି ପାଇବା ସହ ଆମର ଦାୟିତ୍ୱ ମଧ୍ୟ ବୃଦ୍ଧି ପାଉଛି । ଘରେ ପର୍ବପର୍ବାଣୀ ପାଳନ କଲା ଭଳି ଆମେ ଅଙ୍ଗନବାଡ଼ି ଓ ବିଦ୍ୟାଳୟରେ ପିଲାମାନଙ୍କୁ ପୁଷ୍ଟିଯୁକ୍ତ ଆହାର ପ୍ରଦାନ କରିବା ଏବଂ ସେମାନଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଆମର ପ୍ରାଥମିକତା ହେବା ଉଚିତ । ସେହିପରି ବୃକ୍ଷରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ଦରକାର । ଗଛ ଲଗାଇବା କେବଳ ଗୁରୁଙ୍କର କାର୍ଯ୍ୟ ନୁହେଁ, ବରଂ ସମସ୍ତ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ କରି ସେମାନଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବା ଆମର ଦାୟିତ୍ୱ ଅଟେ ।

ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନରେ 'ଜାତୀୟ ଶିକ୍ଷା ନୀତି -୨୦୨୦'ର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ 'ବିକଶିତ ଭାରତ ୨୦୪୭' ର ଲକ୍ଷ୍ୟ ହାସଲ ପାଇଁ 'ସ୍କୁଲ ମ୍ୟାନେଜମେଣ୍ଟ କମିଟି ଏକ ଜନ-ଆନ୍ଦୋଳନ ଭାବରେ ଉଭା ହେବା ହେବା ଉଚିତ୍ । ସମାଜ ମଧ ଏହାର ଦାୟିତ୍ୱକୁ ସମ୍ପୂର୍ଣ୍ଣ ଭାଗିଦାରୀ ସହିତ ନିର୍ବାହ କରିବା ଆବଶ୍ୟକ । ଏହି ପଦକ୍ଷେପ ସାମୁଦାୟିକ ସହଭାଗିତାକୁ ସୁଦୃଢ଼ କରିବା ସହ ବିଦ୍ୟାଳୟର ଶାସନ ପ୍ରକ୍ରିୟାକୁ ସୁଦୃଢ଼ କରିବ । ଏହି ପଦକ୍ଷେପ ପ୍ରତ୍ୟେକ ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରମାଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ଦିଲ୍ଲୀର ଶିକ୍ଷା ମନ୍ତ୍ରୀ ଶ୍ରୀ ଆଶିଷ ସୁଦ, ଛତିଶଗଡ଼ର ସ୍କୁଲ ଶିକ୍ଷା ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ଯାଦବ, ବିଶିଷ୍ଟ ଶିକ୍ଷାବିତ୍ ଏବଂ ଶିକ୍ଷକଗଣ ଉପସ୍ଥିତ ଥିଲେ ।

# ସେଲ୍, ଆରଏସପି ଅଧିନସ୍ଥ ଆଇଜିଏଚରେ ଉନ୍ନତମାନର ଚିକିତ୍ସା ଦ୍ୱାରା ୭୦ ବର୍ଷୀୟ ଆରୋଗ୍ୟ ଆଶାୟୀଙ୍କ ଗତିଶୀଳତା ପୁନଃସ୍ଥାପିତ



ରାଉରକେଲା, ୦୬/୫ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ଡାକ୍ତରମାନେ ଏକାଧିକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ୭୦ ବର୍ଷୀୟ ଆରୋଗ୍ୟ ଆଶାୟୀଙ୍କ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ସଫଳତାର ସହିତ କରିଛନ୍ତି। ଏହା ଦ୍ୱାରା ତାଙ୍କର ଚଳନ କ୍ଷମତା ପୁନଃସ୍ଥାପିତ ହୋଇଛି। ଏହି ଆରୋଗ୍ୟ ଆଶାୟୀ ଶ୍ରୀ ଏସ୍. ଆର. ଗିରି, ଝାଡ଼ଖଣ୍ଡର କିରିବୁରୁର ଜଣେ ଅବସରପ୍ରାପ୍ତ ଖଣି କର୍ମଚାରୀ ଅଟନ୍ତି। ସେ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଉଭୟ ଆଣ୍ଠୁରେ ଗମ୍ଭୀର ଯନ୍ତ୍ରଣା ରେ ପୀଡିତ ଥିଲେ। ତାଙ୍କର ଅବସ୍ଥା ଏତେ ଖରାପ ଥିଲା ଯେ, ସେ ସାଧାରଣ ଦୈନନ୍ଦିନ କାର୍ଯ୍ୟ ମଧ୍ୟ କରିପାରୁନଥିଲେ। ଆଉ ମଧ୍ୟ, ତାଙ୍କର ବହୁବିଧ ଚିକିତ୍ସା ସମସ୍ୟା ରହିଥିଲା, ଯେଉଁଥିରେ ମେରୁଦଣ୍ଡ ଷ୍ଟେନୋସିସ୍ ପାଇଁ ପୂର୍ବରୁ ହୋଇଥିବା ମେରୁଦଣ୍ଡ ଅସ୍ତ୍ରୋପଚାର ଏବଂ ଆଞ୍ଜିଓପ୍ଲାଷ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ ହୃଦରୋଗ ଅନ୍ତର୍ଭୁକ୍ତ ଥିଲା। ଏହା ହୃଦୟର କାର୍ଯ୍ୟ ହ୍ରାସ କରିବା ସହ ଏହାକୁ ଅଧିକ ଆହ୍ୱାନପୂର୍ଣ୍ଣ କରିଥିଲା। ଏହିଭଳି ବିପଦପୂର୍ଣ୍ଣ ଅସ୍ତ୍ରୋପଚାର କାରଣରୁ ଅନେକ ଚିକିତ୍ସାଳୟ ତାଙ୍କର ଅସ୍ତ୍ରୋପଚାର କରିବାକୁ ମନା କରିଥିଲେ। ଫଳରେ ସେ ଦୀର୍ଘ ସମୟ ଧରି ଯନ୍ତ୍ରଣାର ଶିକାର ହୋଇଥିଲେ। ପରିସ୍ଥିତିର ଜଟିଳତାକୁ ଗ୍ରହଣ କରି, ଆଇଜିଏଚ ର ଏକ ଉତ୍ସର୍ଗୀକୃତ ଡାକ୍ତରୀ ଦଳ, ଯଥା ଅତିରିକ୍ତ ସିଏମଓ (ଅସ୍ଥିଶଲ୍ୟ ବିଶେଷଜ୍ଞ) ଡାକ୍ତର ଏସ କେ ତିୱାରୀ, ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ପରାମର୍ଶଦାତା ଡାକ୍ତର ଶେଷକାନ୍ତ ରାଉତ ଏବଂ ଡ଼ିଏନବି ଟ୍ରେନି (ଅସ୍ଥିଶଲ୍ୟ) ଡାକ୍ତର ପ୍ରଶାନ୍ତ ଶର୍ମାଙ୍କ ସହ ଅତିରିକ୍ତ ସିଏମଓ, ଡକ୍ଟର ଏମ୍. ସାମନ୍ତରାୟଙ୍କ ନେତୃତ୍ୱାଧୀନ ଆସନ୍ସେସିଆ ଦଳ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଥିଲେ।

ସମନ୍ୱିତ ଦଳୀୟ ପ୍ରୟାସ ଏବଂ ବିଶେଷଜ୍ଞ ସହିତ, ଏହି ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାର ସଫଳତାର ସହ ସମାପ୍ତ ହୋଇଥିଲା। ଏଥି ସହ, ଆରୋଗ୍ୟ ଆଶାୟୀଙ୍କ ଠାରେ ଉତ୍ତମ ପ୍ରତିକ୍ରିୟା ଦେଖାଯିବା ସହ ସେ ନିଜର ଗତିଶୀଳତା ଫେରି ପାଇଛନ୍ତି। ସୂଚନା ଯୋଗ୍ୟ ଯେ, ଆଇଜିଏଚ ରେ ଅନେକ ଦଶନ୍ଧି ଧରି ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାର କରାଯାଉଛି, ଯାହାର ଫଳାଫଳ ଦେଶର ପ୍ରମୁଖ କେନ୍ଦ୍ରଗୁଡ଼ିକ ସହିତ ସମତୁଲ୍ୟ ଅଟେ। ଏହି ମାମଲା ଜଟିଳ ଚିକିତ୍ସା ପରିସ୍ଥିତି ସହିତ ଉଚ୍ଚ-ବିପଦଗ୍ରସ୍ତ ରୋଗୀମାନଙ୍କ ସଫଳ ଚିକିତ୍ସାରେ ଆଇଜିଏଚ ର କ୍ଷମତାକୁ ବର୍ଦ୍ଧିତ କରିବା ସହ ଉନ୍ନତ ଅସ୍ତ୍ରୋପଚାର ପ୍ରଦାନ କରିବାରେ ଏହାର ଦକ୍ଷତା କୁ ପ୍ରମାଣିତ କରୁଛି ।

## ଦେଶସାରା ଘରୋଇ ଏଲପିଜି ବଂଟନ ସ୍ୱାଭାବିକ: ସରକାର

ନୂଆଦିଲ୍ଲୀ, ୦୬/୫ : କେନ୍ଦ୍ର ସରକାର ବୁଧବାର କହିଛନ୍ତି ଯେ ଦେଶସାରା ଘରୋଇ ଏଲପିଜି ବଂଟନ ସ୍ୱାଭାବିକ, କୌଣସି ଏଲପିଜି ବିତରକଙ୍କ ପାଖରେ କୌଣସି ବିଭ୍ରାଟ ରିପୋର୍ଟ କରାଯାଇ ନାହିଁ। ସରକାର କହିଛନ୍ତି ଯେ ପ୍ରାୟ ୯୫ ପ୍ରତିଶତ ଗ୍ୟାସ ସିଲିଣ୍ଡର ବଂଟନ 'ଡେଲିଭରି ଅଥେଂଟିକେସନ୍ କୋଡ୍' ମାଧ୍ୟମରେ ସମାପ୍ତ ହେଉଛି। ନୂଆଦିଲ୍ଲୀରେ ଏକ ଆନ୍ତଃମନ୍ତ୍ରାଳୟ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ ଘରୋଇ ଏଲପିଜି ବଂଟନ ସ୍ୱାଭାବିକ ରହିଛି ଏବଂ ଷ୍ଟକ୍ ବିଭ୍ରାଟର କୌଣସି ରିପୋର୍ଟ ଆସିନାହିଁ।

# ଦୀଘା ଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ହଟାଇବାକୁ ହେବ ଉଦ୍ୟମ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୬/୫ (ନି.ପ୍ର): ପଶ୍ଚିମବଙ୍ଗର ଦୀଘା ଠାରେ ଥିବା ଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ହଟାଇବାକୁ ଉଦ୍ୟମ କରାଯିବ । ବଙ୍ଗରେ ବିଜେପି ସରକାର ଗଠନ ପରେ ଓଡ଼ିଶା ସରକାର ଏଥିପାଇଁ ଉଦ୍ୟମ ଆରମ୍ଭ କରିବେ। ହଜାର ହଜାର ଜଗନ୍ନାଥ ମନ୍ଦିର ଅଛି, କିନ୍ତୁ ସବୁ ଧାମ ନୁହେଁ। ନୂଆ ଜଗନ୍ନାଥ ମନ୍ଦିର ଗଢି ଏହାକୁ ଜଗନ୍ନାଥ ଧାମ ବୋଲି ନାମ ଦେଇ ମମତା ଜଗନ୍ନାଥ ପ୍ରେମୀଙ୍କ ମନରେ ଆଘାତ ଦେଇଥିଲେ। ବଙ୍ଗାଳୀ ଭକ୍ତଙ୍କୁ ପୁରୀ ଆସିବାକୁ ମମତା ସରକାର ମନା କରିଥିଲା। ଏହାର ଫଳ ମମତା ଭୋଗିଛନ୍ତି। ଧାମ ଶବ୍ଦ ହଟିବା ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖି ଏହା କହିଛନ୍ତି।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କଲେ ଆଇଏଏସ ପ୍ରଶିକ୍ଷାର୍ଥୀ

ଭୁବନେଶ୍ୱର, ୦୬/୫ (ନି.ପ୍ର): ୨୦୨୫ ବ୍ୟାଚ୍ ଓଡ଼ିଶା କ୍ୟାଡରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ )ପ୍ରଶିକ୍ଷାର୍ଥୀମାନେ ବୁଧବାର ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ (ସିଇଓ) କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର. ଏସ. ଗୋପାଳନ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ କରିବା ସହ ନିର୍ବାଚନ ପରିଚାଳନା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସେ ନିର୍ବାଚନ ପାଇଁ କରାଯାଉଥିବା ରଣନୀତି, ଭୋଟର ତାଲିକା ପଞ୍ଜିକରଣ ପ୍ରକ୍ରିୟା, ଇଭିଏମ୍ ଓ ଭିଭିପାଟ୍ ପରିଚାଳନା ଏବଂ କିଭଳି ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରାଯାଏ, ସେ ବିଷୟରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। 'ଏକ ସୁସ୍ଥ ଗଣତନ୍ତ୍ର ଗଠନରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂତନ ଅଧିକାରୀମାନେ ଏହି କ୍ଷେତ୍ରରେ ଦକ୍ଷତା ହାସଲ କରିବା ଜରୁରୀ,' ବୋଲି ଶ୍ରୀ ଗୋପାଳନ ପ୍ରକାଶ କରିଛନ୍ତି। ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପଲନ ଙ୍କ ସମେତ ଅତିରିକ୍ତ ସିଇଓ ଶ୍ରୀ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଶ୍ରୀ ଗୋପୀନାଥ କୁଅଁର, ବିତ ପରାମର୍ଶଦାତା ଶ୍ରୀ ସଞ୍ଜୟ କୁମାର ଲୁଗୁନ,ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ,ଡ଼େପୁଟି ସିଇଓ ଶ୍ରୀମତୀ ଅନାମିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣର ବାର୍ଷିକ ଉତ୍ସବ 'ପ୍ରତିଫଳନ-୨.୦' ଅନୁଷ୍ଠିତ



ବାରିପଦା , ୦୫/୫ (ନି.ପ୍ର): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୁରଭଞ୍ଜର ବାର୍ଷିକ ଉତ୍ସବ ପରିସରରେ ଥିବା ସଭାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି ଓ ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହ ପ୍ରଧାପକ ଚିତ୍ରସେନ ସେଠୀ ଓ ମୁଖ୍ୟ ବକ୍ତା ଭାବେ ଉକ୍ତ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣି ତଥା ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରତିଷ୍ଠାନ, କଟକ ର ଅଧକ୍ଷ ନିରଞ୍ଜନ ସାହୁ, ମୁଣ୍ଡାରୀ ସମ୍ପ୍ରଦାୟର ଭାଷା ସଂସ୍କୃତି ଉପରେ କାର୍ଯ୍ୟରତ ନନ୍ଦଲାଲ ସିଂ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବର ଆଭିମୁଖ୍ୟ, ଉପାଦେୟତା ଉପରେ ଆଲୋକପାତ କରିଥିଲେ ଓ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଚମ୍ପାବତୀ ହାଁସଦା ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ମୟୂର ଗଡ଼ର ବାର୍ତ୍ତା' ଅତିଥିଙ୍କ ହାତରେ ଉନ୍ମୋଚିତ ହୋଇଥିଲା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଓ ତତସହିତ ଅନୁଷ୍ଠାନର ସମସ୍ତ ଶିକ୍ଷକ ପ୍ରଶିକ୍ଷକ / ପ୍ରଶିକ୍ଷିକା, କର୍ମଚାରୀ ଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଶିକ୍ଷକ ପ୍ରଶିକ୍ଷିକା ରୁପାଲୀ ରଚନା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ଶେଷରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଗୁରୁ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ନୀଳଗିରି ବନବିଭାଗ ଦ୍ୱାରା ହରିଣର ମୃତଦେହ ଉଦ୍ଧାର

ନୀଳଗିରି , ୦୬/୫ (ନି.ପ୍ର): ବୁଧବାର ସକାଳ ପ୍ରାୟ ୬.୩୦ସମୟରେ ନୀଳଗିରି ବନବିଭାଗ ଏକ ମୃତହରିଣ ଉଦ୍ଧାର କରିଥିବା ଜଣାଯାଇଛି । ସୂଚନା ମୁତାବକ ନୀଳଗିରି ବ୍ଲକ୍ ମାଟିଆଳି ପଞ୍ଚାୟତ ଗୋବିନ୍ଦପୁରା ଗ୍ରାମ ନିକଟରେ ଏକ ହରିଣକୁ କିଛି କୁକୁର ଗୋଡ଼ାଇ ଗୋଡ଼ାଇ କାମୁଡିବା ଦ୍ୱାରା ହରିଣଟି ମରିଯାଇଥିବା ବନବିଭାଗ ରେଞ୍ଜର ସୂଚନା ଦେଇଛନ୍ତି । ତେବେ ସ୍ଥାନୀୟଲୋକ ବନବିଭାଗକୁ ଖବରଦେବା ପରେ ବନବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତହରିଣକୁ ଉଦ୍ଧାରକରି ନୀଳଗିରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ପୋଷ୍ଟମଟମ୍ ପରେ ମୃତହରିଣକୁ ପୋତିଦିଆଯାଇଥିବା ରେଞ୍ଜର



ମନଓ୍ୱର୍ ଖାଁ କହିଥିବା ବେଳେ ହରିଣର ଓଜନ, ଲମ୍ବ, ଉଚ୍ଚତା ଏପରିକି ବୟସ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ଦେଇନଥିଲେ। ପ୍ରକୃତରେ ହରିଣଟି କଉଠୁ ଆସିଲା ? କୁକୁରକାମୁଡ଼ା ଦ୍ୱାରା ମୃତ୍ୟୁହୋଇଛି ନା ଶିକାରୀଙ୍କ ଦ୍ୱାରା ମୃତ୍ୟୁହୋଇଛି ତାର ସଠିକ୍ ତଥ୍ୟ ଲୁଚାଇଥିବାରୁ ରେଞ୍ଜରଙ୍କ ପ୍ରତି ପରିବେଶପ୍ରେମୀ ଅଙ୍ଗୁଳି ଉଠାଇଛନ୍ତି।

# ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରରେ ଶ୍ରୀଜଗନ୍ନାଥଙ୍କ ଦାରୁ ପ୍ରସଙ୍ଗ ବର୍ଣ୍ଣିତ

ନୀଳଗିରି , ୦୬/୫ (ନି.ପ୍ର): ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଦାରୁସଂଗ୍ରହ ପ୍ରକ୍ରିୟା ଦୁଇଟି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ । ପ୍ରଥମଟି ହେଉଛି ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଇଁ ରଥକାଠ ସଂଗ୍ରହ ଓ ଅନ୍ୟଟି ହେଉଛି ନବକଳେବର ସମୟରେ ଦାରୁ ସଂଗ୍ରହ । ଶ୍ରୀଗୁଣ୍ଡିଚା ପାଇଁ ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ସମସ୍ତ ଦାରୁ ଶ୍ରୀମନ୍ଦିରରେ ପହଞ୍ଚିଥାଏ । ରାଜ ପ୍ରତିନିଧି, ଚତୁର୍ବେଦୀୟ ବ୍ରାହ୍ମଣ, ରାଜ ପୁରୋହିତ ଓ ଶିଳ୍ପିବିଦ୍ୟା ନିପୁଣ ସୂତ୍ରଧର ମାନେ ଦାରୁ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ଥାଆନ୍ତି । ଦାରୁ ସଂଗ୍ରହ ପୂର୍ବରୁ କେଉଁଦାରୁ ସଂଗୃହୀତ ହେବ ଓ ତାର ଲକ୍ଷଣ ଇନ୍ଦ୍ରନୀଳମଣି ପୁରାଣରେ ଲିପିବଦ୍ଧ ରହିଛି । ସାଧାରଣତଃ ନିମବୃକ୍ଷର କାଠରେ ଜଗନ୍ନାଥଙ୍କ କାର୍ଯ୍ୟ ସମ୍ପନ୍ନ ହୁଏ । ସେ ନିମବୃକ୍ଷର



ସ୍ୱାଦ ତିକ୍ତ ପରିବର୍ତ୍ତେ ଅଳ୍ପ ମଧୁର ଅଟେ । ବୃକ୍ଷରେ କୀଟଦ୍ରଂଷ୍ଟ ଚିହ୍ନ ବା ବଜ୍ରପାତର ଚିହ୍ନ ରହିନଥାଏ । ସେ ବୃକ୍ଷରେ ପକ୍ଷୀମାନେ ବସା ବାନ୍ଧିନଥାନ୍ତି । ବୃକ୍ଷକୁ ବିଷଧର ସର୍ପ ଜଗିରହି ଥାନ୍ତି । ଅନ୍ୱେଷଣକାରୀ ସେ ସର୍ପ ସ୍ଥାନ ଛାଡିଯିବାର ଲକ୍ଷ୍ୟ କରିଥାନ୍ତି । ଦାରୁବୃକ୍ଷ ସରଳ ଓ ଆକର୍ଷଣୀୟ ହୋଇଥାଏ । ମା ମଙ୍ଗଳାଙ୍କ ସ୍ୱପ୍ନାଦେଶ ପରେ ଦାରୁ ଚିହ୍ନଟ ହୋଇଥାଏ । ସୂତ ସଂହିତାର ବର୍ଣ୍ଣନା ଅନୁଯାୟୀ ଦାରୁର ବର୍ଣ୍ଣ କୃଷ୍ଣ, ଶ୍ୱେତ, ପୀତ ଓ ରକ୍ତବର୍ଣ୍ଣ ସହ ଶଙ୍ଖ ଚକ୍ର ଗଦା ପଦ୍ମ ଚିହ୍ନ ଥିବା ବିଧେୟ । ଦାରୁ ଆଣିବାପାଇଁ ଚାରିଚକ ବିଶିଷ୍ଟ ଶକଟ ବ୍ୟବହାର ହୁଏ । ଏହି ଶକଟର ଚକ ବରକାଠରେ, ଦଣ୍ଡା କେନ୍ଦୁକାଠରେ ଓ ଅଖ ତେନ୍ତୁଳି ବା ବେଲକାଠରେ ନିର୍ମିତ ହୋଇଥାଏ । ସର୍ବୋପରି ବେତଦଉଡ଼ି ବା କତାଦଉଡ଼ିରେ ଶକଟ ଟଣା ଯାଇଥାଏବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ମାସିକ ଜଗନ୍ନାଥ ସଂସ୍କୃତିର ମୂଲ୍ୟାୟନ ପ୍ରସଙ୍ଗ ଆଲୋଚନା ପରୀପ୍ରେକ୍ଷୀରେ ଶ୍ରୀମନ୍ଦିର ଓ ଆଦ୍ୟପର୍ବ ଶୀର୍ଷକରେ ନୟାଗଡ଼ର ବର୍ଷୀୟାନ ଗବେଷକ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ଦାଶ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ବର୍ଷୀୟାନ ସାଧକ ଶ୍ରୀଯୁକ୍ତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ନିବେଦିତା ମହାପାତ୍ର ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଅତିଥି ଭାବରେ ସିଦ୍ଧାର୍ଥ ଭକ୍ତିର ବାଦୀପାଲାର ବିଚାରକ ପଣ୍ଡିତ ନିରଞ୍ଜନ ସାହୁ ଯୋଗଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ କୁମାରୀ ଭାର୍ଗବୀ ରାଉତ ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରିଥିବାବେଳେ ଶିକ୍ଷାବିତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ ।

## ଜମି ଓ ଗୃହ ଯୋଗାଇଦେବାକୁ ଲୋଧା ଜନଜାତିର 'ଚାନ୍ଦୁ' କଲେ ଗୁହାରି

ଉଦଳା, ୦୬/୫ (ନି.ପ୍ର): ଉଦଳା ବ୍ଲକର ପାଟଣାଶିପୁର ପଂଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମର ଝରଣାସାହି ଠାରେ ବସବାସ କରୁଥିବା ଲୋଧା ଜନଜାତିର ସ୍ୱର୍ଗତଃ ଦୁଲୁ ନାଏକଙ୍କର ୭୮ବର୍ଷ ବୟସର ପୁତ୍ର ଚାନ୍ଦୁ ନାଏକ ସମ୍ପୂର୍ଣ୍ଣ ଭୂମିହୀନ ହୋଇଥିବାରୁ ଆବାସ ଯୋଜନାରେ ସେ ଘର ପାଇପାରୁନଥିବାର ଜଣାଇଛନ୍ତି । ସେହିପରି ବୟସ ଅଧିକ ହୋଇଯାଇଥିବାରୁ ସେ ଆଗଭଳି ଖଟିପାରୁନଥିବାର କହିଛନ୍ତି ତେବେ ତାଙ୍କୁ ମୁଣ୍ଡଗୁଞ୍ଜିବା ପାଇଁ ଜମି ଓ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବାକୁ ଗୁହାରି ଜଣାଇଛନ୍ତି । ସ୍ୱେଚ୍ଛାସେବି ରାମଚନ୍ଦ୍ର ସିଂ ମଧ ବିଭାଗୀୟ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ ଜଣାଇଛନ୍ତି ।

## ସର୍ଟ ସର୍କିଟ ଯୋଗୁ ଅକାଳରେ ଚାଲିଗଲା ସ୍ୱାମୀ, ସ୍ତ୍ରୀ ଏବଂ ନାତୁଣୀର ଜୀବନ

ଖୋର୍ଦ୍ଧା, ୦୬/୫ (ନି.ପ୍ର): ଖୋର୍ଦ୍ଧା ବ୍ଲକ ବ୍ରଜମୋହନପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ଗୋଟିଏ ପରିବାରରୁ ତିନୋଟି ଅମୂଲ୍ୟ ଜୀବନ ସର୍ଟ ସର୍କିଟ ଘଟି ଚାଲିଗଲା ଓ ସୂଚନା ମୁତାବକ ଗୋପୀନାଥପୁରର ବିଶ୍ୱନାଥ ବେହେରା, ବୟସ - ୬୮ ବର୍ଷ, ତାଙ୍କ ପତ୍ନୀ ଶ୍ରୀମତୀ ସୁଲଚନା ବେହେରା, ବୟସ - ୬୧ବର୍ଷ ଭୁବନେଶ୍ୱର ଲକ୍ଷ୍ମୀସାଗର କେନାଲ ରୋଡ଼ ରେ ଥିବା ବାସନ୍ତି ଭିଲ୍ଲା ଆପାର୍ଟମେଣ୍ଟରେ ରହି ଦିନ ମଜୁରିଆ ଭାବେ କାମ କରୁଥିଲେ ତାଙ୍କ ପାଖରେ ତାଙ୍କ ସାନ ପୁଅର ଝିଅ ତେଜସ୍ୱିନୀ, ବୟସ -୯ବର୍ଷ ରହୁଥିଲେ ଓ ସମସ୍ତେ ସବୁଦିନ ପରି ଗତ ମଙ୍ଗଳବାର ରାତିରେ ଖିଆପିଆ ସାରି ଶୋଇଥିବା ସମୟରେ ବିଶ୍ୱନାଥ ଓ ତାଙ୍କ ପରିବାର ରହୁଥିବା ତଳ ମହଲଓରେ କୌଣସି କାରଣରୁ ସର୍ଟ ସର୍କଟ ଘଟି ନିଆଁ ଲାଗିଯାଇଥିଲା ଫଳରେ ଅଗ୍ନିକାଣ୍ଡ ରେ ବିଶ୍ୱନାଥଙ୍କ ସହ ତାଙ୍କ ପତ୍ନୀ ଏବଂ ନାତୁଣୀଙ୍କ ଶରୀର ସମ୍ପୂର୍ଣ ଜଳି ଯାଇଥିଲା ଅଗ୍ନିଶମ ଟିମ ତାଙ୍କୁ ଉଦ୍ଧଓରକରି ଡାକ୍ତର ଖାନାକୁ ନେଇଯାଇଥିଲେ, ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିବା ସହ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ଅପମୃର୍ତ୍ତ୍ୟୁ ମାମଲା ରୁଜୁ କରି ଘଟଣା ସମ୍ପର୍କରେ ତଦନ୍ତ ଚଳାଇଛି ଓ ଏହି ସମ୍ବେଦିନ ଶିଳ ଘଟଣା ପାଇଁ ଗୋପୀନାଥପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ରାଜ୍ୟ ଯୁବ ମୋର୍ଚ୍ଚା ସଭାପତିଙ୍କୁ ବାଲେଶ୍ୱରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ବାଲେଶ୍ୱର, ୦୬/୫ (ନି.ପ୍ର): ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଶ୍ରୀ ଅଭିଲାଷ ପଣ୍ଡା ବାଲେଶ୍ୱର ଆସିଥିଲେ। ବାରିପଦା ଗସ୍ତରେ ଥିବା ସମୟରେ ବାଲେଶ୍ୱର ସର୍କିଟ ହାଉସ ଠାରେ କିଛି ସମୟ ଅତିବାହିତ କରିଥିଲେ। ବାଲେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହନ୍ତଙ୍କ ସହ ଯୁବମୋର୍ଚ୍ଚା ଭାଇମାନେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ପରେ ଶ୍ରୀ ପଣ୍ଡା ସମସ୍ତ ଯୁବ କର୍ମୀଙ୍କୁ ସାକ୍ଷାତ କରିବା ସହିତ ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ବୃହତ୍ ବିଜୟ ପାଇଁ ବାଲେଶ୍ୱରରୁ ଯାଇ ବିଜେପିର ପ୍ରଚାର କରିଥିବା ସମସ୍ତ



ଯୁବ କାର୍ଯ୍ୟକର୍ତ୍ତାଙ୍କୁ ଫୁଲତୋଡ଼ା ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଉତ୍ତର ବାଲେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ଫାଲଗୁନି ପାଣିଗ୍ରାହୀ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଶ୍ରୀ ଶଶୀକାନ୍ତ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଦେବାଶିଷ ଆଚାର୍ଯ୍ୟ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଶ୍ରୀ ବିଶ୍ୱଜିତ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ଶ୍ରୀ ସୁବ୍ରତ ବିଶ୍ୱାଳ, ରାଜ୍ୟ ଯୁବମୋର୍ଚ୍ଚା ମିଡିଆ ସଂଯୋଜକ ସୋମ୍ୟାଜିତ ମହାପାତ୍ରଙ୍କ ସମେତ ପବନ କାମିଲା, ପ୍ରତାପ ପ୍ରଧାନ, ଉମେଶ ବେହେରା, ଗୋପି ବଲ୍ଲବ ରାଉତ, ହରିଶ ଚନ୍ଦ୍ର ପ୍ରଧାନ, ଜୟଦେବ ଖୁଣ୍ଟିଆ, ଦିଲିପ ପାତ୍ର, ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରି ସତ୍ୟସାଇ ସେବା ସମିତିରେ ଇଶ୍ୱରଆତ୍ମା ଦିବସ ପାଳିତ

ନୀଳଗିରି, ୦୬/୫ (ନି.ପ୍ର): ଆଜି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମାତାଙ୍କର ତିରୋଧାନ ଦିବସକୁ ସାଇ ସଂଗଠନ ପକ୍ଷରୁ ଇଶ୍ୱର ଆତ୍ମା ଦିବସ ରୂପେ ପାଳନ କରାଯାଇଛି ।ଏହି ଅବସରରେ ସକକ୍ଷଳେ ନଗର ପରିକ୍ରମା, ଷୋଡ଼ଷ ଉପଚାର ପୂଜା ସହିତ ଦିବ୍ୟ ପ୍ରଶାନ୍ତିପତାକା ଉତ୍ତୋଳନ କରାଯାଇଥିଲା। ପରେ ସମିତିଗୃହରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ପ୍ରଚଣ୍ଡ ଗରମ ସତ୍ତ୍ୱେ ୧୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।ଅପରାହ୍ନରେ ଆଧାତ୍ମିକ ଆଲୋଚନା ପରେ ବକ୍ଷଳବିକାଶ ପିଲାମାନଙ୍କ ଅବିଭାବକଙ୍କ ସହ ଆଧାତ୍ମିକ ଆଲୋଚନା,ବେଦପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଏହାଦ୍ୱାରା ପିଲାଙ୍କ ବୌଦ୍ଧିକ ଜ୍ଞାନ ଆହରଣ କରି ନିଜର ଚରିତ୍ରଗଠନ କରିବକ୍ଷସହିତ ସଂସ୍କାର ମାର୍ଗରେ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ନୀଳଗିରି ସେବାସମିତିର ୯ଗୋଟି ଭଜନ ମଣ୍ଡଳୀର ସାଇପ୍ରେମୀ ମାନେ ଯୋଗଦାନ କରି ବିଭୁକୃପା ଲାଭ କରିଥିଲେ। ଶେଷରେ ପ୍ରସାଦସେବନ କରି ଆତ୍ମସନ୍ତୋଷ ଲାଭ କରିଥିଲେ।

## କମିଶନରେଟ୍ ପୋଲିସ ପକ୍ଷରୁ ପୋଲିସ ଅଧିକାରୀଙ୍କ ପାଇଁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଭୁବନେଶ୍ୱର, ୦୬/୫ (ନି.ପ୍ର): ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ପକ୍ଷରୁ ଆଜି (ବୁଧବାର) ରିଖରେ ପୋଲିସ ଅଧିକାରୀମାନଙ୍କ ପାଇଁ 'ଇନଭେଷ୍ଟିଗେସନ୍ ଅଫ୍ ଏନଡିପିଏସ୍ କେସେସ୍ ' ଶୀର୍ଷକ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ଆୟୁକ୍ତ ନରସିଂହ ଭୋଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ବିପିଏସପିଏ , ଭୁବନେଶ୍ୱରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆକାଶ ଚନ୍ଦ୍ର ସାହୁ, ବିଶେଷଜ୍ଞ ଭାବେ ଯୋଗଦେଇଥିଲେ।

# ଓଡ଼ିଶା ରକ୍ତଦାତା ସଂଘର ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ବୈଠକ

ବସ୍ତା , ୦୬/୫ (ନି.ପ୍ର): ଓଡ଼ିଶା ରକ୍ତଦାତା ସଂଘ ଆନୁକୁଲ୍ୟରେ ସଂଘର ପ୍ରତିଷ୍ଠା ଦିବସ ପାଳନ ପାଇଁ ରୂପସାସ୍ଥିତ ନାଇସର୍ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସଂଘର ସଭାପତି ଭିକାରୀ ଚରଣ ମିସ୍ତ୍ରୀ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଆସନ୍ତା ମେ ମାସ ୮ ତାରିଖ ଦିନ ବସ୍ତାରେ ଅନୁଷ୍ଠିତ ହେବ ବୋଲି ସଙ୍ଗଠନର




ଆବାହକ ସୁଧାକର ଗିରି ସୂଚନା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଉପସଭାପତି ଗନ୍ଧମାର୍ଦ୍ଦନ ଦେହୁରୀ ଓ ପୂର୍ଣ୍ଣଚନ୍ଦ୍ର ବେହେରା ପରିଚାଳନା କରିଥିଲେ ।ସଦସ୍ୟ ଜିତେନ୍ଦ୍ର କୁମାର ପ୍ରଧାନ, ନିରଞ୍ଜନ ବାରିକ, ଅଧାପକ ଗୌରାଙ୍ଗ ପଣ୍ଡା ଓ ପୂର୍ଣ୍ଣ ଚନ୍ଦ୍ର ବେହେରା ପ୍ରମୁଖ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ ସ୍ୱେଚ୍ଛା ରକ୍ତଦାନ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶେଷରେ ଅଧାପକ ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# କବି ସଦାନନ୍ଦ ସାହୁଙ୍କ ସ୍ମୃତିରେ କବିତା ପାଠୋତ୍ସବ ଓ ସ୍ମୃତିଚାରଣ

ଭଦ୍ରକ, ୦୬/୫ (ନି.ପ୍ର): ପ୍ରକୃତି, ପରିବେଶ, ଜୀବନଧର୍ମୀ, ଦେଶାତ୍ମବୋଧକ, ଲୋକ ସଂସ୍କୃତି, ଲୋକ ପରମ୍ପରା, ସଙ୍ଗୀତ, କବିତା ସ୍ରଷ୍ଟାଙ୍କୁ ଅମର କରିଥାଏ। ଭାଷା ସାହିତ୍ୟ ସମାଜକୁ ବିକାଶଶୀଳ କରିବାରେ ସକ୍ଷମ ହୋଇପାରିବ। ଏକଦା ମହାତ୍ମା ଗାନ୍ଧୀ କହିଥିଲେ, ଗୋଟିଏ ଜାତି ବା ପ୍ରଦେଶକୁ ଜାଣିବାକୁ ହେଲେ ପ୍ରଥମେ ସେ ଅଞ୍ଚଳର ଭାଷା ଏବଂ ଭାଷାର ସ୍ରଷ୍ଟାଙ୍କୁ ଜାଣିବା। ସେମାନଙ୍କୁ ସର୍ବଗ୍ରେ ସମ୍ମାନ ଦେବା ଏକାନ୍ତ ଆବଶ୍ୟକ ବୋଲି କବି ସ୍ୱର୍ଗତ ସଦାନନ୍ଦ ସାହୁଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭାରେ ବକ୍ତାମାନେ କହିଥିଲେ। ଚରମ୍ପା ଆରସିବିଏଲ୍ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ କବିଙ୍କ ବାସଭବନରେ ଶିକ୍ଷାବିତ୍ ତଥା ପ୍ରାବନ୍ଧିକ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱ ଓ ଚରମ୍ପା ସାହିତ୍ୟ ମଞ୍ଚ ସମ୍ପାଦକ ବାବୁଲାଲ ଦାସଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଡେପୁଟି




କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ କବି ସଦାନନ୍ଦ ସାହୁଙ୍କ କବିତାର ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖୁଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ କବି ଇଂ ଅଭୟ ସୁତାର, ବରେଣ୍ୟ ବକ୍ତା ଭାବେ ଡ଼. ରାଧାରାଣୀ ମହାପାତ୍ର,ବାବା ଆଖଣ୍ଡଳମଣି କଲେଜ ଅଧକ୍ଷ ନିହାର ରଞ୍ଜନ କର, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖୁଲାର, ପ୍ରାକ୍ତନ ଅଧକ୍ଷ ଶିବଚରଣ ଖାମୁରାଇ, ଡା ଅନିଲ କୁମାର ଦାଶ କବି ସଦାନନ୍ଦ ସାହୁ ଥିଲେ ବହୁ ପ୍ରତିଭାର ଅଧିକାରୀ ଥିଲେ କହିଥିଲେ ଏହି ଅବସରରେ କବିତା ସଂଯୋଜନା କରିଥିଲେ କବି ବିଜୟ ବହଳି,ନାରାୟଣ ପ୍ରଧାନ, ନାରାୟଣ ଚନ୍ଦ୍ର ପାଢ଼ୀ,କବୟତ୍ରୀ ମମତା ରାଣୀ ଦାଶ, ଗୀତାଞ୍ଜଳି ଅଗସ୍ତି, ମନୋରମା ରାୟ ରମେଶ ଚନ୍ଦ୍ର ସ୍ୱାଇଁ ଓ କବିତା ପାଠ କରିଥିଲେ ରମେଶ ଦାସ, ବିପ୍ଲବ ହୋତା, ଅବନି ପ୍ରଧାନ, ପ୍ରବୋଧ ଅଗସ୍ତି। ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତାରି ମହାପାତ୍ର, ନାରାୟଣ ବିଶ୍ୱାଳ, ଶାସଧର ଉପାଧ୍ୟୟ , ରମେଶ ପାଗଳ ଓ ଝିଅ ଚଗଲି ଓ ଟିକନ, ଜ୍ୱାଇଁ ବିଜୟ ଓ ଦେବ ପତ୍ନୀ ଗଙ୍ଗାରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କବି ସଦାନନ୍ଦ ସାହୁଥିଲେ ଅମ୍ଳାନ ପ୍ରତିଭା । ପ୍ରକୃତିର ଚିତ୍ରଣ, ପରିବେଶର ଗାଥା, ଦେଶାତ୍ମବୋଧକ ଭାବଧାରା ଏବଂ ଲୋକ ପରମ୍ପରାର ଚିତ୍ରଣ ତାଙ୍କ କବିତାରୁ ବାରିହୋଇ ପଡୁଥିଲା। ୩୦ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଶେଷରେ ବିନୋଦ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଖିଳ ଭାରତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ବିଭାଗ ତରଫରୁ ପ୍ରଶିକ୍ଷଣ ଶିବିର ଆୟୋଜିତ

ଭୁବନେଶ୍ୱର, ୦୬/୫ (ନି.ପ୍ର): ଅଖିଳ ଭାରତୀୟ ଗଣମାଧ୍ୟମ ପକ୍ଷରୁ ଦିଲ୍ଲୀସ୍ଥିତ ଇନ୍ଦିରା ଭବନ ଠାରେ ସାରା ଦେଶର ଗଣମାଧ୍ୟମ ବିଭାଗ ଦାୟିତ୍ୱରେ ଥିବା ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତାମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ କରାଯାଇଥିଲା। ଉକ୍ତ ଶିବିରରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ଗଣମାଧ୍ୟମ ବିଭାଗର ମୁଖ୍ୟ ପଓ୍ୱନ ଖେରା, ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଭାରୀ ମନିସ ଶର୍ମା, ଅଖିଳ ଭାରତୀୟ ଯୁବ କଂଗ୍ରେସର ଗଣମାଧ୍ୟମ ବିଭାଗର ଅଧକ୍ଷ ବରୁଣ ପାଣ୍ଡେ, ଅଖିଳ ଭାରତୀୟ ଯୁବ କଂଗ୍ରେସର ସାମାଜିକ ଗଣମାଧ୍ୟମ ଅଧକ୍ଷ ଶ୍ରୀ ମନୁ ଜେନ୍ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଖିଳ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ କରୁନ୍ ଚୌରା ସିହା ପରିଚାଳନା କରିଥିଲେ। ଶ୍ରୀ ପଓ୍ୱନ ଖେରା ଏହି ଶିବିରରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଗଣମାଧ୍ୟମ ହେଉଛି ଦେଶର ଚତୁର୍ଥ ସ୍ତମ୍ଭ। କଂଗ୍ରେସର କାର୍ଯ୍ୟକ୍ରମ ଏବଂ ରାହୁଲ ଗାନ୍ଧୀଙ୍କର ବାର୍ତ୍ତାକୁ ଲୋକମାନଙ୍କ ପାଖରେ ପହଂଚାଇବା ପାଇଁ ଯୁବ କଂଗ୍ରେସର ଗଣମାଧ୍ୟମ ବିଭାଗରେ କାର୍ଯ୍ୟ କରୁଥିବା ସଦସ୍ୟମାନେ ଗଣମାଧ୍ୟମ ବନ୍ଧୁମାନଙ୍କ ସହିତ ରହି ବାର୍ତ୍ତାକୁ ଜନସାଧାରଣ ପାଖରେ ପହଂଚାଇବାକୁ ପଡିବ। ଶ୍ରୀ ଖେରା ତାଙ୍କ ମନ୍ତବ୍ୟରେ ଆହୁରି ମଧ କହିଛନ୍ତି ଗଣମାଧ୍ୟମ ହେଉଛି ଲୋକମାନଙ୍କ ମାଧ୍ୟମ। ଦୁର୍ନୀତି, ଅନ୍ୟାୟ, ଅତ୍ୟାଚାର ଏବଂ ଯେକୌଣସି ସମସ୍ୟା ହେଲେ ମଧ ଗଣମାଧ୍ୟମରେ ଏହାର ସମାଧାନ ହୋଇପାରୁଛି। ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଶା ଯୁବ କଂଗ୍ରେସ ପକ୍ଷରୁ ଓଡ଼ିଶା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଏବଂ ଗଣମାଧ୍ୟମ ବିଭାଗର ସଂଯୋଜକ ସୁଦିପ ସାମଲ ଯୋଗ ଦେଇଥିଲେ।

# ଏ ଓ୍ୱାନ ପାଇଲେ ମେଧାବୀ ଛାତ୍ର ସମୀର ଜାନା

ବାସୁଦେବପୁର, ୦୬/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୁଡ଼ାମଣି କିଣୁ ଚରଣ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ର ସମୀର ରଞ୍ଜନ ଜାନା ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୫୪୦ ନମ୍ବର ରଖି ଏ ଓ୍ୱାନ ପାଇଛନ୍ତି ଓ ସଫଳତା ଲାଭ କରିଛନ୍ତି। ସମୀରଙ୍କ ପିତା ଶକ୍ତିପଦ ଜାନା ଓ ମାତା ପ୍ରତିମା ଜାନା। ଦିନକୁ ଆଠ ଘଣ୍ଟା ସମୀର ପାଠ ପଢିବାରେ ପରିଶ୍ରମ କରୁଥିଲେ। ବଡ଼ ହେଲେ ସେ ଜଣେ ଇଞ୍ଜିନିୟର ହୋଇ ଦେଶ ସେବା କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି। ଚୁଡ଼ାମଣି ଆଡିଆରେ



ତାଙ୍କର ଘର। ସମୀର ତାଙ୍କ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପିତା ମାତା ଓ ଗୁରୁଜନ ଙ୍କୁ ଏହି ସଫଳତାର ଶ୍ରେୟ ଦେବେ ବୋଲି କହିଛନ୍ତି। କଠିନ ପରିଶ୍ରମ,ଉପଯୁକ୍ତ କର୍ମ, ତ୍ୟାଗ, ନିଷ୍ଠା ଓ ସମୟାନୁବର୍ତ୍ତିତା ରହିଲେ ସମାଜର ପ୍ରତ୍ୟେକ ଛାତ୍ର ଛାତ୍ରୀ ଓ ପ୍ରତ୍ୟେକ ମଣିଷ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିବେ ବୋଲି ସମିର ନିଜର ମତ ପ୍ରକାଶ କରିଛନ୍ତି ।ଏହି ଅବସରରେ ସମିରଙ୍କୁ ଅନେକ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida